

ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା
ନମଃତସ୍ୟୈ ନମଃତସ୍ୟୈ ନମଃତସ୍ୟୈ ନମୋନମଃ ।

# ଆମର ପ୍ରୟାସ
AAMAR PRAYAS

PRGI NO - ORORI/26/A1298




ନୂଆଖାଇରେ ସମ୍ବଲପୁରକୁ ସିଏମଙ୍କ ବଡ଼ ଭେଟି; ଡପ୍ଲର ରାଡାର ସହ ଅନେକ ପ୍ରକଳ୍ପର କରିବେ ଲୋକାର୍ପଣ

ବର୍ଷ-୦୧,ସଂଖ୍ୟା-୧୭୪, ବୁଧବାର, ୧୬ ସେପ୍ଟେମ୍ବର ୨୦୨୬, ଭୁବନେଶ୍ୱର ମୂଲ୍ୟ - ଟ. ୫.୦୦ (ପୃଷ୍ଠା-୦୮) VOl- 01, Issue- 174 Wednesday , 16 Septeber 2026, Bhubaneswar, Rs. 5.00 (Page - 08)




## ନୂଆଁଖାଇର ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତିଙ୍କ ସମେତ ବିଶିଷ୍ଟ ବ୍ୟକ୍ତି

# ସମସ୍ତଙ୍କୁ ଅଭିନନ୍ଦନ ଓ ଜୁହାର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ଭୁବନେଶ୍ୱର: କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ମୁଁ ଦେଶବାସୀଙ୍କୁ ବିଶେଷକରି ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଅଛି। ନୂଆଁଖାଇ କେବଳ ଏକ ପାରଂପରିକ ପର୍ବ ନୁହେଁ, ପଂକ୍ତି ଭୋଜନ ଓ ବନ୍ଧୁମିଳନ ମାଧ୍ୟମରେ ସାମାଜିକ ଓ ପାରିବାରିକ ଆତ୍ମୀୟତାର ପ୍ରତୀକ ମଧ୍ୟ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜର ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି, କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଓ ଜୁହାର । ମା' ସମଲେଶ୍ୱରୀଙ୍କ କୃପାରୁ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଯାଉ ।ସେହିପରି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ନୂଆଁଖାଇ ଉପଲକ୍ଷେ ନିଜର ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି, ଏହି ପର୍ବ ମାଧ୍ୟମରେ ପାରସ୍ପରିକ ସୌହାର୍ଦ୍ଦ୍ୟ ଓ ସଂପ୍ରୀତି ଆହୁରି ସୁଦୃଢ଼ ହେବ ବୋଲି ମୋର ବିଶ୍ୱାସ। ନୂଆଁଖାଇ ଅବସରରେ ମୁଁ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଅଛି। ନୂଆଁଖାଇ ହେଉଛି ଏକତା, ସୌହାର୍ଦ୍ଦ୍ୟ ଓ ସଦ୍ଭାବନାର ପର୍ବ। ନବାନ୍ନ ସେବନ, ବନ୍ଧୁମିଳନ ଓ ଗୁରୁଜନଙ୍କ ପ୍ରତି ସମ୍ମାନର ପର୍ବ। ଏହି ପର୍ବ ସମସ୍ତଙ୍କୁ ମିଳିମିଶି କରି ରହିବାର ମହତ ବାର୍ତ୍ତା ଦେଉଛି। ଆଜିର ଏହି ମହାନ ଅବସରରେ ମା' ସମଲେଶ୍ୱରୀଙ୍କ ପାଖରେ ସମସ୍ତଙ୍କ ସୁଖ, ସମୃଦ୍ଧି ଓ ମଙ୍ଗଳ କାମନା କରୁଛି ।ଠିକ୍ ସେହିପରି ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ବି ନୂଆଁଖାଇର ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି,ଖୁସିର ବଡ଼ଖା ତିହାର୍ ସମ୍ କୁ ମୋର୍ ନୂଆଁଖାଇ ଜୁହାର୍ ।ଓଡ଼ିଶାର କୃଷିଭିତ୍ତିକ, ସାମାଜିକ ତଥା ସାଂସ୍କୃତିକ ଗଣପର୍ବ ପବିତ୍ର ନୂଆଁଖାଇ ଉପଲକ୍ଷେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ସମସ୍ତଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି ପାଇଁ ମାଁ ସମଲେଇଙ୍କ ନିକଟରେ ପ୍ରାର୍ଥନା କରୁଛି ।

ଖୁସିର ବଡ଼ଖା ତିହାର୍
ସମ୍ କୁ ମୋର୍ ନୂଆଁଖାଇ ଜୁହାର୍ ।
ଜୟ ମାଁ ସମଲେଇ

# ମା ସମଲେଇଙ୍କ ନିକଟରେ ଲାଗି ହେଲା ନବାନ୍ନ

ସମ୍ବଲପୁର: ପୂର୍ବ ନିର୍ଦ୍ଧାରିତ ସମୟରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା ସମଲେଇଙ୍କ ନିକଟରେ ଲାଗି ହେଲା ନବାନ୍ନ। ନୂଆଁଖାଇ ପାଇଁ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୀଠରେ ସ୍ୱତନ୍ତ୍ର ପ୍ରସ୍ତୁତି ହୋଇଛି। ମଙ୍ଗଳବାର ସକାଳ ୯ଟା ୪୦ରୁ ୯ଟା ୫୪ ମିନିଟ୍ ମଧ୍ୟରେ ମା'ଙ୍କଠାରେ ନୂଆଅନ୍ନ ଲାଗି ହୋଇଛି। ଘଣ୍ଟଘଣ୍ଟା ଧ୍ୱନି ପ୍ରକମ୍ପିତ ହେଉଛି ମନ୍ଦିର ପରିସର। ଏହାପରେ ସମଗ୍ର ପଶ୍ଚିମ ଓଡ଼ିଶାରେ ଘରେଘରେ ନୂଆଁଖାଇ ହେବ। ନୂଆଁ ଖାଇ ସାରିଲାପରେ ସାନମାନେ ବଡ଼ମାନଙ୍କୁ ମୁଣ୍ଡିଆମାରି ଆଶୀର୍ବାଦ ନେବାର ପରମ୍ପରା ରହିଛି। ନୂଆଁଖାଇ ପାଇଁ ସମଲେଶ୍ୱରୀ ମନ୍ଦିରକୁ ତିନି ପୂଜକଙ୍କ ଘରୁ ପ୍ରଥମେ ଭୋଗ ଆସିଥିଲା। ଗଣପର୍ବ ନୂଆଁଖାଇ ପାଇଁ ପଶ୍ଚିମ ଓଡ଼ିଶାରେ ଉତ୍ସବର ମାହୋଲ ଦେଖାଯାଇଛି। ବହୁ ଦୂରରୁ ଆସି ପହଞ୍ଚିଛନ୍ତି ପଶ୍ଚିମ ଓଡ଼ିଶାର ଲୋକେ। ପୁଣି ଥରେ ଭିଟାମାଟିରେ ଜମିଛି ଲୋକଙ୍କର ଗହଳି। ସଂପର୍କୀୟ ଆଉ ଆତ୍ମୀୟଙ୍କୁ ପାଖରେ ପାଇ ଲୋକମାନେ ଆତ୍ମ ବିଭୋରତାପରେ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ସହ ନବାନ୍ନ ଲାଗି ହୋଇଥିଲା। ଏହି ଅବସରରେ ନୂଆ ଚାଉଳ ସହିତ କ୍ଷୀରି, ପିଠା, ସାରୁଶାଗ ଲାଗି ହୋଇଛି।



ଏହା ପରେ ଲୋକେ ନିଜ ନିଜ ଘରେ କୁଳ ଦେବଦେବୀଙ୍କୁ ନୂଆଭୋଗ ଲାଗି କରି ନିଜେ ନୂଆ ଖାଇବେ। ସନ୍ଧ୍ୟାରୁ ନୂଆଁଖାଇ ଭେଟଘାଟ ଓ ଜୁହାର ବିଧି ଚାଲିବ ନିର୍ଦ୍ଧାରିତ ଲଗ୍ନରେ କ୍ଷେତ ପୂଜା, ଗୁରସ ରୁକା ଆଦି ପର୍ବ ପରେ ଇଷ୍ଟ ଦେବାଦେବୀ, ପିତୃପୁରୁଷଙ୍କୁ ନବାନ୍ନ ଲାଗି ହେବ। ଏହାପରେ ପରିବାରର ବରିଷ୍ଠ ସଦସ୍ୟ ଅନ୍ୟ ସମସ୍ତ ସଦସ୍ୟଙ୍କୁ ନବାନ୍ନ ଭୋଗ ପ୍ରଦାନ କରିବେ। ଏଥିପାଇଁ ଘରେଘରେ ନାନା ପିଠାପଣା ପ୍ରସ୍ତୁତି ସରିଲାଣି। ନୂଆଁଖାଇ ପର୍ବ ସମୟରେ ଅନେକ ଲୋକ ନୂଆଁ ଲୁଗା ପିନ୍ଧୁଥିବାରୁ ପୋଷାକ ଓ ଲୁଗା ଦୋକାନଗୁଡ଼ିକରେ ବି ଗତକାଲି ଭିଡ଼ ଦେଖିବାକୁ ମିଳିଥିଲା। ମଙ୍ଗଳବାର ମଧ୍ୟାହ୍ନରେ ନୂଆଁଖାଇ ପର୍ବ ଶେଷ ହେବା ପରେ ସନ୍ଧ୍ୟାରୁ ନୂଆଁଖାଇ ଭେଟଘାଟ ଓ ଜୁହାର ବିଧି ଚାଲିବ। ନୂଆଁଖାଇ ଭେଟଘାଟ ପରମ୍ପରା ଏବେ ବଦଳି ଯାଇଥିବାରୁ ଗାଁ ଗହଳିରୁ ନେଇ ଦେଶବିଦେଶରେ ବି ଏହାର ଝଲକ ଦେଖିବାକୁ ମିଳୁଛି। ଯେଉଁଠି ନାନା ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ସମ୍ବଲପୁରୀ ଭାଷା, ସଂସ୍କୃତି, ଗୀତ ଓ ନୃତ୍ୟ ଦର୍ଶକଙ୍କ ମନମୋହିବ।

# ରାଷ୍ଟ୍ରପତି ଭବନରେ ଗୁଞ୍ଜରିବ କୋରାପୁଟିଆ ଢେମସାର ତାଳ

## ନୂଆଁଖାଇ ଉତ୍ସବରେ କଳା ପ୍ରଦର୍ଶନ କରିବ କୋଟପାଡ଼ କଳା ବିକାଶ କେନ୍ଦ୍ର




ଜୟପୁର : ଦେଶର ସର୍ବୋଚ୍ଚ ସାମ୍ବିଧାନିକ ଭବନରେ ଝଙ୍କୃତ ହେବ କୋରାପୁଟର ପାରମ୍ପରିକ ଢେମସା ନୃତ୍ୟର ତାଳ। ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ପରିସରରେ ଆୟୋଜିତ ହେବାକୁ ଥିବା ନୂଆଁଖାଇ କାର୍ଯ୍ୟକ୍ରମରେ କୋରାପୁଟଜିଲ୍ଲା କୋଟପାଡ଼ର 'କଳା ବିକାଶ କେନ୍ଦ୍ର' ପକ୍ଷରୁ କୋରାପୁଟିଆ ଢେମସା ନୃତ୍ୟ ପରିବେଷଣକରାଯିବ। ଦଳପତି ସାଗର ବିଶୋୟୀଙ୍କ ନେତୃତ୍ୱରେ କଳାକାର ଦଳ ନୂଆଦିଲ୍ଲୀରେ ପହଞ୍ଚି ନିଜର ପ୍ରସ୍ତୁତି ସାରିଛନ୍ତି। ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ୍ରମେ ରାଷ୍ଟ୍ରପତି ଭବନରେ ଆୟୋଜିତ ଏହି ଉତ୍ସବରେ ଭାଗ ନେବା ପାଇଁ ଓଡ଼ିଶାରୁ ମନୋନୀତ ସାଂସ୍କୃତିକ ଦଳଗୁଡ଼ିକ ମଧ୍ୟରେ କୋଟପାଡ଼ କଳା ବିକାଶ କେନ୍ଦ୍ର ସ୍ଥାନ ପାଇଛି। ଆଦିବାସୀ ଅଧ୍ୟୁଷିତ କୋରାପୁଟ ମାଟିର ବାର୍ତ୍ତା ଓ ମହାନ ପରମ୍ପରାକୁ ଢେମସା ନୃତ୍ୟର ଛନ୍ଦ ମାଧ୍ୟମରେ କଳାକାରମାନେ ରାଷ୍ଟ୍ରପତି ତଥା ଉପସ୍ଥିତ ଅତିଥିମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବେ। କୋରାପୁଟର ମାଟି, ସଂସ୍କୃତି ଓ ନୃତ୍ୟଶୈଳୀ ଦେଶର ରାଜଧାନୀରେ ନୂଆଁଖାଇ ଭଳି ଗଣପର୍ବରେ ପରିବେଷିତ ହେବା ସମଗ୍ର ଜିଲ୍ଲା ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ବୁଦ୍ଧିଜୀବୀ ଓ କଳାପ୍ରେମୀ ମତ ପ୍ରକାଶ କରିଛନ୍ତି।

# କମୁଛି କେନ୍ଦ୍ରୀୟ ଅନୁଦାନ



ଭୁବନେଶ୍ୱର : ଚଳିତ ଆର୍ଥିକ ବର୍ଷରେ ଅଗଷ୍ଟ ଶେଷ ସୁଦ୍ଧା କେନ୍ଦ୍ରୀୟ ଅନୁଦାନ ବାବଦରେ ଓଡିଶାକୁ ପୂର୍ବ ବର୍ଷ ତୁଳନାରେ କମ୍ ଅର୍ଥ ମିଳିଛି । ବଜେଟ୍‌ରେ ଧାର୍ଯ୍ୟ କରାଯାଇଥିବା ଅର୍ଥର ମାତ୍ର ୧୧ ପ୍ରତିଶତ ମିଳିଛି ଯାହାକି ଗତ ଆର୍ଥିକବର୍ଷରେ ଏହି ସମୟରେ ମିଳିଥିବା ଅର୍ଥ ତୁଳନାରେ ୩ ପ୍ରତିଶତ କମ୍ । କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇବା ଏବେ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇଛି ।ରାଜ୍ୟ ବଜେଟ୍‌ରେ ଏକ ବଡ ଅଂଶ ହେଉଛି କେନ୍ଦ୍ରୀୟ ଅନୁଦାନ । ଚଳିତ ଆର୍ଥିକ ବର୍ଷର ବଜେଟ୍ ଆକଳନରେ ସମୟରେ କେନ୍ଦ୍ରରୁ ଏ ବାବଦରେ ୪୦ହଜାର କୋଟି ଟଙ୍କା ମିଳିବ ବୋଲି ଆକଳନ କରାଯାଇଥିଲା । ସେହି ଆଧାରରେ କେନ୍ଦ୍ରରୁ ଅର୍ଥ ମିଳିବାକଥା । ହେଲେ ଅଗଷ୍ଟ ସୁଦ୍ଧା ମିଳିଛି ୪୫୧୦ କୋଟି ଟଙ୍କା । ଏହା ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ମିଳିଥିବା ଅର୍ଥର ୩ ପ୍ରତିଶତରୁ କମ୍ ହୋଇଥିବାବେଳେ ୨୦୨୪ ବର୍ଷର ଏହି ସମୟ ମଧ୍ୟରେ ମିଳିଥିବା ଅର୍ଥ ତୁଳନାରେ ୧୨ ପ୍ରତିଶତରୁ କମ୍ ରହିଛି ।ଗତ ଆର୍ଥିକ ବର୍ଷରେ ଅଗଷ୍ଟ ଶେଷ ସୁଦ୍ଧା କେନ୍ଦ୍ରୀୟ ଅନୁଦାନ ଆକାରରେ ୪୬୫୧ କୋଟି ଟଙ୍କା ମିଳିଥିବାବେଳେ ୨୦୨୪ ଆର୍ଥିକ ବର୍ଷରେ ଅଗଷ୍ଟ ଶେଷ ସୁଦ୍ଧା କେନ୍ଦ୍ରରୁ ଅନୁଦାନ ବାବଦରେ ୫୩୧୭ କୋଟି ଟଙ୍କାରୁ ଅଧିକ ମିଳିଥିଲା । ହେଲେ ଚଳିତବର୍ଷ ଅନୁଦାନ ମିଳିବା ହ୍ରାସ ପାଇଛି ।ତେବେ କେନ୍ଦ୍ରରୁ ମିଳୁଥିବା ଅଂଶଧନ ଟିକସ ବାବଦୀୟ ଅର୍ଥ କିନ୍ତୁ ଅଧିକ ମିଳିଥିଲା ଜଣାଯାଇଛି । ବଜେଟ୍‌ରେ ଏବାବଦରେ କେନ୍ଦ୍ରରୁ ୬୭,୪୫୦ କୋଟି ଟଙ୍କା ମିଳିବ ବୋଲି ଆକଳନ କରାଯାଇଥିବାବେଳେ ଅଗଷ୍ଟ ଶେଷସୁଦ୍ଧା ମିଳିଛି ୨୬ହଜାର କୋଟିରୁ ଅଧିକ । ଏହା ଗତ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୯ ପ୍ରତିଶତ ଅଧିକ ରହିଛି ।ତେବେ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇଥିବାରୁ ଏବେ ରାଜ୍ୟରେ ବିଭିନ୍ନ କେନ୍ଦ୍ରୀୟ ପକଳ୍ପ ଓ ଯୋଜନା ଚଳାଇବା କଷ୍ଟକର ହୋଇପଡିବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି । କାରଣ ବହୁ ପ୍ରକଳ୍ପ ଏହି ଅର୍ଥ ଉପରେ ନିର୍ଭର କରୁଥିବାବେଳେ ସେଗୁଡିକ ରାଜ୍ୟ ସରକାର ପାଣ୍ଠିରୁ ଅର୍ଥ ଦେଇ ଚଳାଇ ରଖିବା କଷ୍ଟ ବ୍ୟାପାର ।ରାଜ୍ୟ ସରକାର ବଜେଟ୍‌ର ଆକାର ୩ଲକ୍ଷ କୋଟି ଟଙ୍କାରୁ ଅଧିକ କରିଥିବାବେଳେ ଏହାର ସିଂହଭାଗ କେନ୍ଦ୍ରୀୟ ଅର୍ଥ ଉପରେ ନିର୍ଭର କରୁଛି । କେନ୍ଦ୍ରୀୟ ଅଂଶଧନ ଟିକସ, ଅନୁଦାନ ବାବଦରେ ମିଳୁଥିବା ଅର୍ଥକୁ ଦୃଷ୍ଟିରେ ରଖି ବଜେଟ୍ ପ୍ରସ୍ତୁତ ହେବା ସହିତ ବିଭିନ୍ନ ପ୍ରକଳ୍ପ ଓ ଯୋଜନାର ରୂପରେଖ ପ୍ରସ୍ତୁତ ହୋଇଥାଏ । ବର୍ତ୍ତମାନ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଉଥିବାବେଳେ ଲଘୁ ଖଣିଜ ଦ୍ରବ୍ୟ, ବୃହତ୍ ଓ ମଧ୍ୟମ ଜଳସେଚନ ଆଦି କ୍ଷେତ୍ରରୁ ଆଦାୟ ଟିକସ ପୂର୍ବବର୍ଷ ତୁଳନାରେ ହ୍ରାସ ପାଉଥିବାରୁ ତାହା ଚିନ୍ତାର କାରଣ ହୋଇଛି ।

# ରୁପେ ଏବଂ ୟୁପିଆଇରେ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ନେଣଦେଣ

ଭୁବନେଶ୍ୱର: ଅନଲାଇନ୍ ଜରିଆରେ ଟଙ୍କା ନେଣଦେଣ କରୁଥିବା କୋଟି କୋଟି ଭାରତୀୟଙ୍କ ପାଇଁ ଖୁସି ଖବର ଆସିଛି । କେନ୍ଦ୍ର ସରକାର ୨୦୦୦ ଟଙ୍କା ପର୍ଯ୍ୟନ୍ତ ୟୁନିଫାଏଡ୍ ପେମେଣ୍ଟ୍ସ ଇଣ୍ଟରଫେସ୍ ବା ୟୁପିଆଇ ନେଣଦେଣକୁ ଦେୟ ମୁକ୍ତ କରିଛନ୍ତି । କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି



। ପେମେଣ୍ଟ ଆଣ୍ଡ୍ ସେଟେଲମେଣ୍ଟ ସିଷ୍ଟମ୍ ଆଇନ, ୨୦୦୭ର ୫୧ର ଧାରା ୧୦(କ) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି କେନ୍ଦ୍ର ସରକାର ଅନଲାଇନ୍ ଟଙ୍କା ନେଣଦେଣର ନିର୍ଦ୍ଦିଷ୍ଟ ସୀମା ଧାର୍ଯ୍ୟ କରିଛନ୍ତି । ରୁପେ (ଜଙ୍କଚବଛ) ଦ୍ୱାରା ପରିଚାଳିତ ଡେବିଟ୍ କାର୍ଡ ଏବଂ ୨୦୦୦ ଟଙ୍କା ପର୍ଯ୍ୟନ୍ତ ୟୁନିଫାଏଡ୍ ପେମେଣ୍ଟ୍ସ ଇଣ୍ଟରଫେସ୍ (ଟଚଓ) କାରବାରକୁ ସରକାର ଦେୟମୁକ୍ତ କରିଛନ୍ତି । ଏହି ନିର୍ଦ୍ଦିଷ୍ଟ ଅନଲାଇନ୍ ପେମେଣ୍ଟ ପଦ୍ଧତି ବ୍ୟବହାର କରି ଟଙ୍କା କାରବାର ଉପଭୋକ୍ତାଙ୍କ ଉପରେ କୌଣସି ବ୍ୟାଙ୍କ କିମ୍ବା ସିଷ୍ଟମ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ କୌଣସି ଶୁଳ୍କ ଲାଗୁ କରିବେ ନାହିଁ ।




# ବିରମିତ୍ରପୁରରେ ଘରେ ଚୋରି ମାମଲାର ପର୍ଦ୍ଦାଫାଶ, ୪ ଗିରଫ

ବିରମିତ୍ରପୁର: ସୁନ୍ଦରଗଡ଼ ଜିଲ୍ଲା ବିରମିତ୍ରପୁରରେ ଘରେ କବାଟ ଭାଙ୍ଗି ଚୋରି ମାମଲାର ପର୍ଦ୍ଦାଫାଶ କରିଛି ପୋଲିସ । ରାଇବୋଗା ରୋଡ୍‌ରେ ଘଟିଥିବା ଏହି ଚୋରି ମାମଲାରେ ୪ ଜଣଙ୍କୁ ଗିରଫ କରିଛି ପୋଲିସ । ସେମାନଙ୍କ ନିକଟରୁ ଚୋରି ହୋଇଥିବା ସୁନା ଓ ରୁପା ଅଳଙ୍କାର, ଗୋଟିଏ ଡେଲ୍ ଲାପଟପ୍ ଏବଂ କିଛି ଚୋରି ଟଙ୍କା ଜବତ ହୋଇଛି ।ଗତ ସେପ୍ଟେମ୍ବର ୯ ତାରିଖରେ ରାଇବୋଗା ରୋଡ୍‌ରେ ଘରେ ଚୋରି ହୋଇଥିବା ନେଇ ବିରମିତ୍ରପୁର ଥାନାରେ ଅଭିଯୋଗ ହୋଇଥିଲା ।ଅଭିଯୋଗକାରୀ ଓ ତାଙ୍କ ପରିବାର ସେପ୍ଟେମ୍ବର ୫ ତାରିଖରେ ଘରେ ତାଲା ପକାଇ କୋଲକାତା ଯାଇଥିଲେ । ସେପ୍ଟେମ୍ବର ୯ ତାରିଖରେ ଘରକୁ ଫେରିବା ପରେ ଘରର ଆଲମିରା ଓ ଭେଣ୍ଟିଲେଟର ଭଙ୍ଗା ଥିବା ଦେଖିଥିଲେ ।ଘର ଯାଞ୍ଚ କରିବା ପରେ ସୁନା ଓ ରୁପା ଅଳଙ୍କାର ଗୋଟିଏ ଲାପଟପ୍ ଏବଂ ନଗଦ ୧ ଲକ୍ଷ ୫୦ ହଜାର ଟଙ୍କା ଚୋରି ହୋଇଥିବା ଜଣାପଡ଼ିଥିଲା ।ଏନେଇ ବିରମିତ୍ରପୁର ଥାନାରେ କେସ୍ ନମ୍ବର ୪୦୭, ତାରିଖ ୯ ସେପ୍ଟେମ୍ବର ୨୦୨୬ରେ ଭାରତୀୟ ନ୍ୟାୟ ସଂହିତା ବା ଈଘଝର ଧାରା ୩୩୧(୪) ଓ ୩୦୫ ଅନୁଯାୟୀ ମାମଲା ରୁଜୁ ହୋଇଥିଲା ।ମାମଲାର ତଦନ୍ତ ସମୟରେ ପୋଲିସ ଚୋରି ଘଟଣାରେ ସମ୍ପୃକ୍ତ ଥିବା ୪ ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରିଥିଲା ।



# ୧ କୋଟି ୮୫ ଲକ୍ଷ ଠକେଇ : ସାଇବର ଠକେଇ ମାମଲାରେ ୧.୧୪ କୋଟିରୁ ଅଧିକ ଟଙ୍କା ଫେରସ୍ତ, ଜଣେ ଗିରଫ



ସୁନ୍ଦରଗଡ଼: ବିଜନେସ୍ ଇ-ମେଲ୍ ଠକେଇ ମାମଲାରେ ସୁନ୍ଦରଗଡ଼ ସାଇବର କ୍ରାଇମ୍ ଓ ଇକୋନୋମିକ୍ ଅଫେନ୍ସ ପୋଲିସକୁ ମିଳିଛି ବଡ଼ ସଫଳତା ।କୁଆଁରମୁଣ୍ଡା ର ଏକ୍ଟଙ୍ଗସଭୟବଙ୍କ ଚକ୍ସକ୍ଟହରମଫ୍ୱଶ୍ୱ ଚଙ୍ଗଫ୍ଟ. ଖଫ୍ୱୟ. ସହିତ ହୋଇଥିବା ପ୍ରାୟ ୧ କୋଟି ୮୫ ଲକ୍ଷ ଟଙ୍କାର ଠକେଇ ମାମଲାରେ ୧ କୋଟି ୧୪ ଲକ୍ଷ ୮୮ ହଜାର ଟଙ୍କା ଟ୍ରେସ୍ କରି ହୋଲ୍ଡ କରାଯାଇଥିଲା ।କୋର୍ଟଙ୍କ ଆଦେଶ ପରେ ଯାଞ୍ଚ ପ୍ରକ୍ରିୟା ଶେଷ କରି ଏହି ସମସ୍ତ ଟଙ୍କା ପୀଡ଼ିତ କମ୍ପାନୀର ଆକ୍ସିସ ବ୍ୟାଙ୍କ୍ ଖାତାକୁ ଫେରସ୍ତ କରାଯାଇଛି ।ଏହି ମାମଲାରେ ଉତ୍ତର ପ୍ରଦେଶର ହାପୁର ଜିଲ୍ଲାର ୨୬ ବର୍ଷୀୟ ଜୁବେର ଖାନଙ୍କୁ ସେପ୍ଟେମ୍ବର ୯ରେ ଗିରଫ କରାଯାଇଛି । ତାଙ୍କ ନିକଟରୁ ଦୁଇଟି ମୋବାଇଲ୍ ଫୋନ୍ ଓ ସିମ୍ କାର୍ଡ ଜବତ ହୋଇଛି ।ଅଭିଯୁକ୍ତଙ୍କୁ ଆଜି ସୁନ୍ଦରଗଡ଼ ଝଉଔଗ କୋର୍ଟରେ ହାଜର କରାଯାଇଛି । ଘଟଣାରେ ସମ୍ପୃକ୍ତ ଅନ୍ୟ ସହଯୋଗୀଙ୍କ ଚିହ୍ନଟ ଓ ଅବଶିଷ୍ଟ ଟଙ୍କା ଟ୍ରେସିଂ ପାଇଁ ତଦନ୍ତ ଜାରି ରହିଛି ।

# ଆନ୍ତର୍ଜାତିକ ଉପକୂଳ ପରିଷ୍କରଣ ଦିବସ ପାଇଁ ପଦକ୍ଷେପ

ପୁରୀ, - କେନ୍ଦ୍ର ସରକାରଙ୍କ ଦ୍ୱାରା ଆୟୋଜିତ ଆନ୍ତର୍ଜାତିକ ଉପକୂଳ ପରିଷ୍କରଣ କାର୍ଯ୍ୟକ୍ରମ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆରମ୍ଭ କରାଯାଇଛି । ପ୍ରାରମ୍ଭିକ




ପର୍ଯ୍ୟାୟରେ ପ୍ରାଥମିକରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରତି ବିଦ୍ୟାଳୟରେ ' ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର' ବିଷୟବସ୍ତୁକୁ ଆଧାର କରି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ବିଦ୍ୟାଳୟ ସ୍ତରରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଛି । ଏହି କାର୍ଯ୍ୟକ୍ରମ ଚଳିତ ମାସ ୧୨ ରୁ ୧୯ ତାରିଖ ପର୍ଯ୍ୟନ୍ତ ପରିଚାଳିତ ହେବ । ଏହି ଅବଧି ମଧ୍ୟରେ ପୁରୀ ଜିଲ୍ଲାର ଅସ୍ତରଙ୍ଗର ଜାହାନିଆ ଠାରୁ ବ୍ରହ୍ମଗିରି ର ମା ହରଚଣ୍ଡୀଙ୍କ ପୀଠ ମଧ୍ୟରେ ଥିବା ସାମୁଦ୍ରିକ ବେଳାଭୂମିର ଭିନ୍ନ ଭିନ୍ନ ଦିବସରେ ବିଭିନ୍ନ ସ୍ଥାନର ପରିଷ୍କରଣ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା କରାଯିବା ସହ ଆସନ୍ତା ତା ୧୭ ରିଖ ରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବରିଷ୍ଠ ଓ କନିଷ୍ଠ ଦୁଇ ଗୋଟି ବିଭାଗରେ ପ୍ରତି ବ୍ଲକ୍ ସ୍ତରରେ ଚିତ୍ରାଙ୍କନ, ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ଉପରୋକ୍ତ ବିଷୟବସ୍ତୁ କୁ ନେଇ କରାଯିବା ପାଇଁ ସ୍ଥିର କରାଯାଇଛି । ଏତଦ୍ ବ୍ୟତୀତ ବିଭିନ୍ନ ଶୋଭାଯାତ୍ରା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠାନ ପାଇଁ ମଧ୍ୟ ପଦକ୍ଷେପ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଛି ।ଏହି ସମସ୍ତ କାର୍ଯ୍ୟକ୍ରମ ପୁରୀ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ଭବମ୍ ପ୍ରଧାନ ଓ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ୍ ଙ୍କ ପରିଚାଳନା ତଥା ଜିଲ୍ଲାର ସମସ୍ତ ବିଇଓ , ପ୍ରଧାନ ଶିକ୍ଷକ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ମାନଙ୍କ ସହାୟତାରେ ସମାହିତ କରାଯିବାର ବ୍ୟବସ୍ଥା କରାଯାଇଛି । ଜିଲ୍ଲାର ଉପକୂଳସ୍ଥ ପ୍ରାୟ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କର ଛାତ୍ରଛାତ୍ରୀ ଓ ଶିକ୍ଷକ -ଶିକ୍ଷୟିତ୍ରୀ ମାନଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ମଦ ରାନ୍ଧିବା ସମୟରେ ପହଞ୍ଚିଗଲା ଅବକାରୀ ଦଳ,୨୩୧୦ ଲିଟର ମଦ ଜବତ

କଟକ : କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ ଶ୍ରୀ କରୁଣା ଶଙ୍କର ତିୱାରିଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଉପ-ଅଧୀକ୍ଷକ ଶ୍ରୀ ସିଂ.ଏଚ୍.ତିରୁପତି, ଆଠଗଡ଼ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଅବକାରୀ ନିରୀକ୍ଷକ ଶ୍ରୀ ଭକ୍ତବତ୍ସଳ ବର୍ମାଙ୍କ ନେତୃତ୍ୱରେ ଜିଲ୍ଲା ଅବକାରୀ ବିଭାଗର ଏକ ଦଳ ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଗ୍ରାମ ଏବଂ ନିକଟସ୍ଥ କାଜୁ ଜଙ୍ଗଲରେ ମିଳିତ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉରେ



ଆଠଗଡ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ଦଳ,ନରସିଂହପୁର ଅବକାରୀ ବିଭାଗ ଏବଂ କଟକ ସଦର -୩ ଅବକାରୀ ଥାନାର ସମସ୍ତ ଅଧିକାରୀ ସାମିଲ ହୋଇଥିଲେ । ଉକ୍ତ ଚଢାଉରେ ସମୟରେ ସର୍ବମୋଟ ୨୩୧୦ ଲିଟର ଦେଶୀ ମଦ ଜବତ କରିବା ସହ ୨୬୨୧୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି ଏବଂ ୫ ଗୋଟି ଅବକାରୀ ମାମଲା ରୁଜୁ କରାଯାଇଛି । ଏହି ଚଢାଉରେ ଅବକାରୀ ଉପ-ଅଧୀକ୍ଷକ ଆଠଗଡ, ଶ୍ରୀ ତିରୁପତି ଓ ନିରୀକ୍ଷକ ଶ୍ରୀ ବର୍ମାଙ୍କ ସହ ଆଠଗଡ଼ ଅବକାରୀ ଥାନା ସହକାରୀ-ନିରୀକ୍ଷକ ଶ୍ରୀ ତରୁଣ କୁମାର ପାତ୍ର,ଶ୍ରୀ ବାପି ସାହୁ, ଭାରପ୍ରାପ୍ତ ଅବକାରୀ ଅଧିକାରୀ ବାଙ୍କୀ ଅବକାରୀ ଥାନା, ଶ୍ରୀ ରାଜକିଶୋର ନାୟକ, ଭାରପ୍ରାପ୍ତ ଅବକାରୀ ଅଧିକାରୀ ନରସିଂହପୁର ଅବକାରୀ ଥାନା,ଶ୍ରୀ ଅକ୍ଷୟ କୁମାର ଜେନା, ଭାରପ୍ରାପ୍ତ ଅବକାରୀ ଅଧିକାରୀ କଟକ ସଦର -୩ ଅବକାରୀ ଥାନା ଙ୍କ ସମେତ କଟକ ଜିଲ୍ଲା ର ସମସ୍ତ ଅବକାରୀ ଥାନା ଅଧିକାରୀ ଓ ସମସ୍ତ କର୍ମଚାରୀମାନେ ସାମିଲ ହୋଇଥିଲେ ।

# ପୁରା ଉଆଁସ ପରମ୍ପରା ଶିଶୁଙ୍କୁ ଶିକ୍ଷା ଦେବାକୁ ସମ୍ବଲପୁରୀ ଡେରାରେ କାର୍ଯ୍ୟକ୍ରମ

ସମ୍ବଲପୁର: ପଶ୍ଚିମାଞ୍ଚଳ ଏକତା ମଞ୍ଚ ନାରୀ ଶକ୍ତି ପକ୍ଷରୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ପାରମ୍ପାରିକ ପୁରା ଉଆଁସ ବା ସପ୍ତପୁରୀ ଅମାବାସ୍ୟା ପାଳନ କରାଯାଇଛି । ଛୋଟ ପିଲାମାନେ ଭବିଷ୍ୟତ ସଂସାରର ଚଳଣୀକୁ ଖେଳ ମାଧ୍ୟମରେ ଶିକ୍ଷା ଦେବାପାଇଁ ଏହି ଉତ୍ସବ ପାଳନ କରାଯାଇଥାଏ । ଏହି ଦିନ ମା' ମାନେ ଝିଅମାନଙ୍କ ପାଇଁ ମାଟି ତିଆରି କୁଣ୍ଢିକାଞ୍ଚି ଖେଳିବା ପାଇଁ ଦେଇଥାନ୍ତି । ସେହିପରି ପୁଅପିଲାମାନେ କାଠ ଏବଂ ମାଟି ତିଆରି ବଳଦ, ହାତୀ,ଘୋଡା ଖେଳିଥାନ୍ତି । ତେବେ ସାଂସାରିକ ଜୀବନ ଜିଇଁବା ପାଇଁ ପିଲାଟି ଦିନରୁ ମା ବାପା ମାନେ ପୁଅଝିଅଙ୍କୁ ଏହି ପର୍ବ ମାଧ୍ୟମରେ ଶିକ୍ଷା ଦେବା ପାଇଁ ସମ୍ବଲପୁରୀ ଡେରାରେ ଏହି ପାରମ୍ପାରିକ ଉତ୍ସବ ବିଷୟରେ ସହରର ଶିଶୁ ମାନଙ୍କୁ ଶିକ୍ଷା ଦେବା ପାଇଁ ପୁରା ଉଁଆସ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଚାଉଁରପୁର, ଦେଉଲବନ୍ଧ ଏବଂ ମାନିକ ମୁଣ୍ଡାରୁ ଆସିଥିବା କୁନି ଝିଅ ପୁଅମାନେ ଚାଙ୍ଗୁଡିରେ ମୁଗ, ଗହମ, ଚଣା,ହୁରୁମ ଲଡୁ ଭଳି ବିଭିନ୍ନ ଖାଦ୍ୟ ସାମଗ୍ରୀ ସହ ଦେବାଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ । ଏହାପରେ ମହିଳା ସଦସ୍ୟା ଶିଶୁ ମାନଙ୍କୁ ବନ୍ଦାପନା



କରିଥିଲେ । ଏହାସହ କୁନିପୁଅମାନଙ୍କୁ ଚାଷବାସରେ ବ୍ୟବହୃତ ସାମଗ୍ରୀ ଗୁଡିକ ବିଷୟରେ ଅବଗତ କରାଯାଇଥିଲା । ଗାଁରେ ଧାନ ଅମଳ ପୂର୍ବରୁ ଚାଷବାସ ସହ ଜଡିତ ଗାଇ ବଳଦ ହଳ ନଙ୍ଗଳ, ଶଗଡ ବିଷୟରେ ଘରର ପୁଅମାନଙ୍କୁ ଖେଳ ମାଧ୍ୟମରେ ଶିକ୍ଷା ଦେବାସହ ଚାଷ ରେ ସାହାଯ୍ୟ କରୁଥିବା ବଳଦ ଏବଂ ଶ୍ରମିକ ମାନଙ୍କୁ ସମ୍ମାନ ଦିଆଯିବା ବିଷୟ ଏହି ଖେଳ ମାଧ୍ୟମରେ ଶିକ୍ଷା ଦିଆଯାଇଥିଲା ବୋଲି କହିଛନ୍ତି ନାରୀଶକ୍ତୀର ଲଳିତା ଭୋଇ । ପୂର୍ବରୁ ପୁରା ଉଆଁସ ପାଇଁ ମାଟି କାରିଗରମାନେ ବିଭିନ୍ନ ସାମଗ୍ରୀ ତିଆରି କରି ରୋଜଗାର କରୁଥିଲେ । କିନ୍ତୁ ଏବେ ଧିରେ ଧିରେ ଲୋକଙ୍କ ମନରୁ ପୁରାଉଆଁସ ପର୍ବ ଦୂରେଇ ଯାଉଥିବାରୁ ସମାଜ ବ୍ୟବସ୍ଥା ବି ଧିରେ ଧିରେ ବଦଳିବାରେ ଲାଗିଥିବା କହିଛନ୍ତି ସ୍ୱସ୍ତିକା ନାୟକ । ଆଗରୁ ଗାଁ ମାନଙ୍କରେ ସାପ୍ତାହିକ ବଜାରରେ ମାଟିର ହାତୀଘୋଡା ବିକ୍ରୀ ହେଉଥିବା ବେଳେ ଏସବୁ ବିଷୟରେ ବର୍ତ୍ତମାନର ପିଲାମାନେ ଆଦୌ ଜାଣିନାହାନ୍ତି । ସେଥିପାଇଁ ସେମାନଙ୍କ ଭିତରେ ଆମ ପରମ୍ପରା ବିଷୟରେ ଧାରଣା ଦେବାକୁ ଏହି ଚେଷ୍ଟା କରାଯାଇଥିବା ଝୁନୁ ତ୍ରିପାଠୀ କହିଥିଲେ । ଛୋଟ ଶିଶୁ ମାନେ ପାରମ୍ପାରିକ ଖେଳ ଖେଳିଥିବା ବେଳେ ସେମାନଙ୍କୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ନାରୀ ଶକ୍ତିର ଭୁମିସୁତା ମେହେର, ମୀନାକ୍ଷୀ ରାଉତ, ପଙ୍କଜିନୀ ବୈଠାରୁ, ସିପ୍ରା ଚକ୍ରବର୍ତ୍ତୀ, ସବିତା ନନ୍ଦ, ସବିତା ମେହେର, ଶୁକ୍ରବାରୀ ମେହେର , ସୀମା ନାଏକ, ସାଗରିକା ପରିଡ଼ା ସହଯୋଗ କରିଥିଲେ । ପୁରା ଉଆଁସ ଆୟୋଜନରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ରାହୁଲ୍ ଗୁପ୍ତା, ଦଶରଥ ମେହେର, ସୁବ୍ରତ ପ୍ରଧାନ, ଦେବୀ ପ୍ରସାଦ ଭୋଇ, ସନ୍ତୋଷ ବଢେଇ, ସୁଦାମ ମେହେର ଭବାନୀଶ ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

# ବରଗଡ଼ ଏକ ନର୍ସିଂହୋମ୍‌ରେ ଶିଶୁ ଅଦଳବଦଳ ଅଭିଯୋଗ

ବରଗଡ଼ ବରଗଡ଼ ଟାଉନ୍ ଥାନା ଅନ୍ତର୍ଗତ ଶକ୍ତିନଗରସ୍ଥିତ ଏକ ନର୍ସିଂହୋମ୍‌ରେ ନବଜାତ ଶିଶୁ ଅଦଳବଦଳର ଅଭିଯୋଗ ହୋଇଛି । ଏହି ଘଟଣା ସହରରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଏକ ଦମ୍ପତିଙ୍କ ଅଭିଯୋଗକ୍ରମେ ଟାଉନ୍ ଥାନାରେ କେସ୍ ନମ୍ବର ୫୫୯/୨୬ ରୁଜୁ ହୋଇଛି । ପୁଲିସ ଏ ଦିଗରେ ଅଧିକ ତଦନ୍ତ ଜାରି ରଖିଛି ।ଅଭିଯୋଗ ଅନୁସାରେ, ମେଲଛାମୁଣ୍ଡା ଥାନା ମଘା ଗ୍ରାମର ଶାନ୍ତିଲାଲ ଛତରିଆଙ୍କ ପତ୍ନୀ ସଂଗୀତା ଛତରିଆ ଗର୍ଭବତୀ ଥିବାରୁ ତାଙ୍କ ପ୍ରସବ ପାଇଁ ଗତ ଅଗଷ୍ଟ ୧୬ତାରିଖରେ ଉକ୍ତ ନର୍ସିଂହୋମରେ ଭର୍ତ୍ତି କରାଯାଇଥିଲା । ସେହିଦିନ ଅପରାହ୍ନରେ ଅସ୍ତ୍ରୋପଚାର କରି ପ୍ରସବ କରାଯାଇଥିଲା । ସଂଗୀତା ଉପର ମହଲାରଓଟିରେ ଥିବା ବେଳେ ଜଣେ ନର୍ସ ତଳ ମହଲାରୁ ଜଣେ ନବଜାତ ଶିଶୁକୁ ଘୋଡ଼ାଇ ଉପରକୁ ନେଇଥିଲେ । କିଛି ସମୟ ପରେ ପୁଣିଥରେ ଏକ ନବଜାତ ଶିଶୁକୁ ଉପର ମହଲାରୁ ତଳକୁ ଆଣିଥିଲେ । ଏହାର ୧୫ ମିନିଟ୍ ପରେ ସଂଗୀତାଙ୍କ ଏକ ଶିଶୁକନ୍ୟା ଜନ୍ମ ହୋଇଥିବା ନେଇ କର୍ମଚାରୀମାନେ କହିଥିଲେ । ତେବେ ନବଜାତ ଶିଶୁକୁ ଉପର ଓ ତଳ ମହଲାକୁ ନେବା ଆଣିବା ସମ୍ପର୍କରେ ପଚାରିବାରୁ ଶିଶୁକୁ ସଫାସୁତରା କରିବା ପାଇଁ ନିଆଯାଇଥିଲା ବୋଲି ନର୍ସ ଜଣକ କହିଥିଲେ । କିନ୍ତୁ ଏଥିରେ ଶାନ୍ତିଲାଲଙ୍କ ସନ୍ଦେହ ହୋଇଥିଲା । ଅଗଷ୍ଟ ୨୦ ତାରିଖରେ ଡିସଚାର୍ଜ ପରେ ୨୬ ତାରିଖରେ ପୁଣିଥରେ ଚେକଅପ୍ ପାଇଁ ସେମାନେ ନର୍ସିଂହୋମକୁ ଆସିଥିଲେ । ଏହି ସମୟରେ ହସ୍ପିଟାଲ୍ ରେଜିଷ୍ଟରରେ କିନ୍ତୁଗାଁ ନାମ ମଘା ବଦଳରେ ଖୁଣ୍ଟପାଲି ଲେଖା ହୋଇଥିବା ଦେଖିବାକୁ ପାଇଥିଲେ । ପରେ ତାହା ସଂଶୋଧନ କରାଯାଇ ମଘା କରାଯାଇଥିଲା । ଯାହାକୁ ନେଇ ଶାନ୍ତିଲାଲଙ୍କ ସନ୍ଦେହ ଆହୁରି ବଢ଼ିଥିଲା । ଏହି ଘଟଣାକୁ ନେଇ କିଛିଦିନ ତଳେ ଶାନ୍ତିଲାଲ ତାଙ୍କର ନବଜାତ ଶିଶୁକନ୍ୟାର ଡିଏନ୍ ପରୀକ୍ଷା କରାଇଥିଲେ । କିନ୍ତୁ ତାହା ଶାରିଲାଲ ଓ ସଂଗୀତାଙ୍କ ଡିଏନ୍ଏ ସହିତ ମେଳ ଖାଇ ନଥିଲା । ଏଣୁ ଶିଶୁ ଅଦଳବଦଳ ହୋଇଥିବା ନେଇ ସେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ନେଇ ପୁଲିସ ତଦନ୍ତ ଜାରିରଖିଛି ।

# ସୁଭଦ୍ରା ଯୋଜନା ଦିଗହରା : ଚାହା ଦୋକାନୀଙ୍କୁ କିଏ ଦର୍ଶାଇଲା ସରକାରୀ କର୍ମଚାରୀ



କଟକ : କଟକ ସହରରେ ସରକାରୀ ଯୋଜନା ଦିଗହରା ହେଉଥିବା ଜଣାପଡ଼ିଛି । ଅଭିଯୋଗ ଅନୁଯାୟୀ କଟକ ମହାନଗର ନିଗମ ୨୨ ନମ୍ବର ୱାର୍ଡ ଅନ୍ତର୍ଗତ ଦରଘା ବଜାର ଥାନା ଅନ୍ତର୍ଗତ ତିନିକୋଣିଆ ବଗିଚା ଅଞ୍ଚଳର ଶ୍ରୀମତୀ ବି ନିଳାଙ୍କ ପରିବାର ଏକ ଛୋଟ ଚାହା ଦୋକାନ ଦେଇ ପରିବାର ପ୍ରତିପୋଷଣ କରୁଥିବା ବେଳେ କେ ଏମ ସିର କିଏ ଓ କାହିଁକି ଏବଂ କାହା ସ୍ୱାର୍ଥରେ ବି ନିଳା ଜଣେ ସରକାରୀ କର୍ମଚାରୀ ବୋଲି ଦର୍ଶାଇଲା ଯାହା ଫଳରେ ସେ ସୁଭଦ୍ରା ଯୋଜନାରୁ ବଞ୍ଚିତ ହେଲେ । ଦୁର୍ଭାଗ୍ୟ ଓ ପରିତାପର ବିଷୟ ଏହିକି ବି ନିଳା ଜଣେ ଦାରିଦ୍ର୍ୟ ସୀମାରେଖା ପରିବାର ହୋଇ ଚାହା ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବାରୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସୁଭଦ୍ରା ଯୋଜନାର ଦୁଇଟି କିସ୍ତି ଟଙ୍କା ପ୍ରଦାନ କରାଯାଇଆସୁଥିଲା । ମାତ୍ର ବଡ ଦୁଃଖର ବିଷୟ କିନ୍ତୁ ତୃତୀୟ କିସ୍ତି ଠାରୁ ପଞ୍ଚମ କିସ୍ତି ପର୍ଯ୍ୟାୟର ଟଙ୍କା ଆଉ ଆସୁ ନାହିଁ । ଯଦ୍ଵାରା ସେ ସୁଭଦ୍ରା ଯୋଜନାର ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟର କଥା ଓଡ଼ିଶା ସରକାରଙ୍କ ସୁଭଦ୍ରା ଅଭିଯୋଗ ପ୍ରକୋଷ୍ଠ ଚିଠି ନମ୍ବର ୩୭୧୭୯୬୮୩୩୬୩୬ ତାରିଖ ୨୩-୧୦-୨୦୨୫ରେ ବି ନିଳା ଜଣେ ସରକାରୀ କର୍ମଚାରୀ ନୁହନ୍ତି ବୋଲି ଘୋଷଣା କରିଥିଲାବେଳେ ତାଙ୍କୁ କିଏ ଓ କାହିଁକି କାହା ପ୍ରରୋଚନାରେ ସରକାରୀ କର୍ମଚାରୀ ଦର୍ଶାଇ ସୁଭଦ୍ରା ଯୋଜନାରୁ ବଞ୍ଚିତ କଲେ ତାହାର ଉଚ୍ଚ ସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୁଳକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସୁଭଦ୍ରା ଅର୍ଥ ପାଇବାର ବ୍ୟବସ୍ଥା କରିବା ନିମନ୍ତେ କେଏମସି କମିଶନର ଦ୍ୱାରସ୍ଥ ହୋଇଛନ୍ତି ବି ନିଳାଙ୍କ ପରିବାର । ତାଙ୍କୁ ତୁରନ୍ତ ସୁଭଦ୍ରା ଟଙ୍କା ପ୍ରଦାନ କରିବାକୁ ସରକାରଙ୍କ ଠାରେ ଦାବୀ କରାଯାଇଛି ।

# ପଦ୍ମପୁରରେ ବୃହତ ପର୍ଯ୍ୟାବରଣ ସଚେତନତା ଅଭିଯାନ ୧୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ବିଶାଳ ପଦଯାତ୍ରା




ବରଗଡ ରଗଡ଼/ପଦ୍ମପୁର, : ପର୍ଯ୍ୟାବରଣ ସୁରକ୍ଷା ଓ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଝଚଉଈ), ଆଞ୍ଚଳିକ କାର୍ଯ୍ୟାଳୟ ସମ୍ବଲପୁର ଏବଂ ବରଗଡ଼ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ପଦ୍ମପୁରରେ ଏକ ବୃହତ ପର୍ଯ୍ୟାବରଣ ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି ।ଅଭିଯାନ ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ପଦ୍ମପୁର, ରାଜ ବୋରାସାମ୍ବର ହାଇସ୍କୁଲ ପଦ୍ମପୁର, ସରକାରୀ ଆର.କେ. ୟୁ.ଜି.ଏଚ୍.ଏସ୍. ବୁରୋମୁଣ୍ଡା ଓ ସରକାରୀ ହାଇସ୍କୁଲ ପାଇକମାଲରେ ଚିତ୍ରାଙ୍କନ, ବିତର୍କ, ପ୍ରବନ୍ଧ ଓ ସ୍ଲୋଗାନ ପ୍ରତିଯୋଗିତା କରାଯାଇଥିଲା ।ମୁଖ୍ୟ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଏବଂ ବରଗଡ଼ ସାଂସଦ ଶ୍ରୀ ପ୍ରଦୀପ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହାସହ ଏଡିଏମ୍ ପଦ୍ମପୁର ଶ୍ରୀମତୀ ସରୋଜିନୀ କୁଲୁ, ଆର୍ସିସିଏଫ୍ ସମ୍ବଲପୁର ଡା. ସମ୍ରାଟ ଗୌଡ଼, ଝଚଉଈ ସମ୍ବଲପୁରର ଆଞ୍ଚଳିକ ଅଧିକାରୀ ଡା. ସତ୍ୟନାରାୟଣ ନନ୍ଦ, ପଦ୍ମପୁର ଏନ୍ଏସି ନିର୍ବାହୀ ଅଧିକାରୀ ଶ୍ରୀ ଶ୍ରୀରାମ ଚନ୍ଦ୍ର ମାଝୀ ଓ ଉପଜିଲ୍ଲାପାଳ ଶ୍ରୀ ହେମସାଗର ଭୋଇଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ ।ଦିନର କାର୍ଯ୍ୟକ୍ରମ କେନ୍ଦ୍ରୀୟ ବିଦ୍ୟାଳୟ ଓ ରାଜ ବୋରାସାମ୍ବର ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ସହ ବୃକ୍ଷରୋପଣରୁ ଆରମ୍ଭ ହୋଇଥିଲା । ପରେ ପଦ୍ମପୁର ସହରରେ ବିଶାଳ ପର୍ଯ୍ୟାବରଣ ସଚେତନତା ପଦଯାତ୍ରା ହୋଇଥିଲା । ଏଥିରେ ପ୍ରାୟ ୧୫୦୦ ଛାତ୍ରଛାତ୍ରୀ, ଶିକ୍ଷକ ଓ ସାଧାରଣ ଜନତା ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ।ପରେ ପୁରୋହିତ କଲ୍ୟାଣ ମଣ୍ଡପରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା ।

# ସଙ୍ଗୀତ ନିଜକୁ ଅନନ୍ତ ଶାଶ୍ୱତ ସତ୍ତାରେ ହଜାଏ, କହିଲେ ଅତିଥି 'ପ୍ରଜାପତି' ପକ୍ଷରୁ ଆୟୋଜିତ ହେଲା ଗୀତି କବିତା ଆସର




ବାଲେଶ୍ୱର, : ଶିକ୍ଷା ଓ ଜ୍ଞାନର ଦିବ୍ୟଦୃଷ୍ଟି 'ପ୍ରଜାପତି'ର ସାହିତ୍ୟ ବିଭାଗ 'ଅକ୍ଷର'ର ସୃଜନ ଉଡ଼ାଣ 'ଉଚ୍ଚାରଣ' ପକ୍ଷରୁ ଗୀତ, ଗୀତିକାର ଓ ଗୀତିକବିଙ୍କୁ ନେଇ '୬ କବି / ୧୮ ଗୀତି' କାର୍ଯ୍ୟକ୍ରମ ଆତିଥ୍ୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରୁଥିବା ଲେଖକମାନଙ୍କର ଏହା ଏକ ସୃଜନ ମିଳନ ।ଏହି କାର୍ଯ୍ୟକ୍ରମକୁ 'ଉଚ୍ଚାରଣ'ରେ ସ୍ଥାନିତ ହୋଇଥିବା ଲେଖାମାନଙ୍କର ଲେଖକ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସେମାନଙ୍କୁ ଅନୁଷ୍ଠାନ ତରଫରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।ଆରମ୍ଭରେ 'ପ୍ରଜାପତି'ର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସ ଉତ୍ସବ ପରିଚାଳନା କରି ସୂଚନ ପ୍ରଦାନ କଲେ ଯେ 'ଉଚ୍ଚାରଣ' ଆମ ଜିଲ୍ଲାର ସାହିତ୍ୟର ବିଭିନ୍ନ ବିଭାଗରେ ଲେଖୁଥିବା ଲେଖକଙ୍କର ଏକ ମଧୁର ମିଳନ । ଅନୁଷ୍ଠାନ ତରଫରୁ ପ୍ରକାଶିତ ହୋଇଥିବା ସାହିତ୍ୟ ବୁଲେଟିନ 'ଉଚ୍ଚାରଣ'ର ସଂପାଦକ ଗଙ୍ଗାଧର ବିଶ୍ୱାଳ ସମ୍ପାଦକୀୟ କଥା ରଖିବା ପରେ ଅତିଥିମାନେ ବୁଲେଟିନ ଉନ୍ମୋଚନ କରିଥିଲେ ।ଏହି କାର୍ଯ୍ୟକ୍ରମରେ 'ଉଚ୍ଚାରଣ'ର ଲେଖକ ଅତିଥି ଭାବେ ଯୋଗ ଦେଇଥିବା ଗୀତିକବି ଓ ଗୀତିକାର ସମରେନ୍ଦ୍ରନାଥ ମହାପାତ୍ର, ଡ. ଦେବାଶିଷ ପାତ୍ର, ପୂର୍ଣ୍ଣେନ୍ଦୁ ଦାସ ମହାପାତ୍ର, ରବୀନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ଦାସ ଓ ଦୀପକ ବୋଷ ନିଜ ନିଜର ରଚନାକୁ ଦର୍ଶକଙ୍କ ସମ୍ମୁଖରେ ପାଠ କରିଥିଲେ । 'ପ୍ରଜାପତି'ର ଆବାହକ ବିପ୍ଳବ ଦାସ ମହାପାତ୍ର, ସଂଯୋଜକ ରାଜେଶ ଗିରି, କବି ମଧୁସୂଦନ ମିଶ୍ର, କବି ଅଭୟ ଦାସ, ଡ. ଦିଲ୍ଲୀପ ରଥ ଉତ୍ସବ ସଂପର୍କରେ ସଂକ୍ଷିପ୍ତ କଥା ରଖିଥିଲେ । ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ଅତିଥି ଗୀତିକାରଙ୍କ ଲେଖା ଗୀତକୁ ଗୁରୁ ସତ୍ୟରଂଜନ ମହାନ୍ତି, ଶ୍ୱେତାଲିସା ଶୁଭଦର୍ଶିନୀ, ସ୍ମୃତିସ୍ୱରୂପା ମିଶ୍ର, ପ୍ରୀତିକ୍ରିଷ୍ଟା ଦାସ ପ୍ରମୁଖ ଗାନ କରିଥିଲେ । ତପନ ବେହେରା ଓ ସୁଭାଷ ଚନ୍ଦ୍ର ସିଂହ ବାଦ୍ୟଯନ୍ତ୍ରରେ ସହାୟତା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅମରଜିତ ଦାସ, ପାର୍ଥସାରଥି ସାହୁ, ପ୍ରତିମା ତ୍ରିପାଠୀ, ସରସ୍ୱତୀ ଭୋଇ, ସନ୍ତୋଷ ଦଳେଇ ପ୍ରମୁଖ ପରିଚାଳନା କରିଥିଲେ ଓ ଶେଷରେ ରାଜେଶ ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।'ଉଚ୍ଚାରଣ'ର ପରବର୍ତ୍ତୀ ସଂସ୍କରଣ ନାଟକ, ନାଟ୍ୟକାର, ଅଭିନେତା, ଆଳାପ ଓ ସୃଜନକୁ ନେଇ ଆୟୋଜିତ ହେବ ବୋଲି ଅନୁଷ୍ଠାନ ତରଫରୁ ଘୋଷଣା କରାଯାଇଥିଲା ।

# ବାହୁବଳୀ ନୁହେଁ, ଜନବଳ ସହ ବରୀର ପ୍ରଗତି ପାଇଁ ସଦା ସର୍ବଦା ତତ୍ପର ଯୁବ ସଂଗଠକ ତଥା ଜନପ୍ରିୟ ନେତା ଶ୍ରୀ ରତିକାନ୍ତ ରାଜବଂଶୀ



ବରୀ ନିର୍ବାଚନ ମଣ୍ଡଳୀର ବିକାଶ, ଜନସେବା ଏବଂ ଗରିବ, ଅସହାୟ ଲୋକଙ୍କ ଆଶା ଓ ବିଶ୍ୱାସର ପ୍ରତୀକ, ଯୁବ ସଂଗଠକ ଶ୍ରୀ ରତିକାନ୍ତ ରାଜବଂଶୀଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶକ୍ରମେ 'ଟିମ୍ ରାଜବଂଶୀ' ଆରମ୍ଭ କରିବାକୁ ଯାଉଛି ଏକ ଐତିହାସିକ ସାମାଜିକ ଅଭିଯାନ ।ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ସେପ୍ଟେମ୍ବର ୧୭ ତାରିଖ ଜନ୍ମଦିବସକୁ ସ୍ମରଣୀୟ କରିବା ପାଇଁ ୧୭ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ନିରବଚ୍ଛିନ୍ନ '୩୦ ଦିନରେ ୩୦ଟି ସାମାଜିକ କାର୍ଯ୍ୟକ୍ରମ' ଅନୁଷ୍ଠିତ ହେବ । ମୋଦୀଜୀଙ୍କ ଜନ୍ମଦିବସକୁ କେବଳ ଉତ୍ସବ ନୁହେଁ, ବରଂ 'ସେବା ପକ୍ଷ' ଭାବେ ପାଳନ କରି ବରୀର ପ୍ରତ୍ୟେକ ନିରନ୍ନ, ବିପନ୍ନ ଓ ଆବଶ୍ୟକତା ଥିବା ଲୋକଙ୍କ ପାଖରେ ପହଞ୍ଚିବା ଟିମ୍ ରାଜବଂଶୀର ମୁଖ୍ୟ ଲକ୍ଷ୍ୟ ।ସାମାଜିକ ସେବା ଅଭିଯାନର ପ୍ରମୁଖ ୬ଟି ମୁଖ୍ୟ କାର୍ଯ୍ୟକ୍ରମ: ୧. ବ୍ୟାପକ ରିଲିଫ୍ ସାମଗ୍ରୀ ବଣ୍ଟନ: ବନ୍ୟା ବିପନ୍ନ ଓ ଗରିବ ପରିବାରମାନଙ୍କୁ ଆବଶ୍ୟକୀୟ ଖାଦ୍ୟ, ଶୁଖିଲା ଖାଦ୍ୟ ଓ ସାମଗ୍ରୀ ବଣ୍ଟନ । ୨. ମହା ରକ୍ତଦାନ ଶିବିର: ବରୀ ଅଞ୍ଚଳରେ ରକ୍ତର ଅଭାବ ଦୂର କରିବା ଏବଂ ମୁମୂର୍ଷୁ ରୋଗୀଙ୍କ ଜୀବନ ବଞ୍ଚାଇବା ପାଇଁ ସ୍ୱେଚ୍ଛାକୃତ ରକ୍ତଦାନ । ୩. ବୃକ୍ଷରୋପଣ ଅଭିଯାନ (ସବୁଜ ବରୀ): ପରିବେଶ ସୁରକ୍ଷା ପାଇଁ ବରୀର ବିଭିନ୍ନ ପଞ୍ଚାୟତରେ ହଜାର ହଜାର ବୃକ୍ଷରୋପଣ । ୪. ବନ୍ୟା ବାସହୀନଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍: ସାମ୍ପ୍ରତିକ ପ୍ରଳୟଙ୍କରୀ ବନ୍ୟାରେ ଘରଦ୍ୱାର ହରାଇଥିବା ନିଃସହାୟ ପରିବାରମାନଙ୍କୁ ନିର୍ମାଣ ଓ ପୁନରୁଦ୍ଧାର ସାମଗ୍ରୀ ଯୋଗାଇଦେବା । ୫. ରୋଜଗାର ସୃଷ୍ଟି ଓ ଆତ୍ମନିର୍ଭରଶୀଳତା: ପରିବାରର ମୁଖ୍ୟ ରୋଜଗାରିଆ ତଥା ଗରିବ ଲୋକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଆବଶ୍ୟକୀୟ ସାଧନ ଓ ନିଯୁକ୍ତି ସୁଯୋଗ ପ୍ରଦାନ । ୬. ପ୍ରତ୍ୟକ୍ଷ ଜନସମ୍ପର୍କ ଓ ବ୍ୟକ୍ତିଗତ ସହାୟତା: ବରୀର ଅତି ଗରିବ ଓ ଦୁଃଖୀ ପରିବାରମାନଙ୍କୁ ସାକ୍ଷାତ କରି ସେମାନଙ୍କ ସମସ୍ୟା ବୁଝିବା ସହ ତୁରନ୍ତ ଆର୍ଥିକ ଓ ନୈତିକ ସହାୟତା ଯୋଗାଇଦେବା ।(ଏହା ବ୍ୟତୀତ ଆଗାମୀ ଦିନରେ ଅନ୍ୟ ୨୪ଟି ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ପୂର୍ଣ୍ଣାଙ୍ଗ ସୂଚୀ 'ଟିମ୍ ରାଜବଂଶୀ' ପକ୍ଷରୁ ପ୍ରକାଶ କରାଯିବ ।)ସଙ୍କଟ ସମୟରେ ପ୍ରକୃତ ସେବକ: ଶ୍ରୀ ରତିକାନ୍ତ ରାଜବଂଶୀସାମ୍ପ୍ରତିକ ପ୍ରଳୟଙ୍କରୀ ବନ୍ୟା ସମୟରେ ଯେତେବେଳେ ବରୀର ପ୍ରତିନିଧି, ବର୍ତ୍ତମାନର ବିଧାୟକ ଏବଂ ଅନେକ ସ୍ୱାର୍ଥପର ନେତା ଜନସାଧାରଣଙ୍କୁ ଦୁଃଖସମୟରେ ଛାଡ଼ି ଆତ୍ମଗୋପନ କରିଥିଲେ ଓ ଜନସାଧାରଣଙ୍କ ସାମ୍ନା କରିବାକୁ ଭୟ କରୁଥିଲେ, ସେତେବେଳେ ଶ୍ରୀ ରତିକାନ୍ତ ରାଜବଂଶୀ ନିଜ ଜୀବନକୁ ବାଜି ଲଗାଇ ଜଳବନ୍ଦୀ ଅଞ୍ଚଳରେ ପହଞ୍ଚିଥିଲେ । ତୃଣମୂଳ ସ୍ତରରେ ସେବା: ପ୍ରତିଟି ବନ୍ୟାପୀଡ଼ିତ ଗାଁକୁ ଯାଇ ଲୋକଙ୍କ ଦୁଃଖ ବୁଝିବା ସହ ନିଜସ୍ୱ ପାଣ୍ଠିରୁ ବିପୁଳ ପରିମାଣର ଆର୍ଥିକ ଓ ରିଲିଫ୍ ସହାୟତା ଯୋଗାଇ ଦେଇଛନ୍ତି । ପ୍ରଶାସନିକ ସମନ୍ୱୟ: ସରକାରୀ ସ୍ତରରେ ତୁରନ୍ତ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସେ ଜିଲ୍ଲା ଓ ରାଜ୍ୟ ସ୍ତରୀୟ ଉଚ୍ଚପଦସ୍ଥ ସରକାରୀ ଅଧିକାରୀମାନଙ୍କ ସହ ଆଲୋଚନା କରି ବରୀବାସୀଙ୍କ ହକ୍ ପାଇଁ ଲଢ଼େଇ କରିଛନ୍ତି । ସଦାସର୍ବଦା ଜନସେବାରେ: ରତିକାନ୍ତ ରାଜବଂଶୀ କେବଳ ନିର୍ବାଚନ ସମୟର ନେତା ନୁହନ୍ତି, ବରଂ ଦୁଃଖ, ସୁଖ, ବନ୍ୟା ଓ ବାତ୍ୟା ପ୍ରତ୍ୟେକ ସଙ୍କଟରେ ବରୀବାସୀଙ୍କ ପାଖରେ ଠିଆ ହେଉଥିବା ଜଣେ ପ୍ରକୃତ ଜନନାୟକ ।ସେପ୍ଟେମ୍ବର ୧୭ରୁ ଆରମ୍ଭ ହେବାକୁ ଯାଉଥିବା ଏହି ୩୦ ଦିନିଆ ମହା ସେବା ଯଜ୍ଞକୁ ସଫଳ କରିବା ପାଇଁ 'ଟିମ୍ ରାଜବଂଶୀ'ର ପ୍ରତ୍ୟେକ କର୍ମକର୍ତ୍ତା ଓ ବରୀର ସମସ୍ତ ଯୁବବର୍ଗଙ୍କୁ ସାମିଲ ହେବାକୁ ଆହ୍ୱାନ ଦିଆଯାଉଛି ।ଆସନ୍ତୁ, ସେବା ଓ ସମର୍ପଣର ଏହି ମହାନ ଅଭିଯାନରେ ସାମିଲ ହୋଇ ବରୀର ଏକ ନୂତନ ବିକାଶ ଗାଥା ରଚନା କରିବା !

# CISCE ୧୯ ବର୍ଷରୁ କମ୍ ବାଳିକା ହକିରେ ଓଡ଼ିଶା ଜାତୀୟ ଚାମ୍ପିଅନ୍ ମୁକୁଟ ପିନ୍ଧିଛି




ରାଉରକେଲା/କୁଆରମୁଣ୍ଡା:ରାଞ୍ଚିରେ ଅନୁଷ୍ଠିତ ଏକ ରୋମାଞ୍ଚକର ଫାଇନାଲରେ ଉତ୍ତର ପଶ୍ଚିମକୁ ପରାସ୍ତ କରି ପ୍ରତିଷ୍ଠିତ ଉଓଝଉର ଜାତୀୟ ହକି ଟୁର୍ଣ୍ଣାମେଣ୍ଟ ୨୦୨୬ରେ ଓଡ଼ିଶା ୧୯ ବର୍ଷରୁ କମ୍ ବାଳିକା ବର୍ଗରେ ଜାତୀୟ ଚାମ୍ପିଅନ୍ ହୋଇଛି ।ଏହି ଚାମ୍ପିଅନ୍ସିପ୍ ସେପ୍ଟେମ୍ବର ୧୦ ରୁ ୧୨, ୨୦୨୬ ପର୍ଯ୍ୟନ୍ତ ଭାରତୀୟ ସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପରିଷଦ (ଉଓଝଉର)ର ବିହାର ଏବଂ ଝାଡ଼ଖଣ୍ଡ କ୍ଷେତ୍ର ଅଧୀନରେ ରାଞ୍ଚିର ମୋରାବଡିର ମାରଙ୍ଗ ଗୋମକେ ଜୟପାଲ ସିଂହ ଆଷ୍ଟ୍ରୋ ଟର୍ଫ ହକି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା ।ଜାତୀୟ ଟାଇଟଲ ଜିତିବା ଏବଂ ରାଜ୍ୟକୁ ଗୌରବ ଆଣିବା ପୂର୍ବରୁ ଓଡ଼ିଶା ଦଳ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଅସାଧାରଣ ଦକ୍ଷତା, ଦୃଢ଼ ପ୍ରତିବଦ୍ଧତା ଏବଂ ଦଳଗତ କାର୍ଯ୍ୟ ପ୍ରଦର୍ଶନ କରିଥିଲା ।ତାରା-ଷ୍ଟଡେଡ୍ ଚାମ୍ପିଅନ୍ସିପ୍ ଦଳିଜୟୀ ଓଡ଼ିଶା ୧୯ ବର୍ଷରୁ କମ୍ ଦଳରେ ସୁନ୍ଦରଗଡ଼ ଅଞ୍ଚଳର ଦୁଇଟି ସ୍କୁଲର ଖେଳାଳି ଥିଲେ ।ଡନ୍ ବସ୍କୋ ଇଂରାଜୀ ମଧ୍ୟମ ବିଦ୍ୟାଳୟ, କୁଆରମୁଣ୍ଡା: ମହିମା କୁଜୁର, ଆଲିଶା ଲାକଡା, କ୍ୟାଟ୍ରିନା ଜୋଜୋ, ଅଞ୍ଜଲି ମିନଜ, ସ ଙ୍କଞ୍ଚ ମ୍ୟ ରାନୀ କିଶନ, ଜସ୍ମିନ ହେମ୍ବ୍ରୋମ, ଦିଶା ବିଲଙ୍ଗ, ରିୟା ସ୍ମିଟି ସୋରେଙ୍ଗ ଏବଂ ସୁସ୍ମିତା ଭକ୍ତ ।ନିର୍ମଳା ଇଂରାଜୀ ବିଦ୍ୟାଳୟ, ରାଜଗଙ୍ଗପୁର: ସୁପ୍ରିୟା ବାଗ, ନେହା ବଦଙ୍ଗ, ଅଶ୍ୱିନୀ କୁଜୁର, ଲକ୍ଷ୍ମୀ ନାୟକ, ଅନ୍ୱେଶା ଏକକା, ଆପସରା ପଟ୍ଟାନାଇକ, ମିସେଲ କୁଜୁର, ସ୍ନେହା କୁଲୁ ଏବଂ ସ୍ନେହା କୁଲୁ।ପନ୍ତୁ: ଯୋଗାଣ ତାଲିକାରେ "ସ୍ନେହା କୁଲୁ" ନାମ ଦୁଇଥର ଦେଖାଯାଏ ଏବଂ ଯାଞ୍ଚ ଆବଶ୍ୟକ ହୋଇପାରେ ।ଖେଳାଳିମାନେ ଝଏରଓ ପାଇଁ ମନୋନୀତ ଖେଲୋ ଇଣ୍ଡିଆ ଉଦ୍ୟମରେ କ୍ରୀଡା ଏବଂ ଖେଳ ଫେଡେରେସନ୍ ଅଫ୍ ଇଣ୍ଡିଆ (ଝଏରଓ) ପାଇଁ ଅନେକ ପ୍ରତିଭାବାନ ଖେଳାଳି ଚୟନ ଦ୍ୱାରା ଏହି ସଫଳତା ଆହୁରି ଦୃ ଶ୍ୱଶ୍ୱଶ୍ୱରଭଶଶ୍ୱଷରଭରୟ ହୋଇଥିଲା ।ଅଣ୍ଡର -୧୪ ବାଳିକା ବର୍ଗରେ ରାଜଗଙ୍ଗପୁରର ନିର୍ମଳା ଇଂରାଜୀ ବିଦ୍ୟାଳୟର କାରୋଲିନା ଏକକା, ଆଲମା ଷ୍ଟେଲା ଟେଟେ, ସେଲିନା ଟିଗଗା ଏବଂ ନିଶି ଅନଶିକା ଚୟନ କରାଯାଇଥିଲା ।୧୭ ବର୍ଷରୁ କମ୍ ବାଳିକା ବର୍ଗରେ, କୁଆରମୁଣ୍ଡାର ଡନ୍ ବୋସ୍କୋ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅନିଶା ବୃହ୍ ଏବଂ ଷ୍ଟାଣ୍ଡବାଏ ଖେଳାଳି ନୀତିଶା କୁଜୁର, ରାଜଗାଙ୍ଗପୁରର ନିର୍ମଳା ଇଂରାଜୀ ବିଦ୍ୟାଳୟର ଅର୍ଚ୍ଚନା କେରକେଟ୍ଟା ଏବଂ କ୍ୟାଥେରିନ୍ ଏକ୍କା ଏବଂ ହାରିସନ୍ ଇଂରାଜୀ ବିଦ୍ୟାଳୟର କ୍ରେଜ୍ୟା କ୍ଷେସ୍ ସହିତ ମନୋନୀତ ହୋଇଥିଲେ ।୧୯ ବର୍ଷରୁ କମ୍ ବାଳିକା ବର୍ଗରେ, କୁଆରମୁଣ୍ଡାର ଡନ୍ ବୋସ୍କୋ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଆଲିଶା ଲାକାଡା ଏବଂ କାଟ୍ରିନା ଜୋଜୋ, ରାଜଗାଙ୍ଗପୁରର ନିର୍ମଳା ଇଂରାଜୀ ବିଦ୍ୟାଳୟର ନେହା ବାଡିଂ, ଅନନ୍ୱେଷା କୁଜୁର, ଅଶ୍ୱିନୀ ଏକ୍କା ଏବଂ ମିଶେଲ୍ କୁଜୁରଙ୍କ ସହିତ ମନୋନୀତ ହୋଇଥିଲେ ।ସମର୍ପିତ ଦଳ ପରିଚାଳନା ଏବଂ ପ୍ରଶିକ୍ଷକଙ୍କର ସଫଳତା ଯତ୍ନବାନ ଯୋଜନା, ଶୃଙ୍ଖଳିତ ପ୍ରସ୍ତୁତି ଏବଂ ପ୍ରଶିକ୍ଷକ ଦ୍ୱାରା ସମର୍ଥିତ ଥିଲା ।ବେଲାଇଗଡ଼ର ହାରିସନ୍ ଇଂରାଜୀ ବିଦ୍ୟାଳୟରୁ, ସାର୍ ସିଲବାନୁସ୍ ବାର୍ଲା ଦଳ ପରିଚାଳିକା ଭାବରେ କାର୍ଯ୍ୟ କରିଥିଲେ ଏବଂ ଦଳ ଗଠନ ଏବଂ ରଣନୈତିକ ଯୋଜନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।କୁଆରମୁଣ୍ଡାର ଡନ୍ ବୋସ୍କୋ ଇଂରାଜୀ ମାଧ୍ୟମ ବିଦ୍ୟାଳୟରୁ, ସାର୍ ସୁଦୀପ କୁଜୁର ଦଳ ପରିଚାଳିକା ଭାବରେ କାର୍ଯ୍ୟ କରିଥିଲେ, ଯେତେବେଳେ ମିସ୍ ଜ୍ୟୋତ୍ସ୍ନା ଲାକ୍ରା ଦଳ ପ୍ରଶିକ୍ଷକ ଥିଲେ ।ରାଜଗାଙ୍ଗପୁରର ନିର୍ମଳା ଇଂରାଜୀ ବିଦ୍ୟାଳୟର ପ୍ରତିନିଧିତ୍ୱ କରି, ସାର୍ ଜନ୍ ତିର୍କୀ ଦଳ ପରିଚାଳିକା ଏବଂ ମିସ୍ ଏମେଲଡା ତିର୍କୀ ଦଳ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ ।ବ୍ୟାଙ୍କ ଅଫ୍ ଇଣ୍ଡିଆ ସମର୍ଥନ ପ୍ରଦାନ କରିଛିଯୁବ ଖେଳାଳିମାନଙ୍କୁ ସ୍ଥାନୀୟ ସମ୍ପ୍ରଦାୟ ଏବଂ ଅନୁଷ୍ଠାନଗୁଡ଼ିକରୁ ମୂଲ୍ୟବାନ ସମର୍ଥନ ମଧ୍ୟ ମିଳିଥିଲା । ବ୍ୟାଙ୍କ ଅଫ୍ ଇଣ୍ଡିଆ, କୁଆରମୁଣ୍ଡା, ସ୍କୁଲର ପ୍ରତିଷ୍ଠା ଦିବସ ଅବସରରେ ଡନ୍ ବୋସ୍କୋ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପାଇଁ ଏକ ବୃତ୍ତିଗତ ଗୋଲକିପର କିଟ୍ ପ୍ରାୟୋଜିତ କରି ଦଳର ବିକାଶରେ ଅବଦାନ ଦେଇଥିଲା ।ଏହି ସମର୍ଥନ ଦଳର ପ୍ରସ୍ତୁତିକୁ ମଜବୁତ କରିବାରେ ସାହାଯ୍ୟ କରିଥିଲା ଏବଂ ଜାତୀୟ ସ୍ତରରେ ପ୍ରତିଯୋଗିତା କରୁଥିବା ଯୁବ ଖେଳାଳିଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିଥିଲା ।ବାଳିକା ଦଳ ବେଙ୍ଗାଲୁରୁ ଅଭିମୁଖେ ଯାତ୍ରା କରିବବାଳିକା ଦଳର ଐତିହାସିକ ସଫଳତା ପରେ, ଏବେ ପୁଅ ଦଳ ଉପରେ ଧ୍ୟାନ ଦିଆଯାଇଛି । ପୁଅ ଦଳଗୁଡ଼ିକ ସେପ୍ଟେମ୍ବର ୧୫ ରେ ଆଗାମୀ ଜାତୀୟ ଚାମ୍ପିଅନସିପରେ ଅଂଶଗ୍ରହଣ କରିବା ପାଇଁ ବେଙ୍ଗାଲୁରୁ ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି ।ଖେଳାଳିମାନେ ଜାତୀୟ ସ୍ତରରେ ରାଜ୍ୟକୁ ପ୍ରତିନିଧିତ୍ୱ କରିବା ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ଓଡ଼ିଶାର ଆଶା ଏବଂ ଶୁଭେଚ୍ଛା ବହନ କରିବେ ।

# ଯୋରନ୍ଦା ମହିମାଗାଦିରେ ନବାନ୍ନ ପର୍ବ

## ନୂଆ ଧାନରୁ ପ୍ରସ୍ତୁତ ହେଲା ନବାନ୍ନ,ହଜାର ହଜାର ସାଧୁ ସନ୍ନ୍ୟାସୀଙ୍କୁ ଅର୍ପଣ

ଢେଙ୍କାନାଳ : ଢେଙ୍କାନାଳ ଜିଲ୍ଲା ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମହିମାଗାଦିରେ ନବାନ୍ନ ପର୍ବ ରୀତିନୀତି ଓ ପାରମ୍ପାରିକ ବ୍ୟବସ୍ଥାରେ ଅନୁଷ୍ଠିତ ହୋଇଯାଇଛି ।ଏହି ପବିତ୍ର ପର୍ବ ଅବସରେର ଢେଙ୍କାନାଳ ଜିଲ୍ଲାର



ପ୍ରସିଦ୍ଧ ଯୋରନ୍ଦା ମହିମାଗାଦିରେ ମଧ ଦେଖିବାକୁ ମିଳିଛି ବଶେଷ ଅାୟୋଜନ । ନୂଆ ଧାନରୁ ପ୍ରସ୍ତୁତ ନୂଆ ଅନ୍ନ ମହାପ୍ରଭୁଙ୍କୁ ଅର୍ପଣ କରି ଶ୍ରଦ୍ଧା ଓ ଭକ୍ତିର ସହ ନୂଆଖାଇ ପର୍ବ ପାଳନ କରିଛନ୍ତି ।ପ୍ରତିବର୍ଷଭଳି ଚଳିତ ବର୍ଷ ମଧ ଯୋରନ୍ଦା ମହିମାଗାଦିରେ ଆଧ୍ୟାତ୍ମିକ ପରିବେଶ ମଧ୍ୟେର ନୂଆଖାଇ ପର୍ବ ପାଳିତ ହୋଇଯାଇଛି । ନୂଆ ଧାନରୁ ପ୍ରସ୍ତୁତ ଅନ୍ନକୁ ପ୍ରଥେମ ମହିମା ପ୍ରଭୁଙ୍କ ନିକଟେର ଅର୍ପଣ କରାଯାଇଥିଲା । ପରମ୍ପରା ଓ ଭକ୍ତିର ଏହି ପବିତ୍ର ଅବସରେର ମହିମା ଧର୍ମାବଲମ୍ବୀଙ୍କ ମଧ୍ୟେର ଦେଖିବାକୁ ମିଳିଥିଲା ଉତ୍ସାହ ।ନୂଆ ଅନ୍ନକୁ ପ୍ରଭୁଙ୍କୁ ଅର୍ପଣ କରିବା ପେର ଭକ୍ତମାେନ ପରସ୍ପରକୁ ନୂଆଖାଇର ଶୁଭେଚ୍ଛା ଜଣାଇଥିେଲ । ଭାଇଚାରା, ଏକତା ଓ ପରମ୍ପରାର ପ୍ରତୀକ ଏହି ପର୍ବ ଯୋରନ୍ଦା ମହିମାଗାଦିରେ ବେଶ୍ ଶ୍ରଦ୍ଧା ଓ ଆନନ୍ଦର ସହ ପାଳନ କରାଯାଇଛି ।ପୁରୁଣା ପରମ୍ପରାକୁ ଆଗକୁ ନେଇ ନୂଆ ଅନ୍ନକୁ ପ୍ରଭୁଙ୍କ ଚରଣେର ଅର୍ପଣ କରିବା ସହ ଜୋରନ୍ଦା ମହିମାଗାଦିରେ ନୂଆଖାଇ ପର୍ବ ପାଳନ ପାଇଛି ସ୍ୱତନ୍ତ୍ର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।

# କାମାକ୍ଷାନଗରେର ଦଶହରା ପାଇଁ ମାଟି ଅନୁକୂଳ

## ହିନ୍ଦୁ ମୁସଲିମ ଭାଇଚାରା ମଧ୍ୟେର ୬୯ ବର୍ଷରେ ପାଳନ ହେବ ଦଶହରା

କାମାକ୍ଷାନଗର : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରେର ଗଣପର୍ବ ଦଶହରା ପାଇଁ ମାଟି ଅନୁକୂଳ ହୋଇଛି ।ହିନ୍ଦୁ ମୁସଲିମ ଭାଇଚାରା ମଧ୍ୟେର ୬୯ବର୍ଷରେ ତରୁଣ ବଜାର ପୂଜା ପ୍ରତିଷ୍ଠାନ ଚଳିତ ବର୍ଷ ତାର ପୂଜା ଅାୟୋଜନ କରୁଥିବା ବେଳ ପୂଜା ପାଇଁ ବେଶ ଉତ୍ସାହ ଦେଖାେଦଇଛି ।କାମାକ୍ଷାନଗରର ଗଣପର୍ବ ଦଶହରାକୁ ଆଉ ମାତ୍ର ମାେସ ବାକିଥିବା ବେଳ ଏହାକୁ ନେଇ ଚଳଚ□ଳ ହୋଇପଡିଛନ୍ତି ସହରର ବିଭିନ୍ନ ପୂଜା ପ୍ରତିଷ୍ଠାନ ।ଦୁର୍ଗାପୂଜା ନିମେନ୍ତ ମାଙ୍କ ମୁଣ୍ମୟୀ ମୂ□ ନିର୍ମାଣ ପାଇଁ ଆଜି ମାଟି ଅନୁକୂଳ ହୋଇଛି ।ସହରର ବହୁ ପୁରାତନ ତରୁଣବଜାର ତରଫରୁ ଆଜି ସ୍ଥାନୀୟ ରେକୁଳା ନିକଟେର ମାଟି ଅନୁକୂଳ କରାଯାଇଛ ।ଦୀର୍ଘ ୬୯ ବର୍ଷ ଧରି ତରୁଣବଜାର ପୂଜା ପ୍ରତିଷ୍ଠାନ ଦୁର୍ଗାପୂଜା ପାଳନ କରି ଆସୁଥିବା ବେଳ ସହରର ଏକମାତ୍ର ପୂଜା ଅନୁଷ୍ଠାନ ଭାବେ ହିନ୍ଦୁ, ମୁସଲିମଙ୍କ ମଧ୍ୟେର ଭାଇଚାରା ନେଇ ପୂଜା ଅନୁଷ୍ଠିତ ହୋଇ ଆସୁଛି ।ତରୁଣ ବଜାରେର ବହୁ ସଂଖ୍ୟାେର ମୁସଲିମ ସମ୍ପ୍ରଦାୟର ବ୍ୟକ୍ତି ବ୍ୟବସାୟୀ ଭାବେ ରହିଥିବା ବେଳ ମାଙ୍କ ମାଟିଅନୁକୂଳ କାର୍ଯ୍ୟକ୍ରମେର ସମେସ୍ତ ଭାଇଚାରାର ସହ ପୂଜା କରିଥାନ୍ତି ।ଦୀର୍ଘ ବର୍ଷ ଧରି ଭାଇଚାରା ମଧ୍ୟେର ତରୁଣବଜାରେର ମା ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହେଉଥିବା ବେଳ ମାଟି ଅନୁକୂଳକୁ ନେଇ କାମାକ୍ଷାନଗର ସହରେର ପାବର୍ଣ ର ମାହୋଲ ସୃଷ୍ଟି ହୋଇଛି ।

# ସମ୍ବଲପୁର ରେ ଏନକାଉଣ୍ଟର, କୁଖ୍ୟାତ ଇରଫାନ ଗୁରୁତର କ୍ଷତ୍ରସମ

ସମ୍ବଲପୁର, : ସମ୍ବଲପୁର ସଦର ଥାନା ଅଞ୍ଚଳରେ ପୋଲିସ ଓ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ସୁନାପାଲି ଅଞ୍ଚଳର କୁଖ୍ୟାତ ଅପରାଧୀ ମହମ୍ମଦ ଇରଫାନ (୩୮)ଙ୍କ ବାମ ଗୋଡ଼ରେ ଗୁଳି ବାଜି ସେ ଗୁରୁତର ଆହତ ହୋଇଛି । ତାର ଦୁଇ ସହଯୋଗୀ ମହମ୍ମଦ ଇମ୍ରାନ ଓ ଦୀପକ କୁମାରଙ୍କୁ ପୋଲିସ ଗିରଫ କରିଛି ।ରବିବାର ଭୋର ପ୍ରାୟ ୫ଟା ୪୫ ମିନିଟ୍ ସମୟରେ ସଦର ଥାନା ପୋଲିସ ଟିମ୍ ରାସନପୁର କେନାଲ ରୋଡ୍ ସ୍ଥିତ ସୁଡୁଙ୍ଗା ଜଙ୍ଗଲ ନିକଟରେ ଯାଞ୍ଚ କରୁଥିଲା ସମୟରେ ଏକ କଳା ରଙ୍ଗର ବଜାଜ ପଲସର ମୋଟରସାଇକେଲ (ଓଡି-୧୫ ଏବି-୩୬୭୪)ରେ ଇରଫାନ ଦୁଇ ସହଯୋଗୀଙ୍କ ସହ ଆସୁଥିଲା । ପୋଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରି ଦୁଇ ସହଯୋଗୀଙ୍କୁ କାବୁ କରିଥିଲା । ଇରଫାନ ପୋଲିସ ଉପରକୁ ୩ ରାଉଣ୍ଡ ଗୁଳିଚାଳନା କରି ସେଠାରୁ ଖସି ପଳାଇବାକୁ ଉଦ୍ୟମ କରିଥିଲେ ।ପୋଲିସ ଆତ୍ମରକ୍ଷା ପାଇଁ ପାଲଟା ୨ ରାଉଣ୍ଡ ନିୟନ୍ତ୍ରିତ ଗୁଳି ଚଳାଇଥିଲା । ଏଥିରେ ଇରଫାନଙ୍କ ବାମ ଗୋଡ଼ରେ ଗୁଳି ବାଜିଥିଲା । ଗୁଳିବିଦ୍ଧ ଇରଫାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ବୁର୍ଲାସ୍ଥିତ ଭିମସାରରେ ଭର୍ତ୍ତି କରାଯାଇଛି ବୋଲି ଅତିରିକ୍ତ ଏସ୍ପି ଅଜୟ ମିଶ୍ର କହିଛନ୍ତି କ୍ଷଘଟଣାସ୍ଥଳରୁ ପୋଲିସ ଏକ ପିସ୍ତଲ, , ୩ଟି ଖାଲି ଖୋକା ସହ ବ୍ୟବହୃତ ବାଇକ୍‌କୁ ଜବତ କରିଛି । ଡକାୟତି, ଛିନତାଇ, ଆଲୁମିନିୟମ ତାର ଚୋରି ଓ ଚୋରା ନିଶାଦ୍ରବ୍ୟ କାରବାର ଭଳି ୨୪ରୁ ଅଧିକ ସଙ୍ଗିନ ଅପରାଧିକ ମାମଲାରେ ଇରଫାନ ସମ୍ପୃକ୍ତ ଥିବା ଶ୍ରୀ ମିଶ୍ର କହିଛନ୍ତି କ୍ଷଘଟଣାକୁ ନେଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ।

# କମାଣ୍ଡ ରୁଙ୍ଗଟା ଷ୍ଟିଲ ପ୍ଲାଣ୍ଟ ରେ ବିସ୍ଫୋରଣ ,୫ ଶ୍ରମିକ ଗୁରୁତର ଆହତ

## ସୁରକ୍ଷା ବ୍ୟବସ୍ଥା ପ୍ରତି କାର୍ଯ୍ୟାନୁଷ୍ଠାନ ଦାବି

ବଲାଣି/ବଡବିଲ, ସୁନ୍ଦରଗଡ ଜିଲ୍ଲା ଖଣି ଅଞ୍ଚଳ କୋଇଡା ଥାନା ଅନ୍ତର୍ଗତ ରୁଙ୍ଗଟା ମାଇନ୍ସ ଲିମିଟେଡ କମାଣ୍ଡ ଷ୍ଟିଲ ପ୍ଲାଣ୍ଟ ରେ ଶନିବାର ଦିନ ସକାଳ ପ୍ରାୟ ୧୦.୩୦ ମିନିଟ ରେ ଏକ ବଡ଼ ଧରଣର ବିସ୍ଫୋରଣ ଦୁର୍ଘଟଣା ଘଟିଅଛି । ପ୍ରାପ୍ତ ସୂଚନା ଅନୁସାରେ ଷ୍ଟିଲ ମେଲଟିଂ ସୋପ - ୨ (ଏସ ଏମ୍ ଏସ - ୨) ର ଫର୍ନେସ ରେ ଘଟିଥିବା ବିସ୍ଫୋରଣ ଦୁର୍ଘଟଣାଟି ଏତେ ଭାୟା ଭୟ ଥିଲା ଯେ ପ୍ରାୟ ୧୦ କିଲୋମିଟର ରେଡିଅସ ରେ କମ୍ପନ ସୃଷ୍ଟି କରିଥିଲା । ଏହି ବିସ୍ଫୋରଣ ରେ ୫ ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ ଚିକିତ୍ସା ଲାଗି ରାଉରକେଲା ଡ଼ାକ୍ତରଖାନା ରେ ଭର୍ତ୍ତି କରାଯାଇଛି ।ସୂଚନା ମୁତାବକ ରୁଙ୍ଗଟା କମ୍ପାନୀ ସଞ୍ଚାଳିତ କୋଇଡା ସ୍ଥିତ କମାଣ୍ଡ ଷ୍ଟିଲ ପ୍ଲାଣ୍ଟ ରେ ବହୁ ସଂଖ୍ୟାରେ ଶ୍ରମିକ କାର୍ଯ୍ୟ କରନ୍ତି । ନିତିଦିନ ପରି ଶନିବାର ଦିନ ସକାଳ ସମୟରେ (ଏସ ଏମ୍ ଏସ -୨ ) ଫର୍ନେସରେ ଶ୍ରମିକମାନେ କାମ କରୁଥିବା



ବେଳେ ହଠାତ୍ ଫର୍ନେସ ରେ ଏକ ବଡ଼ ଧରଣର ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ଟି ଏତେ ଭାୟା ଭୟ ଥିଲା ଯେ କିଛି ସମୟ ପାଇଁ ଆକାଶରେ କଳା ଧୂଆଁରେ ଏକ ଓଜନ ଗ୍ୟାସ ପରି ବାଦଲ ହୋଇଯାଇଥିଲା । ଫଳରେ ସେଠାରେ କାମ କରୁଥିବା ଶ୍ରମିକ ମାନେ ହଠାତ୍ କିଛି ବୁଝି ନ ପାରି ପ୍ରାଣ ଭୟରେ ଏଣେତେଣେ ଦୌଡ଼ି ଥିଲେ । ସୂଚନା ମୁତାବକ ଏହି ବିସ୍ଫୋରଣ ଘଟଣା ରେ ୫ ଜଣ ଶ୍ରମିକ ଗୁରୁତର ଆହତ ହୋଇଥିଲେ ।ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ।ପ୍ଲାଣ୍ଟରେ ଘଟିଥିବା ଘଟଣା ପରେ କାହାରିକୁ ଭିତର କୁ ଛଡ଼ା ଯାଇ ନ ଥିଲା । ସ୍ଥାନୀୟଅଞ୍ଚଳବାସୀଙ୍କ କହିବା ଅନୁସାରେ ଏହି ଭାୟା ଭୟ ବିସ୍ଫୋରଣ ଘଟଣା କୁ ଲୁଚାଇବାକୁ ଚେଷ୍ଟା କରୁଛି କମ୍ପାନୀ କର୍ତ୍ତପକ୍ଷ ।ପ୍ରକୃତରେ ସେଠାରେ ଅନ୍ୟ ରାଜ୍ୟ ରୁ ଆସି ଠିକାଦାର ଅଧୀନରେ କାର୍ଯ୍ୟ କରୁଥିବା ସଂଖ୍ୟାଧିକ ଶ୍ରମିକ ସହ ସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା ଶ୍ରମିକମାନେ ମୃତ୍ୟୁ ବା ଗୁରୁତର ଆହତ ହୋଇଥିବେ ବୋଲି ଅନୁମାନ କରାଯାଉଛି । କୁନ୍ତୁ ପ୍ରକୁତ ଯାଞ୍ଚ କରାଗଲେ ସ୍ପଷ୍ଟ ହେବ । ଅସୁରକ୍ଷିତ ଭାବେ ଶ୍ରମିକ ମାନେ କାମ କରିବା କୁ ବାଧ୍ୟ ହେଉଛନ୍ତି । ତେବେ ଉକ୍ତ ଘଟିଥିବା ଘଟଣାରୁ ସ୍ପଷ୍ଟ ହେଉଛି ଶ୍ରମିକମାନଙ୍କୁ ସୁରକ୍ଷା ଉପକରଣ ଯୋଗାଇ ଦିଆଯାଇ ନ ଥିଲା । ଏ ନେଇ ରୁଙ୍ଗଟା ଷ୍ଟିଲ ପ୍ଲାଣ୍ଟ କମ୍ପାନୀ କର୍ତ୍ତୃପକ୍ଷ ମୁହଁ ଖୋଲୁ ନ ଥିବା ବେଳେ ଏହାର ବିଧିବଦ୍ଧ ତଦନ୍ତ ହେଲେ ପ୍ରକୃତ ରହସ୍ୟ ପଦାକୁ ଆସିବ । ଏହି ବଡ଼ ଧରଣର ବିସ୍ଫୋରଣ ଘଟଣା ଘଟିବା ପରେ ପ୍ରକୃତରେ କେତେ ଜଣ ଆହତ ହୋଇଛନ୍ତି ଓ କେଉଁ କାରଣ ଯୋଗୁଁ ଏହା ଘଟିଛି ବୋଲି ପ୍ଲାଣ୍ଟ ର ଆଖ ପାଖ ଅଞ୍ଚଳରେ ବସବାସ କରୁଥିବା ଅଞ୍ଚଳବାସୀ ଭୟଭୀତ ହୋଇ ଏହାର ସ୍ପଷ୍ଟ ତଦନ୍ତ ସହ ନିୟମିତଭାବେ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ପ୍ରକାଶ କରିଛନ୍ତି କ୍ଷ

# ବାଲେଶ୍ୱର ଆରପିଏଫ୍ ଯାତ୍ରୀସେବାରେ ସୃଷ୍ଟି କଲା

## ନୂଆ ଉଦାହରଣ : ହଜିଥିବା ବ୍ୟାଗ୍ ଫେରାଇଲା ଯାତ୍ରୀଙ୍କୁ

ବାଲେଶ୍ୱର, : ବାଲେଶ୍ୱର ରେଳ ଷ୍ଟେସନରେ ଛାଡ଼ି ଯାଇଥିବା ଜଣେ ଯାତ୍ରୀଙ୍କ ମୂଲ୍ୟବାନ ସାମଗ୍ରୀ



ଓ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଥିବା ବ୍ୟାଗ୍‌କୁ ରେଳବାଇ ସୁରକ୍ଷା ବଳ (ଆରପିଏଫ୍) ଠାବ କରି ନିରାପଦରେ ତାଙ୍କୁ ଫେରାଇ ଦେଇଛି ।ସେପ୍ଟେମ୍ବର ୧୧ ତାରିଖରେ 'ରେଳ ମଦଦ୍' ମାଧ୍ୟମରେ ଏକ ଅଭିଯୋଗ ମିଳିଥିଲା ଯେ, ବାଲେଶ୍ୱର ରେଳ ଷ୍ଟେସନର ପ୍ଲାଟଫର୍ମ ନମ୍ବର ୨ରେ ଏକ ନୀଳ ରଙ୍ଗର ସ୍କାଏ ବ୍ୟାଗ୍ ଛାଡ଼ି ଯାଇଥିଲା । ବାଲେଶ୍ୱରର ଶିବଶଙ୍କର ଖଟୁଆ ଏହି ଅଭିଯୋଗ କରିଥିଲେ । ସେ ଟ୍ରେନ୍ ନମ୍ବର ୧୮୦୪୭ରେ ଯାତ୍ରା କରିଥିଲେ ।ଅଭିଯୋଗ ପାଇବା ପରେ ସିଫ୍ଟ ତଦାରଖ ଓ ନିୟମିତ ରାଉଣ୍ଡ ସମୟରେ ଏଏସ୍ଆଇ ଏ.କେ. ମହାଲିକ ତୁରନ୍ତ ପଦକ୍ଷେପ ନେଇଥିଲେ । ତାଙ୍କ ସମନ୍ୱୟରେ ବ୍ୟାଗ୍‌ଟିକୁ ଠାବ କରାଯାଇ ସୁରକ୍ଷିତ ଭାବେ ଆରପିଏଫ୍ ପୋଷ୍ଟରେ ରଖାଯାଇଥିଲା ।ବ୍ୟାଗ୍‌ରେ ହାତଘଡ଼ି, ଚାର୍ଜର, ୧,୫୦୦ ଟଙ୍କା ନଗଦ ଥିବା ପର୍ସ, ଆଧାର କାର୍ଡ ଓ ଏଟିଏମ୍ କାର୍ଡ ସମେତ ଅନ୍ୟାନ୍ୟ ସାମଗ୍ରୀ ଥିଲା । ସମସ୍ତ ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୧୦,୦୦୦ ଟଙ୍କା ହେବ ବୋଲି ଜଣାପଡ଼ିଛି ।ସେପ୍ଟେମ୍ବର ୧୨ ତାରିଖ ସକାଳ ପ୍ରାୟ ୧୦ଟା ୩୦ ମିନିଟ୍‌ରେ ଶ୍ରୀ ଖଟୁଆ ଆରପିଏଫ୍ ପୋଷ୍ଟରେ ପହଞ୍ଚିଥିଲେ । ଆବଶ୍ୟକ ଯାଞ୍ଚ ଓ ପ୍ରମାଣିକରଣ ପରେ ବ୍ୟାଗ୍‌ଟିକୁ ଅକ୍ଷୁଣ୍ଣ ଅବସ୍ଥାରେ ତାଙ୍କୁ ହସ୍ତାନ୍ତର କରାଯାଇଥିଲା ।ନିଜର ହଜିଥିବା ବ୍ୟାଗ୍ ଓ ସାମଗ୍ରୀ ଫେରି ପାଇବା ପରେ ଶ୍ରୀ ଖଟୁଆ ଆରପିଏଫ୍ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଥିଲେ ।

# ବେଗୁନିଆପଡା ଠାରେ ଓଡ଼ିଆ ଚଳଚିତ୍ର 'ଦଣ୍ଡକାଳୀ' ର ପ୍ରମୋସନ

## ଚଳଚିତ୍ର ଅଭିନେତା ଓ ଅଭିନେତ୍ରୀଙ୍କ ସମେତ ଅନ୍ୟାନ୍ୟ କଳାକାର ଯୋଗଦେଲେ



ବେଗୁନିଆପଡା -ଗଞ୍ଜାମର ପାରମ୍ପରିକ ଦଣ୍ଡଯାତ୍ରାକୁ ନେଇ ନିର୍ମିତ ଓଡ଼ିଆ ଫିଲ୍ମ 'ଦଣ୍ଡକାଳୀ' ରିଲିଜ୍ ପରେ ଆଜି ବେଗୁନିଆପଡା ସ୍ଥିତ ଲକ୍ଷ୍ମୀ ଟକିଜ ପରିସରରେ ଏହାର ପ୍ରମୋସନ ହୋଇଯାଇଛି । ୧୧ ତାରିଖରେ ଫିଲ୍ମ ରିଲିଜ୍ ହେବାପରେ ଆଜି ଏହି କାର୍ଯ୍ୟକ୍ରମରେ ଦର୍ଶକଙ୍କ ଉପସ୍ଥିତିରେ କଳାକାରଙ୍କୁ ସ୍ୱାଗତ କରିନିଆଯାଇଥିଲା । ଗଞ୍ଜାମର ପାରମ୍ପରିକ ଦଣ୍ଡଯାତ୍ରାକୁ ନେଇ ନିର୍ମିତ ଏହି ଫିଲ୍ମ ଦର୍ଶକଙ୍କ ମନରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରିବ ବୋଲି କହିଛନ୍ତି ପ୍ରଯୋଜକ । ରାଜେଶ୍ୱରୀ ସିନେ କ୍ରାଫ୍ଟସର କର୍ମକର୍ତ୍ତାଙ୍କ ସହ ଏହି ଚଳଚିତ୍ରକୁ ନିର୍ଦ୍ଦେଶକ ସୁଧାଂଶୁ ସାହୁ ନିର୍ଦ୍ଦେଶନା ଦେଇଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ ନିର୍ଦ୍ଦେଶନା ଦେଇଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ପ୍ରଯୋଜକ ରାଜଶ୍ରୀ ଘୋଷ, ଅଭିନେତା ଚିତ୍ରସେନ ଘୋଷ, ଅଭିନେତ୍ରୀ ତୃପ୍ତି ମୀରାମ୍ବିକା ଉଷାଶ୍ରୀ ମିଶ୍ର, ପ୍ରୀତି ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିବା ବେଳେ ହଲରେ ଦର୍ଶକଙ୍କ ସହ ଫିଲ୍ମ ଦେଖିଥିଲେ । ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ଚଳଚିତ୍ର ସୁଟିଂ ହୋଇଥିବା ବେଳେ ଏହି ଧାର୍ମିକ ପରମ୍ପରାକୁ ନେଇ ଚଳଚିତ୍ର ବେଶ ଆଦୃତ ହେବ ବୋଲି ଅଭିନେତା ଚିତ୍ରସେନ ଘୋଷ କହିଛନ୍ତି ।ହ

# ଅଙ୍ଗାରଗାଁ-ଗିଲିଣ୍ଡା ରାସ୍ତାକୁ ନେଇ ତେଜିଲା ଅସନ୍ତୋଷ

କୋଦଳା -: ଗାଁକୁ ଭଲ ରାସ୍ତା ଯୋଗାଇବା ପାଇଁ ଯୋଜନା ହେଲା, ଭିତ୍ତିପ୍ରସ୍ତର ପଡ଼ିଲା, କାମ ମଧ୍ୟ ଆରମ୍ଭ ହେଲା । ହେଲେ ଏବେ ଅଧାରେ ଅଟକିଛି ରାସ୍ତା ନିର୍ମାଣ । ଦୀର୍ଘଦିନ ଧରି ଅଙ୍ଗାରଗାଁଠାରୁ ଗିଲିଣ୍ଡା ପର୍ଯ୍ୟନ୍ତ ରାସ୍ତା କାମ ଅସମ୍ପୂର୍ଣ୍ଣ ହୋଇ ପଡ଼ିଥିବାରୁ ଜନସାଧାରଣଙ୍କ ମଧ୍ୟରେ ଏବେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଉନ୍ନତିକରଣ ପାଇଁ ଆରମ୍ଭ ହୋଇଥିବା ଏହି ରାସ୍ତା କାମ ଏତେ ଦିନ ପରେ ମଧ୍ୟ କାହିଁକି ଅଧାରେ ଅଟକିଛି, ତାହାକୁ ନେଇ ଉଠିଛି ବଡ଼ ପ୍ରଶ୍ନ । ଅଙ୍ଗାରଗାଁ ତୋଟାସାହି ଲୋକଙ୍କ ପାଇଁ ଏହି ରାସ୍ତା ଯାତାୟାତର ଏକ ପ୍ରମୁଖ ମାଧ୍ୟମ । କିନ୍ତୁ ଅଧାପନ୍ତରିଆ କାମ ଯୋଗୁଁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି । ଅନ୍ୟପଟେ ନିର୍ମାଣ



ହୋଇଥିବା ଅଂଶର ମାନ ଓ ଗୁଣବତ୍ତାକୁ ନେଇ ମଧ୍ୟ ଅଭିଯୋଗ ଉଠିଛି । ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ନେଇ ସ୍ଥାନୀୟ ମହଲରେ ଚର୍ଚ୍ଚା ଜୋର ଧରିଛି । ଏପରିକି ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା ନେଇ ମଧ୍ୟ ସାଧାରଣରେ ଚର୍ଚ୍ଚା ହେଉଛି । ତେବେ ଏହି ଅଭିଯୋଗର ସତ୍ୟତା ଯାଞ୍ଚ ପରେ ହିଁ ସ୍ପଷ୍ଟ ହେବ । ଏନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ତେବେ ପ୍ରଶ୍ନ ଉଠୁଛି, ଯୋଜନା ହେଲା, କାମ ଆରମ୍ଭ ହେଲା, ତାହାହେଲେ ରାସ୍ତା ଅଧାରେ କାହିଁକି କେବେ ସରିବ ଏହି ଅଧାପନ୍ତରିଆ ରାସ୍ତା ନିର୍ମାଣର ମାନ ନେଇ ଉଠିଥିବା ପ୍ରଶ୍ନର ହେବ କି ଯାଞ୍ଚ ଏବେ ଏହା ଉପରେ ଅଞ୍ଚଳବାସୀଙ୍କ ନଜର ।

# କଣ୍ଟାମାଳ ଗାଁରୁ ପୋଲିସ ହଟାଇବା ଦାବି

ରାୟ ଗ ଡ଼ା ରାୟଗଡ଼ା କାଶୀପୁର ବ୍ଲକ ଶୁଙ୍ଗେରୁ ପଞ୍ଚାୟତର କଣ୍ଟାମାଳ ଗାଁରୁ ପୋଲିସ ମୁତୟନ ହଟାଇବାକୁ ଦାବି କରିଛନ୍ତି ଗ୍ରାମବାସୀ । ଗାଁରେ ମେଳି କରିବା ପରେ କାଶୀପୁର ଥାନା ଓଓଉଙ୍କ ଜରିଆରେ ଝଚ ଓ ଓଏଙ୍କୁ ଦାବିପତ୍ର । ପୋଲିସ କ୍ୟାମ୍ପ ଯୋଗୁଁ ସାଧାରଣ ଜୀବନଯାପନ ପ୍ରଭାବିତ ହେଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । କଣ୍ଟାମାଳ ଗାଁରେ ପୋଲିସ ମୁତୟନକୁ ନେଇ ଅସନ୍ତୋଷ । ଗତ ତିନି ଦିନ ହେବ ଗାଁରେ ପୋଲିସ କ୍ୟାମ୍ପ କରି ରହିଥିବାରୁ ମହିଳା ଓ ଗ୍ରାମବାସୀ ଭୟଭୀତ ହେଉଥିବା ଅଭିଯୋଗ ହୋଇଛି । ଏନେଇ ଗାଁରେ ମେଳି କରି ପୋଲିସ ମୁତୟନ ହଟାଇବାକୁ ଦାବି କରିଛନ୍ତି ଲୋକେ । ପରେ କାଶୀପୁର ଥାନା ଓଓଉଙ୍କ ଜରିଆରେ ଝଚ ଓ ଓଏଙ୍କୁ ଦାବିପତ୍ର ଦିଆଯାଇଛି ।ଗ୍ରାମବାସୀଙ୍କ କହିବା ଅନୁସାରେ, ଜଣେ ମହିଳା ବହୁରାଷ୍ଟ୍ରୀୟ କମ୍ପାନୀ ସପକ୍ଷରେ ଯାଇଥିବା ଅଭିଯୋଗ କରି ଗାଁରୁ ବାଛନ୍ଦ ହୋଇଥିବା ନେଇ ଝଚଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହାପରେ ଗାଁରେ ପୋଲିସ ପହଞ୍ଚିଥିବା କହିଛନ୍ତି ଗ୍ରାମବାସୀ । ତେବେ ମହିଳାଙ୍କ ଅଭିଯୋଗକୁ ଗ୍ରାମବାସୀ ଖଣ୍ଡନ କରିଛନ୍ତି । ଗାଁରେ ଶାନ୍ତିପୂର୍ଣ୍ଣ ପରିବେଶ ଫେରାଇ ଆଣିବା ସହ ପୋଲିସ କ୍ୟାମ୍ପ ହଟାଇବାକୁ ଦାବି କରିଛନ୍ତି । କଣ୍ଟାମାଳ ଗାଁରେ ଗତ ତିନି ଦିନ ହେବ ପୋଲିସ କ୍ୟାମ୍ପ କରି ରହିଛି । ଏହା ଆଦିବାସୀ ବହୁଳ ଅଞ୍ଚଳ । ପୋଲିସ ମୁତୟନ ଯୋଗୁଁ ମହିଳା ଓ ମାଆ-ଭଉଣୀମାନେ ଭୟଭୀତ ହେଉଛନ୍ତି । ତେଣୁ ଗାଁରୁ ପୋଲିସ ହଟାଇ ସାଧାରଣ ପରିବେଶ ଫେରାଇ ଆଣିବାକୁ ଆମେ ଦାବି କରୁଛୁ । ଏନେଇ ପୋଲିସର ପ୍ରତିକ୍ରୀୟା ମିଳିପାରିନାହିଁ ।

# ଜଙ୍ଗଲି ଦନ୍ତା ହାତୀ ଖାଇଗଲା ଭାତ, ଡାଲି ଓ ତରକାରୀ

ରାୟଗଡ଼ା ଗାଁ ମୁହାଁ ଦନ୍ତା... ଖାଇଗଲା ଭାତ, ଡାଲି ଓ ତରକାରୀ । ଘର ଭିତରେ ପଶି ଖାଦ୍ୟ ଖାଇବା ସହ ହାଣ୍ଡି, ଡେକ୍‌ଚି ଫିଙ୍ଗାଫିଙ୍ଗି କଲା ହାତୀ । ଏହାର ଭିଡିଓ ଏବେ ଭାଇରାଲ୍ ହେଉଛି, ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସୁନାଖଣ୍ଡି ପଞ୍ଚାୟତ ଉପରପୋଲି ଗାଁରେ ଘଟିଛି ଏଭଳି ଘଟଣା । ରାତି ପ୍ରାୟ ଗୋଟାଏ ବେଳେ କୁଲି ହୁଇକାଙ୍କ ପରିବାର ଶୋଇଥିବା ସମୟରେ ଗାଁକୁ ପଶିଥିଲା ଏକ ଜଙ୍ଗଲି ଦନ୍ତା ହାତୀ । ଘରର ବାଡ଼ ଓ କାନ୍ଥ ଭାଙ୍ଗି ଶୁଣ୍ଢ ଭିତରକୁ ପୂରାଇ ହାଣ୍ଡିରେ ଥିବା ଭାତ, ଡାଲି, ତରକାରୀ, ପେଜ ଓ ମାଣ୍ଡିଆ ଜାଉ ଖାଇଥିଲା । ଏହାସହ ହାଣ୍ଡି-ଡେକ୍‌ଚି ଫିଙ୍ଗାଫିଙ୍ଗି କରି ଘର ବାହାରେ ଥିବା ସପୁରୀ ଚାଷ ଜମି ମଧ୍ୟ ନଷ୍ଟ କରିଛି ।ଦନ୍ତାର ଉପଦ୍ରବରେ ଭୟଭୀତ ହୋଇ ଘର ଭିତରେ ଚାପି ହୋଇ ରହିଥିଲେ ପରିବାର ଲୋକେ । ହାତୀ ଜଙ୍ଗଲ ଆଡ଼କୁ ଚାଲିଯିବା ପରେ ମଧ୍ୟ ରାତିସାରା ଭୟରେ ଶୋଇପାରିନଥିବା କହିଛନ୍ତି ପରିବାର ସଦସ୍ୟ । ସପୁରୀ ଚାଷ ନଷ୍ଟ ହୋଇଥିବାରୁ ଏବେ ପରିବାର ଲୋକଙ୍କ ଚିନ୍ତା ଆହୁରି ବଢ଼ିଛି । ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି । ଏଥିସହ ଆଖପାଖ ଗାଁ ଲୋକଙ୍କୁ ହାତୀ ପ୍ରତି ସତର୍କ ରହିବା ଏବଂ ଜଙ୍ଗଲକୁ ନଯିବା ପାଇଁ ସଚେତନ କରାଯାଇଛି ।ଏନେଇ ବନ ବିଭାଗର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

## ସଂପାଦକୀୟ

# କଟକର ରୂପା ତାରକସିକୁ ଜିଆଇ ମାନ୍ୟତା

ଉତ୍କର୍ଷର କଳାର ରାଜ୍ୟ ଭାବେ ପରିଚିତ ଉତ୍କଳ ତାର ସାଂସ୍କୃତିକ, ସମ୍ପଦ ଓ ବିଭବକୁ ନେଇ ଦେଶ ବିଦେଶରେ କଳିଙ୍ଗ, ଉତ୍କଳ ଓ ଓଡ଼ିଶା ଭାବେ ପରିଚିତ ଉତ୍କୃଷ୍ଟ ଭାସ୍କର୍ଯ୍ୟଶିଳ୍ପ ବିମଣ୍ଡିତ ମନ୍ଦିର, କୋଣାର୍କର ସୂର୍ଯ୍ୟ ମନ୍ଦିର, ଶ୍ରୀକ୍ଷେତ୍ର, ଏକାମ୍ର କ୍ଷେତ୍ର, ବିରଜା କ୍ଷେତ୍ର ପରି ଅସଂଖ୍ୟ ମନ୍ଦିର ଓ ଅନ୍ୟାନ୍ୟ ଭାସ୍କର୍ଯ୍ୟକୀର୍ତ୍ତି ଏବେ ବି ମହାନ ସଂସ୍କୃତିର ଇତିହାସରେ ପରିଚୟ ବହନ କରେ। ସେହିପରି ସମଗ୍ର ଓଡ଼ିଶାର ଉତ୍କୃଷ୍ଟ ବୟନ ଶିଳ୍ପର ଅତୁଳନୀୟ ନମୁନା ଯୁଗ ଯୁଗ ଧରି ଆଜି ପର୍ଯ୍ୟନ୍ତ ଜୀବିତ ରହି ଆସିଛି। ନୂଆପାଟଣାର ଖଣ୍ଡୁଆ ପାଟ ଓ ଗୀତ ଗୋବିନ୍ଦ ଶାଢ଼ୀ, ବରହମପୁର ପାଟ, ବୋମକେଇ ଶାଢ଼ୀ, କୋଟପାଡ଼ର ପ୍ରାଚୀନ ଜୈବିକ ପଦ୍ଧତି ଅନସୃତ ବୟନଶିଳ୍ପ, ସୋନପୁରୀ ଓ ସମ୍ବଲପୁରୀ ବାନ୍ଧକଳା ସହ ହଜାର ବର୍ଷର ସହର ଭାବେ ପରିଚିତ କଟକର ସୁନା-ରୂପ ତାରକସି କାରିଗର, ଗଜପତି ଜିଲ୍ଲାର ସିଂହ ନିର୍ମିତ କଳାକୃତି, ପୁରୀ ଓ ଗଞ୍ଜାମ ଜିଲ୍ଲାର ପଟ୍ଟଚିତ୍ର ଓ ଗଞ୍ଜାପା, ପିପିଲିର ଚାନ୍ଦୁଆ ଏମିତି ଗଣି ବସିଲେ ଓଡ଼ିଶା ଭୂଇଁରେ କେତେ ଜାତିର ଚାରୁ ଶିଳ୍ପ କଳା କେଉଁ ପ୍ରାଚୀନ ସମୟରୁ ଜୀବନ ଜୀବିକା ସହ ତାଳ ମେଳାଇ ବିଶ୍ୱ ବଜାରରେ ଉତ୍କଳୀୟ କଳା ନୈପୁଣ୍ୟକୁ ଉଦଜୀବିତ କରି ରଖିବସାରେ ସମର୍ଥ ହୋଇଛନ୍ତି। ନିକଟରେ କଟକର ରୂପା ତାରକସି କାମକୁ ଭାରତ ସରକାର ଜିଆଇ ଟ୍ୟାକ ମାନ୍ୟତା ବା ଭୌଳିକ ସୂଚକ ଚିହ୍ନରେ ପଞ୍ଜୀକୃତ କରି ସମଗ୍ର ଓଡ଼ିଆ ଜାତିର ଲୋକଙ୍କ ସହ କଟକିଆଙ୍କ ମନରେ ଅପାର ଆନନ୍ଦ ସୃଷ୍ଟି କରିଛନ୍ତି। ଉତ୍କଳର ଗୌରବାମହ ଅତୀତରେ ଆମ ରାଜ୍ୟର ସାଧବମାନେ ବୋଇତ ଧରି ହସ୍ତାକଳା, ଚାରୁଶିଳ୍ପ ଆଦି ଉଚ୍ଚମାନର ପଣ୍ୟଦ୍ରବ୍ୟ ନେଇ ସୁଦୂର ଜାଭା ସୁମାତ୍ରା, ବାଲି, ଶାମ ଦେଶ, କାମ୍ବୋଜ ଓ ସଂହଳ ଆଦି ବିସ୍ତୀର୍ଣ୍ଣ ଅଞ୍ଚଳରେ ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ଯେଉଁକଳା ପ୍ରାଚୀନ କାଳରୁ ଦେଶ ବିଦେଶରୁ ପ୍ରଶଂସିତ ହୋଇ ଆସୁଥିଲା, ସେହି ଚାନ୍ଦି ତାରକସି କାମକୁ ବହୁ ଦିନର ଦାବୀ ପୂରଣ କରି ଭାରତ ସରକାର ଯେଉଁ ଭୌଗୋଳିକ ସୂଚକ ମାନ୍ୟତା ପ୍ରଦାନ କରିଛନ୍ତି ସେଥିପାଇଁ ପ୍ରତ୍ୟେକ ଓଡ଼ିଆ ଉତ୍ଫୁଲ୍ଲିତ ଓ ଗର୍ବିତ। ଏହି ଅତୁଳନୀୟ କଳା କୌଶଳରେ ନିର୍ମିତ କୋଣାର୍କ ଚକ୍ର, ମୁକ୍ତେଶ୍ୱର ତୋରଣ, ଶ୍ରୀଜଗନ୍ନାଥ ଚତୁର୍ଦ୍ଧାମୂରତି, ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ପ୍ରତିକୃତି, ରଥାରୁଢ଼ ଶ୍ରୀକୃଷ୍ଣ ଅର୍ଜ୍ଜୁନ ସମ୍ବାଦର ରୂପାୟନ ଆଦି ସାରା ଦେଶ ତଥା ବିଶ୍ୱର କୋଣେ ଅନୁକୋଣେ ଓଡ଼ିଆ ପୁଅର କଳାକୃତିର କାହାଣୀ ବଖାଣୁଛି। ତେଣୁ ଓଡ଼ିଶାର ପୁରାତନ ରାଜଧାନୀ କଳା ନୈପୁଣ୍ୟର କୁହୁକ ନଗରୀ କଟକ ଆଜି ପୁଣି ରାଷ୍ଟ୍ରୀୟ ସମ୍ମାନରେ ସୁଶୋଭିତ। ଏଠାରେ ସୂଚନା ଥାଉକି ସ୍ୱାଧୀନ ଭାରତରେ ଦେଶର ବିଭିନ୍ନ ସ୍ଥାନରେ ଅନନ୍ୟ କଳା, ଭାସ୍କର୍ଯ୍ୟ ବିଭବର ମାନକୀକରଣ ଓ ସମ୍ମାନ ବର୍ଦ୍ଧନର ପ୍ରକ୍ରିୟା ଆରମ୍ଭ ହୋଇଥିଲା ୧୯୯୯ ମସିହାରେ। ଯାହାଦ୍ୱାରା ବିଭିନ୍ନ ସ୍ଥାନର ଉତ୍କୃଷ୍ଟ କ୍ଷେତ୍ରର ଖାଦ୍ୟ ପଦାର୍ଥ, ହସ୍ତଶିଳ୍ପ, କଳା ଆଦି ଦୃଶ୍ୟମାନ ଓ ଅସ୍ପର୍ଶନୀୟର ଐତିହ୍ୟକୁ ଚିହ୍ନଟ କରି ଏହାର ସଂରକ୍ଷଣ ଓ ସମ୍ପ୍ରସାରଣ ନିମନ୍ତେ ଆବଶ୍ୟକୀୟ ସରକାରୀ ପ୍ରୋତ୍ସାହନର ବ୍ୟବସ୍ଥା ରଖାଗଲା। କେନ୍ଦ୍ର ସରକାର ୧୯୯୯ ମସିହାରେ ଏ ସଂକ୍ରାନ୍ତରେ ଆଇନ ଆଣିବା ପରେ ୨୦୦୩ ସେପ୍ଟେମ୍ବରରେ ଏହା କାର୍ଯ୍ୟକାରୀ ଦିଗରେ ଆଗେଇଥିଲା। ଭୌଗୋଳିକ ସୂଚକ ଚିହ୍ନିତ କଳା ଓ ହସ୍ତଶିଳ୍ପ ସାମଗ୍ରୀ ଆଦିର ଆଇନ ଅନୁସାରେ ପଞ୍ଜୀକରଣ କରାଗଲା। ଚେନ୍ନାଇ ଠାରେ କେନ୍ଦ୍ର ସରକାରଙ୍କ ଅଧୀନରେ ଏକ ପଞ୍ଜୀକରଣ କାର୍ଯ୍ୟକ୍ରମ ଜାରି ରହିଲା। ଅନେକ ହୁଏତ ଜାଣି ନଥିବେ ପ୍ରଥମ ଉତ୍ପାଦ ଭାବେ ୨୦୦୪ ମସିହାରେ ଦାର୍ଜିଲିଂ ଚା କୁ ଜିଆଇ ମାନ୍ୟତା ଦିଆଗଲା। ଏଯାବତ୍ ଭାରତର ବିଭିନ୍ନ ଅଞ୍ଚଳର ୫୦୦ ଉତ୍ପାଦ ଜିଆର ତାଲିକାରେ ଅନ୍ତର୍ଭୁକ୍ତ ହେବା ସହ ସେଥିରୁ ଓଡ଼ିଶାର ୨୬ଟି ଉତ୍ପାଦ ରହିଛି। କଟକର ପ୍ରସିଦ୍ଧ ରୂପା ତାରକସି ଶିଳ୍ପକୁ ଏହି ଗୌରବ ଓ ସମ୍ମାନ ମିଳିବା ସମୟରେ ଏହାର ପଛରେ ମନେ ପଡ଼ନ୍ତି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମହାର୍ଘ ସାଧନା, ତ୍ୟାଗ ଓ ସେବା। ଏହି ଶିଳ୍ପକୁ ପୁନରୁର୍ଦ୍ଧାର ଓ ସମ୍ପ୍ରସାରଣ କରିବା ପାଇଁ ତାଙ୍କ ଦୃଢ଼ ସଂକଳ୍ପ ଓ ଆବେଗ ରହିଥିଲା। ୧୮୯୭ ମସିହାରେ କଟକ ଓ ସ୍ଥାନୀୟ ଅଞ୍ଚଳର ପାଖାପାଖି ୧୫୦ଜଣ ହସ୍ତକାରିଗରୀ ତାରକସି ଶିଳ୍ପୀଙ୍କୁ କଟକସ୍ଥିତ ନିଜ ବାସଭବନରେ ଓଡ଼ିଆ ଆର୍ଟ୍ ଓ୍ୱେୟାରସ୍ ନାମକ କର୍ମଶାଳା ଆୟୋଜନ କରି ସେମାନଙ୍କୁ ସେଥିରେ ସାମିଲ କରିବା ସହ ସେମାନଙ୍କ ଦ୍ୱାରା ସୁନା, ରୂପା ତାରକସିର ବିଭିନ୍ନ ଆକର୍ଷଣୀୟ ହସ୍ତ ପ୍ରସ୍ତୁତ ଉତ୍ପାଦମାନ ତିଆରି କରୁଥିଲେ। କେବଳ ସେତିକି ନୁହେଁ ଏହି ଶିଳ୍ପମାନଙ୍କୁ ଉତ୍ସାହ, ପ୍ରୋତ୍ସାହନ, ପୃଷ୍ଠପୋଷକତା ସହ ସେମାନେ ଆର୍ଥିକ କ୍ଷେତ୍ରରେ କିପରି ଲାଭବାନ ହୋଇ ସଶକ୍ତ ହୋଇପାରିବେ ଓ ଦେଶ ବିଦେଶରେ ବିଭିନ୍ନ ହସ୍ତଶିଳ୍ପ ପ୍ରଦର୍ଶନୀରେ ସାମିଲ ହୋଇ ଓଡ଼ିଶାର ନାମକୁ ବଢ଼ାଇ ପାରିବେ ସେହି କାର୍ଯ୍ୟ କରୁଥିଲେ। ସେ ସମୟରେ ତତ୍କାଳୀନ ଇଂରେଜ ସରକାର ଓ ଭାରତର ବିଭିନ୍ନ ସ୍ଥାନରେ ଥିବା ଉଚ୍ଚ ନେତୃତ୍ୱ ସମ୍ପନ୍ନ ତଥା ଧର୍ଣ୍ଣାଢ଼୍ୟ ବ୍ୟକ୍ତିମାନଙ୍କୁ ଏହି ସୁନା, ଚାନ୍ଦୀ, ତାରକସିର ଅଭୂତ ଆକର୍ଷଣୀୟ ପ୍ରତିକୃତି ପ୍ରଦାନ କରି ଓଡ଼ିଶାର ଏହି ଅମୂଲ୍ୟ ହସ୍ତଶିଳ୍ପକୁ ବିଶ୍ୱ ଦରବାରରେ ପହଞ୍ଚାଇବାର ଆପ୍ରାଣ ଉଦ୍ୟମ କରିଥିଲେ। କଟକ ସହର ବାଉନ ବଜାର ତେପନ ଗଳିକୁ ନେଇ ବେଶ ସମୃଦ୍ଧ ଓ ଗୌରବାନ୍ୱିତ। ଆଜି ବି ଅନେକ ତାରକସି ଶିଳ୍ପ କାରିଗରମାନେ ନିଜ କଳାକୃତିକୁ ବଢ଼ାଇବା ସହ ଆର୍ଥିକ ଭାବରେ ମଜଭୁତ ହୋଇପାରିଛନ୍ତି। ଏ କ୍ଷେତ୍ରରେ ରାଜ୍ୟ ସରକାର ସେମାନଙ୍କୁ ନିୟମିତ ଭାବେ ବିଭିନ୍ନ ପ୍ରୋତ୍ସାହନ ଓ ସହାୟତା ମଧ୍ୟ ପ୍ରଦାନ କରୁଛନ୍ତି। ଉତ୍କଳୀୟ ହସ୍ତଶିଳ୍ପର ପ୍ରାଚୀନ ଐତିହ୍ୟ ତଥା ଏଯାବତ୍ ଜୀବନ୍ତ ପରମ୍ପରାକୁ ସମ୍ମାନ ଦେଇ ଏଭଳି ଏକ ଉଦ୍ୟମ କରାଗଲେ ଆମ ରାଜ୍ୟର ସୁଦକ୍ଷ କାରିଗରଙ୍କ କଳା ନୈପୁଣ୍ୟକୁ ସମ୍ପୂର୍ଣ୍ଣ ମାନ୍ୟତା ମିଳିବା ସହ କର୍ମ ସଂସ୍ଥାନ ସୃଷ୍ଟି ହେବ ଏବଂ ଓଡ଼ିଶାର ହଜାର ବର୍ଷର ସହର କଟକର ଭିନ୍ନ ଏକ ହସ୍ତକଳା ନୈପୁଣ୍ୟ ବିଶ୍ୱ ଦରବାରରେ ପହଞ୍ଚିବାରେ ସମର୍ଥ ମଧ୍ୟ ହୋଇପାରିବ।

# ବିପଜ୍ଜନକ ବିକିରଣ

ଜୀବଜଗତ ପାଇଁ ମାରାତ୍ମକ ବନିଯାଇଛି ମୋବାଇଲ୍ ଟାୱାର। ଏଥିରୁ ବାହାରୁଥିବା ଚୁମ୍ବକୀୟ ବିକିରଣ ପଶୁ ସମ୍ପଦକୁ ଅଧିକ ହାନୀ ପହଞ୍ଚାଉଛି। ମଣିଷ ସମାଜ ବି ଏଥିରେ ବେଶ୍ ପ୍ରଭାବିତ। ଟାୱାରର ଚୁମ୍ବକୀୟ ବିକିରଣ ସଂସ୍ପର୍ଶରେ ଆସି ଲୋକେ କ୍ୟାନସର, ହୃଦରୋଗ, ମସ୍ତିଷ୍କ ଓ ଶ୍ୱାସ ଭଳି ଭୟଙ୍କର ରୋଗରେ ପିଡ଼ୀତ ହେଉଛନ୍ତି। ଟାୱାର ବସାଯିବା କ୍ଷେତ୍ରରେ ଲାଗୁ ନିୟମ ଅର୍ଥାତ୍ ଉଚ୍ଚତା, ସ୍ଥାନ ଏବଂ ଜନବସତି ଠାରୁ ଦୂର ଆଦିକୁ ଅମାନ୍ୟ କରାଯାଏ, ଭବିଷ୍ୟତରେ ଏହି ବିପଦ ଆଶାଠାରୁ ଅଧିକ ବଢ଼ିଯିବ। ମୋବାଇଲ ଟାୱାର ଏବଂ ଅଧିକ ମେଗା ପିକ୍ସେଲର ମୋବାଇଲ ଫୋନ ଆମ ଶରୀର ପାଇଁ କ୍ଷତିକାରକ। ଏହାଦ୍ୱାରା ଉଭୟ ଶରୀର ଏବଂ ମସ୍ତିଷ୍କ ଉପରେ ପ୍ରଭାବ ପଡ଼ିଥାଏ। ଏହାର କୁପ୍ରଭାବ ଦ୍ୱାରା ମଣିଷ ଅଧିକ ବିରକ୍ତି ଭାବ ପ୍ରକାଶ କରିଥାଏ, ଏକାଗ୍ରତା ଆସିପାରି ନଥାଏ। ୨୦୦୫ ଓ୍ୱାର୍ଲ୍ଡ ହେଲଥ ଅର୍ଗାନାଇଜେସନର ଗାଇଡ଼ଲାଇନ ଅନୁଯାୟୀ ସ୍କୁଲ, କଲେଜ, ହସ୍ପିଟାଲ ଏବଂ ମାର୍କେଟ ଅଞ୍ଚଳର ୫୦ ମିଟର ମଧ୍ୟରେ ମୋବାଇଲ ଟାୱାର ରହିବା ଅନୁଚିତ। ୧୫ ମିଟର ମଧ୍ୟରେ ସୃଷ୍ଟି ହେଉଥିବା ରେଡ଼ିଏସନ୍ ମଧ୍ୟ ଅନେକ କ୍ଷତିକାରକ। ଏହାକୁ ସେଲ ପାୱାର ନର୍ମ କୁହାଯାଇଥାଏ। ସେହିପରି ଅଧିକ ଶକ୍ତିଶାଳୀ ମୋବାଇଲ ଫୋନ୍ ଦ୍ୱାରା ମଣିଷର ଶରୀର ମଧ୍ୟ ଅଧିକ କ୍ଷତି ହୋଇଥାଏ। ୩୦୦ରୁ ଅଧିକ ଫ୍ରିକ୍ୱେନ୍ସି ଭାଇବ୍ରେସନ୍ ହେଲେ ଶରୀରରେ କ୍ଷତି ଘଟିଥାଏ। ଅନେକ ବ୍ୟକ୍ତି ରାତିରେ ଶୋଇବା ସମୟରେ ନିଜ ତକିଆ ତଳେ ଗୋଟିଏରୁ ତିନୋଟି ଲେଖାଏଁ ମୋବାଇଲ ରଖି ଶୋଇଥାନ୍ତି। ଏହାର ପରିଣାମ ବେଶ ଭୟଙ୍କର। ଇଣ୍ଡିଆନ କାଉନ୍‌ସିଲ ଅଫ୍ ମେଡ଼ିକାଲ ରିସର୍ଚ୍ଚର ତଥ୍ୟ ଅନୁଯାୟୀ, ମୋବାଇଲ ଟାୱାର ଏବଂ ମୋବାଇଲରୁ ବହୁମାତ୍ରାରେ ରେଡ଼ିଏସନ୍‌ର ବାହାରୁଛି। ଯାହାର ପ୍ରଭାବ ମଣିଷ ସମାଜ ଉପରେ ପଡୁଥିବା ମଧ୍ୟ ଦେଖାଦେଇଛି। ତେବେ ଫଳାଫଳ ଆସନ୍ତା ଦୁଇବର୍ଷ ଭିତରେ ସ୍ପଷ୍ଟ ହୋଇଯିବ। ତେବେ ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି, ଟାୱାରରୁ ବାହାରୁଥିବା ବିକିରଣ ସ୍ପର୍ମ କାଉଣ୍ଟକୁ ବେଶି ପ୍ରଭାବିତ କରୁଛି । ହୃଦ୍‌ରୋଗ ବିଶେଷଜ୍ଞ କହିବା ଅନୁଯାୟୀ ଏହି ବିକିରଣର କୁପ୍ରଭାବ ମଣିଷ ଶରୀର ଉପରେ ପଡୁଛି। ତେବେ ଏ ପ୍ରଭାବର ମାତ୍ରା କେତେ ଏବଂ କେତେ ସମୟ ସଂସ୍ପର୍ଶରେ ଆସିଲେ କୁ ପ୍ରଭାବ ପଡୁଛି ତାହା ଅଧିକ ଗବେଷଣା ପରେ ସ୍ପଷ୍ଟ ହୋଇଯିବ। ମୋବାଇଲ ଟାୱାରରୁ ବାହାରୁଥିବା ବିକିରଣର ପରିମାଣ କମ୍ ହୋଇଥିଲେ ବି ସେଲ୍ ଟିସ୍ୟୁ ଏବଂ ଡିଏନ୍‌ଏ କୁ ପ୍ରଭାବିତ କରିଥାଏ ।ମୋବାଇ ଟାୱାର ବିକିରଣ ଜୀବଜଗତକୁ ଗଭୀର ପ୍ରଭାବିତ କରୁଛି ଏଥିଯୋଗୁଁ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ବଂଶ ବୁଡ଼ିବାକୁ ବସିଥିବାବେଳେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଘରଚଟିଆ। ଗତ କିଛି ମାସ ମଧ୍ୟରେ ହଜାର ହଜାର ଘରଚଟିଆ ମରି ପଡ଼ିଥିବା ବିଭିନ୍ନ ଅଞ୍ଚଳରେ ଦେଖାଯାଉଛି। ଏହାଛଡ଼ା ଟାୱାର ପାଖାପାଖି ରହୁଥିବା ଲୋକେ ବି ନାନା ରୋଗରେ ପଡୁଛନ୍ତି। ଏହି ଅଭିଯୋଗ ବିଭିନ୍ନ ରାଜ୍ୟରୁ ଆସିବା ପରେ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଯାଇଛି। ତୁରନ୍ତ ମୋବାଇଲ ଟାୱାରର ବିକିରଣ ହ୍ରାସ ପାଇଁ କେନ୍ଦ୍ର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛି। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ମୋବାଇଲ ଟାୱାରର ବିକିରଣ କମାଇବା ପାଇଁ ରାଜ୍ୟ ଓ ବିଭିନ୍ନ କ୍ଲିନିକ୍ ଅପରେଟିଭ୍ ମାନେ କ'ଣ କରିବା ଉଚିତ ତାହା ଉଲ୍ଲେଖ କରାଯାଇଛି। ବିକିରଣ ଯେପରି ଜୀବଜଗତକୁ ପ୍ରଭାବିତ ନକରିବ ସେନେଇ ସେବା ପ୍ରଦାନକାରୀ କମ୍ପାନୀକୁ ଜଙ୍ଗଲ ଓ ପରିବେଶ ବିଭାଗ ଅବଗତ କରିବ। ଟାୱାରରୁ ବାହାରୁଥିବା ବିକିରଣ ନିୟମିତ ଯାଞ୍ଚ କରାଯିବ। ଯଦି ଟାୱାର ଦ୍ୱାରା ଲୋକେ ପ୍ରଭାବିତ ହେଉଛନ୍ତି ତେବେ ତୁରନ୍ତ ଟାୱାର ଅନ୍ୟତ୍ର ସ୍ଥାନାନ୍ତର କରାଯାଉ। ବିକିରଣ ପ୍ରଭାବ ସମ୍ପର୍କରେ ଟାୱାର ନିକଟରେ ସାଇନ୍‌ବୋର୍ଡ଼ ଲଗାଯାଇ ସୂଚନା ଦିଆଯାଉ। ଟାୱାରର ୧ କିଲୋମିଟର ମଧ୍ୟରେ ଆଉ କୌଣସି ଟାୱାର ଲଗାଯିବା ପାଇଁ ଅନୁମତି ଦିଆନଯାଉ। ଏହି ବିକିରଣ ପ୍ରଭାବ କେତେ କ୍ଷତିକାରକ ତାହା ମୁମ୍ବାଇ ଆଇଆଇଟିର ପ୍ରଫେସର କେନ୍ଦ୍ର ସରକାରଙ୍କୁ ଅବଗତ ସହ ସତର୍କ କରାଇଛନ୍ତି। ବିଶେଷଜ୍ଞଙ୍କ ମତରେ ମୋବାଇଲ ଟାୱାର ନିକଟରେ ରହିବା ଅର୍ଥ ୨୪ଘଣ୍ଟା ମାଇକ୍ରୋ ଓ୍ୱେଭ୍ ଓଭେନ୍ ଭିତରେ ରହିବା ଭଳି। ମୋବାଇଲ ଟାୱାର ବସାଯିବା ନେଇ ପୂର୍ବରୁ ଏକ ନିର୍ଦ୍ଧିଷ୍ଟ ମାନଦଣ୍ଡ ପ୍ରସ୍ତୁତ କରିଥିଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ। ଏଥିରେ ବିଶେଷ ଗୁରୁତ୍ୱ ଦିଆଯାଉଥିଲା ଜୀବଜଗତକୁ। ନିୟମ ହୋଇଥିଲା ମୋବାଇଲ ଟାୱାର ଜନବସତିରୁ ଦୂରରେ ବସିବ। ୧ କିଲୋମିଟର ଭିତରେ ଏକାଧିକ ଟାୱାର ଲାଗିପାରିବ ନାହିଁ ଏବଂ ଟାୱାରର ଉଚ୍ଚତା ଅଧିକ ହେବ। ହେଲେ ସବୁ ନିୟମ ଗଲା ଚୁଲିକୁ। ମୋବାଇଲ କମ୍ପାନୀ ଉକ୍ତ ନିୟମକୁ ଖୋଲାଖୋଲି ଉଲଘଂନ କରିଛନ୍ତି। ଗୋଟିଏ କିଲୋମିଟର ଭିତରେ ଶହ ଶହ ମୋବାଇଲ ଟାୱାର ଛିଡ଼ା ହୋଇଛି। ତା ପୁଣି ଜନବସତି ଭିତରେ ଆଉ କମ୍ ଉଚ୍ଚତାରେ। ସବୁଠାରୁ ବଡ଼କଥା ହେଉଛି ଲଗାଯାଇଥିବା ମୋବାଇଲ ଟାୱାର ମଧ୍ୟରୁ ଅଧାରୁ ଅଧିକ ଅବୈଧ। ଏହାସତ୍ତ୍ୱେ କୌଣସି ରାଜ୍ୟର ସରକାର ପାଟି ଖୋଲି ନାହାଁନ୍ତି। ଦିଲ୍ଲୀରେ ପାଖାପାଖି ୬ ହଜାର ଟାୱାର ଲାଗିଛି। ସେଥିରୁ ୨୯୫୨ଟି ହେଉଛି ଅବୈଧ ସେହିପରି ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ୨ ହଜାରରୁ ଅଧିକ ମୋବାଇଲ ଟାୱାର ଲାଗିଥିବାବେଳେ ଶତାଧିକ ଅବୈଧ ବୋଲି ଜଣାପଡ଼ିଛି। ମୋବାଇଲ କମ୍ପାନୀଗୁଡ଼ିକ ଏହି ଟାୱାର ଲଗାଇବା ଲାଗି ଆବଶ୍ୟକ ଠାରୁ ଅଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ଫଳରେ ଫାଇଦା ଉଠାଇବାକୁ ଯାଇ ଲୋକେ ଭବିଷ୍ୟତର ଏହି ବିପଦକୁ ନଜର ଅନ୍ଦାଜ କରିଥିଲେ। ଆଜି ଦେଶ ପାଇଁ ଏକ ପ୍ରକାର କାଳ ପାଲଟିଯାଇଛି।

**ଡାକ୍ତର ସମ୍ରାଟ କର**
**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,**
**ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩**

# ରାମ-ରାମ, ଅର୍ଥନୀତି-ବିକାଶ ଏବଂ ଆଗାମୀ ୨୫ ବର୍ଷ

ଅଗଲେବାର ୪୦୦ ପାର୍......। କେନ୍ଦ୍ରରେ ବିଜେପି ତାର ସଂସଦୀୟ କ୍ଷେତ୍ର ସଂଖ୍ୟା ବଢ଼ାଇବା ମିଶନ ନେଇ କାର୍ଯ୍ୟକରୁଛି। ବିଜେପିର ମୁଖ୍ୟ ଓ ପ୍ରଭାବୀ ଚେହେରା ତଥା ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜଣେ ବିଶ୍ୱନେତା ଭାବେ ପ୍ରତୀୟମାନ। ଭାରତ ଆଜି ବିଶ୍ୱ ଅର୍ଥନୀତିରେ ଏକ ମଜଭୁତ ସ୍ଥିତିରେ ରହିଛି। ବିଜେପି ତାର ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ଼ କରିବା ସହ ନିର୍ବାଚନ ପାଇଁ ପୁରା ପ୍ରସ୍ତୁତ ହୋଇଛି। ବଜେଟ ଅଧିବେଶନ ଆରମ୍ଭରୁ ଅର୍ଥାତ ଜାନୁଆରୀ ୩୧ ତାରିଖରୁ ସପ୍ତଦଶ ଲୋକସଭାର ଶେଷ ଅଧିବେଶନ ଫେବୃଆରୀ ୧୦ ମଧ୍ୟରେ ଏପରି କିଛି ଘଟଣାକ୍ରମ ଦେଖିବାକୁ ମିଳିଛି ଯାହା ସାମ୍ପ୍ରତିକ ବିକାଶ ରାଜନୀତି ଏବଂ ଅର୍ଥନୀତି ମଧ୍ୟରେ ଏକ ନୂଆ ସମ୍ପର୍କ ଚିହ୍ନଟ କରିଛି। ଏହା ସ୍ପଷ୍ଟ କରିଛି ଯେ, ସରକାର ଯେତେ ମଜଭୁତ ହେବେ, ତାଙ୍କ ନେତୃତ୍ୱ ନିକଟରେ ନିର୍ବାଚନ ଜିତିବାର ଆତ୍ମବିଶ୍ୱାସ ସେତେ ମଜଭୁତ ହେବ। ରାଜନୈତିକ ପରିଚାଳନା ଯେତେ ପ୍ରଭାବଶାଳୀ ହେବ ସେତେ ସୁଦୃଢ଼ ହେବ ଅର୍ଥନୀତି ଏବଂ ଗଣତନ୍ତ୍ରର ବ୍ୟବସ୍ଥା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ପରାମର୍ଶଦାତା ବୋଧହୁଏ ହୃଦୟଙ୍ଗମ କରିସାରିଛନ୍ତି ଯେ, ନିର୍ବାଚନ ଜିତିବା ପାଇଁ ଯେଉଁ ପ୍ରକାରର ରଣନୀତିର ପରିଚାଳନାର ଆବଶ୍ୟକତା ରହିଛି ତାହା ଗତ ପାଞ୍ଚ ବର୍ଷରେ ହିଁ ସଫଳ ହୋଇଛି। ଆଗକୁ ଆଉ କିଛି ଦୃଢ଼ ଓ କଠୋର ପଦକ୍ଷେପ ଖାଲି ଦଳକୁ ନୁହଁ ବରଂ ଦେଶକୁ, ଦେଶର ଅର୍ଥନୀତିକୁ, ବିକାଶକୁ ଦେବ ନୂଆ ଦିଗ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅନ୍ତରୀଣ ବଜେଟ ପରେ ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ପ୍ରଧାନମନ୍ତ୍ରୀ ଯେଉଁ ବୟାନ ରଖିଛନ୍ତି ତାହା ସ୍ପଷ୍ଟ କରିଦେଇଛି ଯେ, ୨୦୨୪ ପାଇଁ ଏଜେଣ୍ଡା ସେଟ ହୋଇଯାଇଛି। ଆତ୍ମବିଶ୍ୱାସଭରା କଣ୍ଠରେ ମୋଦୀ ୪୦୦ ପାର କଥା କହିବା ସହ ବିରୋଧୀଙ୍କୁ ଘାଇଲା କରିବା ପାଇଁ ଯଥା ସମ୍ଭବ ପ୍ରୟାସ କରିଛନ୍ତି। ଶ୍ୱେତପତ୍ର ମାଧ୍ୟମରେ ଉପା-ସରକାରର ବିଫଳତାକୁ ପୁଣି ଥରେ ଉଜାଗର କରିବା ସହ ଗତ ପାଞ୍ଚ ବର୍ଷରେ ସରକାରଙ୍କ ସଫଳ ଯୋଜନାକୁ ଉଲ୍ଲେଖ କରିଛନ୍ତି, ଆଗାମୀ ୨୫ ବର୍ଷର ଲକ୍ଷ୍ୟ କ'ଣ ତାହା ଜଣାଇ ଦେଇଛନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କ ଏଜେଣ୍ଡା କ'ଣ ଅଧିବେଶନ ଆରମ୍ଭ ପୂର୍ବରୁ ପ୍ରଥମେ ପ୍ରଧାନମନ୍ତ୍ରୀ ସଂସଦ ଭବନ ବାହାରେ ସାମ୍ବାଦିକମାନଙ୍କ ସହ କଥା ହେଲାବେଳେ ସମସ୍ତଙ୍କୁ 'ମେରା ରାମ-ରାମ' କହି ଭାଜପାର ଏଜେଣ୍ଡାକୁ ହିଁ ଉଲ୍ଲେଖ କରିଦେଇଥିଲେ। ଅର୍ଥାତ୍ ଭାଜପାର ପ୍ରଥମ ଏଜେଣ୍ଡା ରାମ। ମୋଦୀ ଏହା ସୂଚାଇ ଦେଲେ ଯେ, ଦଳର ଘୋଷଣାପତ୍ରରେ ପ୍ରଥମ ସ୍ଥାନରେ ଥିଲା ରାମ ମନ୍ଦିର ନିର୍ମାଣ। ଦେଶବାସୀଙ୍କ ଏହି ଆଶା ଓ ବିଶ୍ୱାସକୁ ରାମ ମନ୍ଦିର ନିର୍ମାଣ ମାଧ୍ୟମରେ ଆମେ ପୂରଣ କରିଛୁ। ନିର୍ମଳା ସୀତାରମଣଙ୍କ ଅନ୍ତରୀଣ ବଜେଟ, ବଜେଟ ଉପରେ ମୋଦୀଙ୍କ ପ୍ରତିକ୍ରିୟା ସୂଚାଇ ଦେଉଛି ଯେ ବିକାଶ ସହ ଅର୍ଥନୀତିକୁ ମଜଭୁତ କରିବା ପାଇଁ ଆମେ ନେଉଛୁ ପଦକ୍ଷେପ। ସାଧାରଣ ନିର୍ବାଚନ ପୂର୍ବରୁ ସରକାର ଭୋଟ ହାତେଇବା ପାଇଁ ନିଜ ରାଜକୋଷକୁ ଖୋଲି ଦେଇଥାନ୍ତି। ପାଞ୍ଚ ବର୍ଷ ତଳେ ୨୦୧୯ ନିର୍ବାଚନ ପୂର୍ବରୁ ସରକାର ରାଜକୋଷ ଖୋଲି ଦେଇଥିଲେ। ସେ ସମୟରେ ମୋଦୀ ତିନୋଟି ବିଧାନସଭା ନିର୍ବାଚନ ହାରିଥିଲେ, ଯାହା ବିରୋଧୀ କଂଗ୍ରେସ ଆଶ୍ୱସ୍ତ କରିଥିଲା ଯେ ମୋଦୀଙ୍କୁ ହରାଯାଇପାରିବ। ହେଲେ ଏଥର କିନ୍ତୁ ଖେଳ ବଦଳିଯାଇଛି। ମୋଦୀ ଭଲ ଭାବେ ବୁଝିସାରିଛନ୍ତି ଯେ ଲୋଭନୀୟ ଯୋଜନା କିମ୍ବା ଲାଭାର୍ଥୀଙ୍କୁ ଅଧିକ ଦେଇ ଭୋଟକୁ ବଦଳାଇଯାଇପାରିବ ନାହିଁ ବରଂ ରାଜ୍ୟସ୍ତରରୁ ନେତାଙ୍କ ସ୍ତରରୁ ଏବଂ ସମୁଦାୟ ସ୍ତରରୁ ପଦକ୍ଷେପ ନିଆଯିବ। ଏହକୁ ଦୃଷ୍ଟିରେ ରଖି ବଜେଟରେ କୌଣସି ବଡ଼ ଘୋଷଣା ନକରି ଅର୍ଥନୀତି ଓ ବିକାଶକୁ ଗୁରୁତ୍ୱ ଦେଇ ପୂର୍ବ ପ୍ରଚଳିତ ଯୋଜନାକୁ ଆଗେଇ ନେବା ଉପରେ ଗୁରୁତ୍ୱ ଦେଲେ ପ୍ରଧାନମନ୍ତ୍ରୀ। ଏହା ସତ ଯେ ଗତ ପାଞ୍ଚ ବର୍ଷରେ ଦେଶର ଅର୍ଥନୀତି ସହ ସାମାଜିକ ବିକାଶ ନୂଆସ୍ତରରେ ପହଞ୍ଚି ସାରିଛି। ଲୋକେ ମଧ୍ୟ ଏହାକୁ ହୃଦବୋଧ କରିଛନ୍ତି। ମୋଦୀ ଲୋକସଭା ଓ ରାଜ୍ୟସଭା ଅଭିଭାଷଣରେ ଗତ ୧୦ ବର୍ଷର ସଫଳତାକୁ ଉଲ୍ଲେଖ କରିବା ସହ ସଂସ୍କାର, ପ୍ରଦର୍ଶନ ଓ ରୂପାନ୍ତରଣ କିଭଳି ଆମର ମନ୍ତ୍ର ଥିଲା ଏବଂ କିପରି ଆମେ ଏତେ ସଫଳ ହୋଇଛୁ ତାହା ଜଣାଇ ଦେଲେ ଦେଶବାସୀଙ୍କୁ। ମୋଦୀଙ୍କ ତୃତୀୟ ଏଜେଣ୍ଡା ହେଉଛି ଆସନ୍ତା ୨୫ ବର୍ଷ। ବିକଶିତ ଭାରତ ଲକ୍ଷ୍ୟରେ ସରକାର ଅଗ୍ରସର ହେବା କଥା ପ୍ରଧାନମନ୍ତ୍ରୀ ଜଣାଇବା ସହ ଜନକଲ୍ୟାଣ ଓ ଲୋକ କଲ୍ୟାଣ କ୍ଷେତ୍ରକୁ ଆହୁରି ଗୁରୁତ୍ୱ ଦିଆଯିବ ବୋଲି ସ୍ପଷ୍ଟ ସଂକେତ ଦେଇସାରିଛନ୍ତି। ଆଗାମୀ ୨୫ ବର୍ଷ ପାଇଁ ରୋଡ଼ମ୍ୟାପ ପ୍ରସ୍ତୁତି ସହ କିଛି ଧମାକାଦାର ନିଷ୍ପତ୍ତି ନିଆଯିବା କଥା ମଧ୍ୟ କହିସାରିଛନ୍ତି। ମୋଟାମୋଟି କହିବାକୁଗଲେ ମୋଦୀ ନିର୍ବାଚନ ପୂର୍ବରୁ ଦେଶବାସୀଙ୍କ ଆଗରେ ଯେଉଁ ଏଜେଣ୍ଡା ରଖିଛନ୍ତି ତାହା ଜନତାଙ୍କ ମନରେ ବିଶ୍ୱାସ ମଜଭୁତ କରିବା ପାଇଁ ଯଥେଷ୍ଟ। ରାମ ମନ୍ଦିର କଥା କହି ସେ ଜଣାଇଦେଲେ ଆମେ ପ୍ରତିଶ୍ରୁତି ଦେଇଥିଲୁ, ପାଳନ କଲୁ। ଲୋକସଭା ଓ ରାଜ୍ୟସଭାରେ ଗତ ୫ବର୍ଷର ସଫଳତାକୁ ଉପସ୍ଥାପିତ କରି ସୂଚାଇ ଦେଲେ ଯେ, ଆମ ପଦକ୍ଷେପ କାରଣରୁ ଗରିବୀ କମିଛି, ବେକାରୀ କମିଛି, ସାମାଜିକ ବ୍ୟବସ୍ଥା ମଜଭୁତ ହୋଇଛି। ଏଥିସହ ବିକାଶଧାରାରେ ଭାରତ ଯାଇ ବନିପାରିଛି ବିଶ୍ୱର ୫ମ ବୃହତ ଅର୍ଥନୀତି।

**ସୌର ଚନ୍ଦ୍ର ମହାପାତ୍ର**
**ବରିଷ୍ଠ ଆଇନଜୀବୀ, ଓଡ଼ିଶା**
**ହାଇକୋର୍ଟ, କଟକ, ଦୂରଭାଷ :**
**୯୪୩୭୦୦୪୪୬୬**

# ଆଳୁ ପିଆଜ ଉପରେ ଗୁରୁତ୍ୱ

ଶୀତ ଦିନ ଗଲାଣି, ଶୀତଦିନିଆ ପରିବା ସବୁ ବଜାରରୁ ବି ହଜିଗଲାଣି ଆଉ ଖରା ଦିନକୁ ଦେଖି ଦରଦାମ ପୁଣି ଚଢ଼ା ହେଲାଣି। ଆଗକୁ ନିର୍ବାଚନ। ନିର୍ବାଚନକୁ ଦେଖି ଦରଦାମ ପୁଣି ବଢ଼ିବ। ବଜାରରେ ପନିପରିବାକୁ ନେଇ ବେଳେ ବେଳେ ଚର୍ଚ୍ଚା ହୁଏ, ରାଜନୀତି ହୁଏ ବହୁତ କିଛି ଆଲୋଚନା ହୁଏ। ଆଲୋଚନା ଘରୁ ଆରମ୍ଭ ହୋଇ ଚା'ଖଟି, ଗାଁ ପାନ ଦୋକାନ ଠାରୁ ନିଜ ନିଜ କର୍ମକ୍ଷେତ୍ର ପର୍ଯ୍ୟନ୍ତ। ହେଲେ ପୁଣି ଯେଉଁ ଅବସ୍ଥାକୁ ସେହି ଅବସ୍ଥା ହୋଇଥାଏ। ଅନେକଙ୍କ ଘର ସହ ଲାଗି ଜାଗା ଖଣ୍ଡେ ବା ବାଡ଼ିଟିଏ ବି ଥାଏ। ବିଲ ବାଡ଼ି ତ ସ୍ୱାଭାବିକ ଭାବେ ରହିଛି ତଥାପି ଆମ୍ଭ ମାନଙ୍କ ଭିତରେ ବାରିରେ କ'ଣ ଗୋଟିଏ ଲଗାଇ ଦେବା ଏହି ଛୋଟିଆ ବିଚାରଟି ଆଦୌ ନାହିଁ। ପରିସ୍ଥିତି ଏପରି ହେଲାଣି ମାଛ ଠାରୁ ଅଣ୍ଡା, କଦଳୀ ଠାରୁ ଫଳ, ପନିପରିବା ଠାରୁ ଆଳୁ ପିଆଜ, ଏପରିକି ଠାକୁର ଘର ଫୁଲ ଆଉ ଶାଗ ମଧ୍ୟ ପଡ଼ୋଶୀ ରାଜ୍ୟରୁ ଆମଦାନୀ ନ ହେଲେ ଆମ ଘରର ରୋଷେଇ ଚଟୁ ସବୁ ବନ୍ଦ ହୋଇଯିବ। ଆଶ୍ଚର୍ଯ୍ୟର କଥା ଆମ୍ଭ ମାନଙ୍କ ଖାଦ୍ୟ ତାଲିକାରେ ମୁଖ୍ୟ ସ୍ଥାନ ନେଉଥିବା ଆଳୁ-ପିଆଜଟି ମଧ୍ୟ ଆମଳ କରିବାରେ ଓଡ଼ିଶା ଏଯାବତ ପୂର୍ଣ୍ଣ ସକ୍ଷମ ହୋଇନାହିଁ। ପାଣିପାଗ, ଜଳବାୟୁ, ମାଟି ଆଉ ଉଦ୍‌ଯୋଗ ସବୁକିଛିକୁ ଦେଖିଲେ ଓଡ଼ିଶାରେ କୌଣସିଟି ବି କମ ନାହିଁ ଅଥଚ ଏହି ସର୍ବନିମ୍ନ ଚାଷଟି ମଧ୍ୟ ଆମ ମାନଙ୍କ ଦ୍ୱାରା ସମ୍ଭବ ହୋଇପାରୁନାହିଁ। ଖାଦ୍ୟ ତାଲିକାରେ ଆଳୁ ଓ ପିଆଜର ଭୂମିକା କ'ଣ ତାହା ଆମେ ସମସ୍ତେ ଭଲ ଭାବେ ଜାଣିଛେ। ଅସଲ କଥାଟି ହେଉଛି ଅନେକ ବର୍ଷ ତଳୁ ସରକାରୀ ବ୍ୟବସ୍ଥାରେ ଏହି ଆଳୁ ପିଆଜକୁ ନେଇ ଚର୍ଚ୍ଚା ହେଉଛି, ଭୋଟ ରାଜନୀତି ବି ଚାଲିଛି। ଆଳୁ ପିଆଜ ମିଶନ ଗଲା କୁଆଡ଼େ ପଶ୍ଚିମବଙ୍ଗରୁ ଆଳୁ ଆଉ ମହାରାଷ୍ଟ୍ରରୁ ପିଆଜ ଟ୍ରକ ଆସିବା ଧାରା ଜାରି ରହିଲେ ମଧ୍ୟ ଆମ ରାଜ୍ୟରେ ଆଳୁ-ପିଆଜ ଚାଷ କଥା ଆମେ ଭୁଲିଯାଉ। କିଛି ବର୍ଷ ତଳେ, ଯେଉଁ ବର୍ଷ ପଶ୍ଚିମବଙ୍ଗରୁ ଆଳୁ ଆସିବା ବନ୍ଦ ହୋଇଯାଇଥିଲା ଏବଂ ଆଳୁ ଦର ଆକାଶଛୁଆଁ ହୋଇଥିଲା ସେଇ ବର୍ଷ ସରକାର ଅଣ୍ଟା ଭିଡ଼ିଥିଲେ ଆଳୁଚାଷ ପାଇଁ। ଗଢ଼ାଯାଇଥିଲା ଆଳୁ ମିଶନ। ପିଆଜ ଚାଷ ଉପରେ ସମାନ ଭାବରେ ଗୁରୁତ୍ୱ ଦିଆଯାଇଥିଲା। ଏବେ ଏସବୁ ମିଶନ ଲକ୍ଷ୍ୟଚ୍ୟୁତ ହେବା ଭଳି ମନେହେଉଛି। ଆଳୁ-ପିଆଜ ଚାଷରେ ଆମେ ଆତ୍ମନିର୍ଭରଶୀଳ ହୋଇପାରନ୍ତେ। ଆମ ରାଜ୍ୟରେ ଆଳୁ-ପିଆଜ ଚାଷ ପାଇଁ ଅନୁକୂଳ ମାଟି-ପାଣି-ପବନ ରହିଛି। ବ୍ୟବସ୍ଥିତ ଢ଼ଙ୍ଗରେ ଏବଂ କୃଷି ବିଜ୍ଞାନୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏ ଚାଷ କରାଗଲେ ଆମକୁ ହୁଏତ ଆଉ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ନ୍ତା ନାହିଁ। କିନ୍ତୁ ସେ ଦିଗ ପ୍ରତି ଆମ ସରକାରଙ୍କର ଆନ୍ତରିକତା ଥିବା ଭଳି ମନେହୁଏ ନାହିଁ। କେବଳ ପରୀକ୍ଷା ମୂଳକ ଭାବେ ଆଳୁ-ପିଆଜ ଚାଷ କରି ଏଥିରେ କୃତକାର୍ଯ୍ୟ ହେଲେ ଯେ ଏହା ରାଜ୍ୟର ଆଳୁ-ପିଆଜ ନିଅଣ୍ଟକୁ ଭରଣା କରିପାରିବ ଏଭଳି ସମ୍ଭାବନା ବୋଧେ ନାହିଁ। ଲଗାତାର କିଭଳି ଏହି ଚାଷ ଅଧିକ ଜମିରେ କରାଯାଇପାରିବ ସେ ଦିଗରେ ମଧ୍ୟ ଚିନ୍ତା କରାଯିବା ଦରକାର। ଚାଷୀ କିଭଳି ଆଳୁ-ପିଆଜ ଚାଷ ପ୍ରତି ଆଗ୍ରହୀ ହେବେ ସେ ଦିଗକୁ ମଧ୍ୟ ଗୁରୁତ୍ୱ ଦିଆଯିବା ଉଚିତ। ଠିକ ସମୟରେ ଉନ୍ନତ ଆଳୁ ବିହନ ଚାଷୀଙ୍କୁ ଯୋଗାଇ ଦେବା ଏବଂ ଉତ୍ପାଦିତ ଆଳୁକୁ କିଭଳି ବିପଣନ କରାଯିବ ଏବଂ ଅଧିକ ଅମଳ ହେଲେ କିଭଳି ତାକୁ ଗଚ୍ଛିତ ରଖାଯାଇପାରିବ ସେ ଦିଗରେ ମଧ୍ୟ ଚାଷୀଙ୍କୁ ସହଯୋଗ କରିବା ଦରକାର। ଏଭଳି ହେଲେ ସେମାନେ ଆଳୁ ଚାଷ ପ୍ରତି ଆଗ୍ରହୀ ହୁଅନ୍ତେ।ଓଡ଼ିଶାରେ ୧ଲକ୍ଷ ଏକର ଅଞ୍ଚଳରେ କଫି ଚାଷ କରାଯିବ ବୋଲି ଜଣାଯାଇଛି। ବର୍ତ୍ତମାନ ରାଜ୍ୟରେ ୧୦ ହଜାର ଏକରରେ କଫି ଚାଷ କରାଯାଉଛି। ଏହାକୁ ୧୦ଗୁଣକୁ ବୃଦ୍ଧି କରାଯିବା ପାଇଁ ଆସିଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି ବୋଲି ଜଣାଯାଇଛି। କଫିଚାଷକୁ ଦଶଗୁଣ ବୃଦ୍ଧି କରାଯିବା ଭଳି ଆଳୁ-ପିଆଜ ଚାଷକୁ କିଭଳି ଆହୁରି ଅଧିକ ପରିବ୍ୟାପ୍ତ କରିହେବ ସେ ଦିଗରେ ମଧ୍ୟ ନିଷ୍ପତ୍ତି ନିଆଯିବାର ଆବଶ୍ୟକତା ରହିଛି। ଆଳୁ-ପିଆଜ ଏ ଦୁଇଟି ପରିବା ପ୍ରତିଟି ପରିବାର ପାଇଁ ଅପରିହାର୍ଯ୍ୟ। ଧନୀ-ମଧ୍ୟବିତ୍ତ ଏବଂ ଗରିବଙ୍କ ରୋଷେଇଘର ପାଇଁ ଏହା ଏକ ଅପରିହାର୍ଯ୍ୟ ଆବଶ୍ୟକତା। ଗରିବ ଲୋକଟିଏ କିଛି ନଥିଲେ ମଧ୍ୟ ପଖାଳ ସାଙ୍ଗକୁ ଆଳୁ ପିଆଜ ଥିଲେ ବେଶ ଚଳିଯାଏ। କିନ୍ତୁ ଦେଖାଯାଉଛି ଆମ ରାଜ୍ୟରେ ଏ ଦୁଇଟି ପରିବା ସବୁବେଳେ ଗରିବ ଏବଂ ମଧ୍ୟବିତ୍ତକୁ ହରକତ କରିଥାଏ। କାରଣ ଆମେ ଏ ଦୁଇଟି ପରିବା ପାଇଁ ସବୁବେଳେ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରୁ। ଏବେ ଆଳୁ-ପିଆଜର ଅମଳ ସମୟ ହୋଇଥିଲେ ମଧ୍ୟ ଆଳୁ କିଲୋ ୨୦ଟଙ୍କା ଏବଂ ପିଆଜ ୩୦ଟଙ୍କା ଉପରେ ରହିଛି। ଆମ ରାଜ୍ୟରେ ଅଳ୍ପ କେଇମାସ ପାଇଁ ଆଳୁ-ପିଆଜ ଦର ସାମାନ୍ୟ ତଳମୁହାଁ ହୁଏ। ତାପରେ ପୁଣି ଉପରମୁହାଁ ହୋଇ ବଢ଼ି ବଢ଼ି ଚାଲେ। ଲୋକଙ୍କୁ ହରକତ କରେ। ତେଣୁ ଏ ଦୁଇ ପରିବା ଚାଷ ପ୍ରତି ଆମ ରାଜ୍ୟ ସରକାର ଅଧିକ ଯତ୍ନବାନ ହେବା ସହିତ କିଭଳି ଆମେ ଆଳୁ-ପିଆଜରେ ଆତ୍ମନିର୍ଭରଶୀଳ ହୋଇପାରିବା ସେ ଦିଗରେ ଆନ୍ତରିକତାର ସହ ଚିନ୍ତା କରିବା ଦରକାର। ଆଳୁ ପିଆଜ ଉତ୍ପାଦନ କରିବା ପାଇଁ ବେଶୀ କିଛି ଉଦ୍‌ଯୋଗ ବା ଖର୍ଚ୍ଚ ଦରକାର ପଡ଼ିନଥାଏ କିନ୍ତୁ ଏଥିପାଇଁ ଯେଉଁ ମାନସିକତା ଓ ଆଗ୍ରହ ତାହା ଆମ ଦ୍ୱାରା ସମ୍ଭବ ହୋଇପାରୁନାହିଁ। କେବଳ ସରକାର ଆଉ ପ୍ରଶାସନ ଉପରେ ଦୋଷ ଝାଡ଼ିଦେଲେ ଆମ ମାନଙ୍କର ଦାୟିତ୍ୱ ସରିଯାଏ। ଅନେକ ହୁଏତ ଭୁଲିଯାଉଥିବେ ଦିଲ୍ଲୀରେ ଏକଦା ଏକ ସରକାର ପିଆଜର ଚଢ଼ା ରେଟ ନେଇ ନିର୍ବାଚନରେ ଚିତପଟାଙ୍ଗ ମାରିଥିଲା। ତେଣୁ ସରକାର ଆଳୁ-ପିଆଜ ମିଶନକୁ ବାସ୍ତବରେ ଗୁରୁତ୍ୱ ଦିଅନ୍ତୁ। ଚାଷୀଙ୍କୁ ସମସ୍ତ ପ୍ରକାର ପ୍ରୋତ୍ସାହନ ଦିଅନ୍ତୁ ଆଉ ଶୀତଳ ଭଣ୍ଡାରକୁ ମଧ୍ୟ ଗୁରୁତ୍ୱ ପ୍ରଦାନ କରନ୍ତୁ। ସେହିପରି ଆମ ମାନଙ୍କ ଭିତରେ ଚାଷ ଜମିରେ ଆଳୁ ପିଆଜ ଉତ୍ପାଦନ ପ୍ରତି ଆଗ୍ରହ ମଧ୍ୟ ରହୁ। ଯାହାଦ୍ୱାରା ଏହା ଏକ ସମସ୍ୟା ହୋଇପାରିବନି ଏବଂ ଦରଦାମ ମଧ୍ୟ ଆମ ନିୟନ୍ତ୍ରଣରେ ରହିପାରିବ। ସବୁଠାରୁ ବଡ଼କଥା ହେଲା ଏହାକୁ ନେଇ ଆମ ରୋଷେଇ ଘରେ ଆଉ କୌଣସି ଝିନଝଟ ରହିବନାହିଁ।

**ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ**

## ବିମାନରେ ଯାତ୍ରୀଙ୍କ ପାଇଁ ଦେବଦୂତ ସାଜିଲେ ଡାକ୍ତର



ଭାରତୀୟ ବଂଶୋଦ୍ଭବ ଡାକ୍ତର ବିମାନରେ ଜଣେ ଯାତ୍ରୀଙ୍କ ପାଇଁ ସାଜିଲେ ଦେବଦୂତ। ତାହା ବି ଥରେ ନୁହେଁ, ଦୁଇ ଦୁଇ ଥର। ଉକ୍ତ ଯାତ୍ରୀଙ୍କୁ ହୃଦଘାତ ହୋଇଥିଲା। ସେ ହଠାତ୍ ଚେତା ହରାଇ ପଡ଼ିଗଲେ। ସେତେବେଳେ ସେହି ବିମାନରେ ଥିବା ୪୩ ବର୍ଷୀୟ ଡାକ୍ତର ବିଶ୍ୱରାଜ ଭେମଲା ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ଡାକ୍ତର ବିଶ୍ୱରାଜ ଭେମଲା ବର୍ମିଂହାମର ହସ୍ପିଟାଲରେ କନ୍‌ସଲଟାଣ୍ଟ ହେପାଟୋଲଜିଷ୍ଟ ଅଛନ୍ତି। ଡାକ୍ତର ବିଶ୍ୱରାଜ ୧୦ ଘଣ୍ଟା ଫ୍ଲାଇଟ୍‌ରେ ବସିଥିଲେ, ଯେତେବେଳେ ଏହି ଘଟଣା ଘଟିଲା। ଏହାପରେ ସେ ବିମାନରେ ଥିବା ମେଡିକାଲ ଜିନିଷ ଓ ଅନ୍ୟ ଯାତ୍ରୀଙ୍କ ଠାରୁ କିଛି ସାମଗ୍ରୀ ନେଇ ପୀଡ଼ିତ ଯାତ୍ରୀଙ୍କର ଜୀବନ ବଞ୍ଚାଇଥିଲେ। ୟୁନିଭର୍ସିଟି ହସ୍ପିଟାଲ୍ସ ବର୍ମିଂହମ୍ ମୁତାବିକ, ଡାକ୍ତର ଭେମଲା ନଭେମ୍ବରରେ ଏୟାର ଇଣ୍ଡିଆର ବିମାନରେ ବ୍ରିଟେନରୁ ଭାରତ ଆସୁଥିଲେ। ତାଙ୍କୁ ବେଙ୍ଗାଲୁରୁରୁ ନିଜ ମାଆଙ୍କୁ ଲଣ୍ଡନ ନେଇଯିବାର ଥିଲା। ଲଣ୍ଡନରୁ ଭାରତର ଉଡ଼ାଣ ବେଳେ ହଠାତ୍ କେବିନ କ୍ରୁ ଡାକ୍ତରଙ୍କୁ ଡାକିବା ଆରମ୍ଭ କରି ଦେଲେ। ଜଣେ ଯାତ୍ରୀଙ୍କୁ ହୃଦଘାତ ହୋଇଛି। ସେ ହଠାତ୍ ବିମାନର କରିଡରରେ ଖସି ପଡ଼ିଲେ। ଘୋଷଣା ଶୁଣିବା କ୍ଷଣି ଡାକ୍ତର ଭେମଲା ତତ୍କାଳ ତାଙ୍କ ଆଡ଼କୁ ଦୌଡିଲେ ଏବଂ ତାଙ୍କର ଚିକିତ୍ସାରେ ଲାଗିଗଲେ। ପାଖାପାଖି ୨ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ରୋଗୀଙ୍କ କୌଣସି ପ୍ରକାରେ ଚେତା ଆସିଲା। ଏହାପରେ ଡାକ୍ତର କ୍ରୁଙ୍କୁ ପଚାରିଥିଲେ କି ଫ୍ଲାଇଟ୍‌ରେ କେଉଁ ପ୍ରକାରର ମେଡିକାଲ ସୁବିଧା ରହିଛି। ସୌଭାଗ୍ୟବଶତଃ ସେଠାରେ ମେଡିକାଲ କିଟ୍ ସହ ଲାଇଫ୍ ସପୋର୍ଟ ସିଷ୍ଟମ ମଧ୍ୟ ଉପସ୍ଥିତ ଥିଲା। ହେଲେ ଏଥିରେ ଏମିତି କୌଣସି ଇକ୍ୱିପମେଣ୍ଟ ନଥିଲା, ଯେଉଁଥିରେ ପୀଡ଼ିତ ବ୍ୟକ୍ତିଙ୍କ ସ୍ଥିତିକୁ ମନିଟର କରାଯାଇ ପାରିବ। ଏହାପରେ ଡାକ୍ତର ଅନ୍ୟ ପାସେଞ୍ଜରଙ୍କୁ ସାହାଯ୍ୟ ମାଗିଲେ। ପାସେଞ୍ଜରମାନେ ତାଙ୍କୁ ହାର୍ଟରେଟ୍ ମନିଟର, ବ୍ଲଡ୍ ପ୍ରେସର ମେସିନ, ପଲ୍ସ ଅକ୍ସିମିଟର ଓ ଗ୍ଲୁକୋଜ ମିଟର ଯୋଗାଇ ଦେଲେ। ରୋଗୀଙ୍କର ଅବସ୍ଥା ଠିକ୍ ହେବାରେ ଲାଗିଲା ଏବଂ ସେ ଡାକ୍ତରଙ୍କ ସହ କଥାବାର୍ତ୍ତା କରିବାକୁ ଲାଗିଲେ।



## ପାରିଶ୍ରମିକର ପ୍ରଭେଦକୁ ନେହାଙ୍କ ନାପସନ୍ଦ

ବଲିଉଡ୍‌ରେ ୨୦ ବର୍ଷର ଦୀର୍ଘ କ୍ୟାରିୟର୍ ଭିତରେ ନେହା ଧୁପିୟା ନାନା ରକମର ଚରିତ୍ରରେ ଅଭିନୟ କରିଛନ୍ତି ଏବଂ ଏହି ସମୟ ମଧ୍ୟରେ ହିନ୍ଦୀ ସିନେମା ଶିଳ୍ପରେ ହୋଇଥିବା ବ୍ୟାପକ ପରିବର୍ତ୍ତନକୁ ସେ ଅତି ନିକଟରୁ ଦେଖିଛନ୍ତି। ତାଙ୍କ ଦୃଷ୍ଟିରେ ବଲିଉଡ୍‌ର କାହାଣୀରେ ବିବର୍ତ୍ତନ ହୋଇଛି ଏବଂ ଏହାର ପ୍ରତିନିଧିତ୍ୱ ମଧ୍ୟ ବ୍ୟାପକ ହୋଇଛି। ତେବେ ବଲିଉଡ୍‌ରେ ଆଉ କେତେ ଦିଗ ନେଇ ଅଧିକ ବିତର୍କ ହେବା ଜରୁରୀ ବୋଲି ସେ ଅନୁଭବ କରନ୍ତି। ସେ ମଧ୍ୟରୁ ଅଭିନେତା ଓ ଅଭିନେତ୍ରୀଙ୍କୁ ମିଳୁଥିବା ପାରିଶ୍ରମିକରେ ଥିବା ପ୍ରଭେଦ ପ୍ରମୁଖ। ନେହା ଏକଥା ସ୍ମରଣ କରିଦେଇଛନ୍ତି ଯେ ପ୍ରିୟଙ୍କା ଚୋପ୍ରା, ଲାରା ଦତ୍ତ, ଶାହିଦ କପୁର ପ୍ରମୁଖ ତାଙ୍କ ସହିତ ଏକା ସମୟରେ ଅଭିନୟ ଆରମ୍ଭ କରିଥିଲେ। ସେମାନଙ୍କ ଚଳଚ୍ଚିତ୍ର ତାଲିକା ବହୁତ ଅଲଗା ସତ, ହେଲେ ସେମାନଙ୍କୁ ଅଭିନୟ ପାଇଁ ମିଳୁଥିବା ଦେୟର ଲିଙ୍ଗଗତ ତୁଳନା କରିବା ଏବଂ ସେଥିରେ ଥିବା ପ୍ରଭେଦକୁ ଦୂର କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ନେହା କହିଛନ୍ତି। ମନୋରଞ୍ଜନ ଶିଳ୍ପରେ ଜଣେ ଅଭିନେତ୍ରୀର ସଫଳତା ପାଇଁ ସେ କିଛି ଉପଦେଶ ଦେଇଛନ୍ତି। ଆଜିର ଦିନରେ ଯଦି ତୁମ ଇନ୍‌ଷ୍ଟାଗ୍ରାମ୍ ପରିଚିତିରେ ଅଭିନେତ୍ରୀ, ଉପସ୍ଥାପିକା, ମାଆ ଇତ୍ୟାଦି ଲେଖା ହୋଇନାହିଁ ତେବେ ତୁମେ ସଫଳ ହୋଇପାରିବ ନାହିଁ। ଏଭଳି କହିବାର ଅର୍ଥ ହେଲା ଜଣେ ଅଭିନେତା କେବଳ ଗୋଟିଏ ପେସା ସହିତ ସଂଶ୍ଳିଷ୍ଟ ରହିବାର ଦିନ ସରିଯାଇଛି। ସେଥିପାଇଁ ନେହା ଏକାଧିକ କାମ କରିବା ଓ ଏକାଧିକ ସ୍ୱୀକୃତି ହାସଲ କରିବା ଉପରେ ବିଶ୍ୱାସ କରନ୍ତି। ତେଣୁ ପ୍ରତି ଦିନ ସେ ନିଜର କ୍ୟାରିୟର୍ ଲକ୍ଷ୍ୟ ହାସଲ ପାଇଁ କଠିନ ପରିଶ୍ରମ କରୁଛନ୍ତି। ୨୦୦୨ରେ 'ଫେମିନା ମିସ୍ ଇଣ୍ଡିଆ' ମୁକୁଟ ଜିଣିବା ପରେ ୨୦୦୩ର 'କୟାମତ' ଚଳଚ୍ଚିତ୍ରରୁ ତାଙ୍କର ଅଭିନୟ ଯାତ୍ରା ଆରମ୍ଭ ହେଇଥିଲା। ଏ ବର୍ଷ ଆରମ୍ଭରେ ତାଙ୍କ ଅଭିନୀତ 'ଏ ଥର୍ସଡେ' ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା ଯେଉଁଥିରେ ସେ ଜଣେ ଗର୍ଭବତୀ ପୋଲିସ ଭୂମିକାରେ ଦେଖାଦେଇଥିଲେ। ରୋଚକ କଥା ହେଲା ସୁଟିଂ ବେଳେ ସେ ପ୍ରକୃତରେ ଆଠ ମାସର ଗର୍ଭବତୀ ଥିଲେ।

## ହୋଟେଲ ବିଲ୍ ୧୪କୋଟି ଟଙ୍କା



ଦୁବାଇର ଜଣେ ରେଷ୍ଟୋରାଁ ମାଲିକ ନିଜର ସୋସିଆଲ ମିଡିଆ ଆକାଉଣ୍ଟରେ ଏକ ବିଲ ସେୟାର କରିଛନ୍ତି। ଯେଉଁଥିରେ ନୂଆବର୍ଷରେ ୧୪କୋଟିର ବିଲ କଟିଥିବା ଦେଖିବାକୁ ମିଳୁଛି। ମର୍କ ତୁର୍କମେନ ଇନଷ୍ଟାଗ୍ରାମରେ ଏକ ବିଲର ଫଟୋ ସେୟାର କରିଛନ୍ତି। ଡାଉନଟାଉନର ଏକ ରେଷ୍ଟୋରାଁ ୧୮ଜଣ ଗ୍ରାହକ ବସିଥିବା ଟେବୁଲକୁ ୧୪କୋଟି ଟଙ୍କାର ବିଲ ପଠାଇଥିଲା। ତେବେ ଏହା ସ୍ପଷ୍ଟ ହୋଇନାହିଁ କି ମର୍କଙ୍କୁ ଏହି ବିଲ ପୈଠ କରିବାର ଥିଲା ନା ସେ କେବଳ ଏହି ବିଲର ଫଟୋ ପୋଷ୍ଟ କରିଛନ୍ତି। ସେ ସମ୍ପୂର୍ଣ୍ଣ ବିବରଣୀ ନଦେଇ ଷ୍ଟୋରୀର ଟାଇଟଲ ଦେଇଛନ୍ତି, 'ନଟ ଫାଷ୍ଟ ନଟ ଲାଷ୍ଟ'। ଟୁଇରିଷ୍ଟ ଓ ରେଜିଡେଣ୍ଟସ ଗତ ଶନିବାର ନୂତନ ବର୍ଷର ପାଳନ ପାଇଁ ଏରିଆରେ ରେଷ୍ଟୋରାଁ ବୁକିଂ କରିଥିଲେ। ତେବେ ଏହା ପ୍ରଥମ ଘଟଣା ନୁହେଁ, ଏହା ପୂର୍ବରୁ ବି ଏମିତି ଘଟଣା ଘଟିଛି। ଯାହାର ବିଲ ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିଲା। ଆଉ ଭାଇରାଲ ବି ହୋଇ ଯାଇଥିଲା। ଯାହାକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହି କ୍ରମରେ ଦେଖିବାକୁ ଗଲେ କିଛିଦିନ ତଳେ ଏକ ରେଷ୍ଟୋରାଁ ୩୭ବର୍ଷ ପୂର୍ବର ଅର୍ଥାତ ୧୯୮୫ମସିହାର ଏକ ଖାଦ୍ୟ ବିଲ ସେୟାର କରିଥିଲା। ଏହି ବିଲ ଦେଖି ସୋସିଆଲ ମିଡିଆ ବ୍ୟବହାରକାରୀ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ବାସ୍ତବରେ ୨୦୧୩ ଅଗଷ୍ଟ ୧୨ରେ ସେୟାର କରାଯାଇଥିବା ଏହି ପୋଷ୍ଟ ପୁଣି ଥରେ ଭାଇରାଲ ହୋଇଥିଲା। ଏଥିରେ ଦିଲ୍ଲୀର ଲାଜପତ ନଗର ଅଞ୍ଚଳସ୍ଥିତ ଲଜିଜ ରେଷ୍ଟୋରାଁ ଓ ହୋଟେଲ ୧୯୮୫ ମସିହା ଡିସେମ୍ବର ୨୦ର ଏକ ବିଲ ସେୟାର କରିଥିଲା। ଏହି ବିଲରେ ଗ୍ରାହକ ସାହି ପନୀର, ଡାଲ ମଖନି, ରାୟତା ଓ କିଛି ରୁଟିର ପ୍ଲେଟ ଅର୍ଡର କରିଥିଲେ। ଏଥିରେ ପ୍ରଥମ ଦୁଇଟି ବ୍ୟଞ୍ଜନ ପାଇଁ ୮ଟଙ୍କା ଓ ରାୟତା ପାଇଁ ୫ଟଙ୍କା ଓ ରୁଟି ପ୍ଲେଟ ପାଇଁ ୬ଟଙ୍କା ମୂଲ୍ୟ ରହିଛି। ଅର୍ଥାତ ପୂରା ରାଶି ୨୬ଟଙ୍କା ରହିଥିବା ଦେଖିବାକୁ ମିଳିଥିଲା।

## ମାଙ୍କଡ଼ ଛଡ଼ାଇନେଲା ୧ ଲକ୍ଷ ଟଙ୍କା

ମାଙ୍କଡ଼କୁ ନେଇ ଅନେକ ଘଟଣାର ଭିଡିଓ ସାମ୍ନାକୁ ଆସିଥାଏ। ନିକଟରେ ମାଙ୍କଡ଼ ଜଣେ ମହିଳାଙ୍କ ଠାରୁ ୧ଲକ୍ଷରୁ ଅଧିକ ଟଙ୍କା ଥିବା ଏକ ବ୍ୟାଗକୁ ଛଡ଼ାଇ ନେଇଥିବା ଘଟଣା ସାମ୍ନାକୁ ଆସିଛି। ଏଭଳି ଏକ ଘଟଣା ଥାଇଲ୍ୟାଣ୍ଡର ସିସାକେଟସ୍ଥିତ ଏକ ପାର୍କରେ ଘଟିଛି। ଏହି ପାର୍କକୁ ଜଣେ ବୃଦ୍ଧା ବୁଲିବାକୁ ଆସିଥିଲେ। ଏହି ବୃଦ୍ଧାଙ୍କ ବୟସ ୫୫ବର୍ଷ ପାଖାପାଖି ହେବ। ବୃଦ୍ଧାଙ୍କ ସାମ୍ନାକୁ ହଠାତ ମାଙ୍କଡ଼ଙ୍କ ଏକ ଦଳ ଚାଲି ଆସିଥିଲେ। ସେହି ସମୟରେ କେହି କିଛି ବୁଝିବା ପୂର୍ବରୁ ଏକ ମାଙ୍କଡ଼ ବୃଦ୍ଧା ଠାରୁ ଟଙ୍କା ଭର୍ତ୍ତି ବ୍ୟାଗ ଛଡ଼ାଇ ଗଛ ଉପରକୁ ଚାଲି ଯାଇଥିଲା। ଏହି ବ୍ୟାଗରେ ୧ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ଥିବା ବୃଦ୍ଧା ଜଣକ କହିଥିଲେ। ତେବେ ବ୍ୟାଗରେ ଯେତେବେଳେ ମାଙ୍କଡ଼ କିଛି ଖାଇବାକୁ ପାଇ ନଥିଲା, ସେ ଏକ ପାହାଡ ଉପରକୁ ଯାଇ ବ୍ୟାଗକୁ ତଳକୁ ଫିଙ୍ଗି ଦେଇଥିଲା। ବ୍ୟାଗଟି ଏକ ଗାଡ଼ାରେ ଖସି ପଡ଼ିଥିଲା। ସେହି ଗାଡ଼ାରୁ ବୃଦ୍ଧା ଜଣକ ବ୍ୟାଗ ଆଣିବାକୁ ସକ୍ଷମ ନଥିଲେ। ତେଣୁ ବୃଦ୍ଧା ଜଣକ ପାର୍କ ରେଞ୍ଜର୍ସଙ୍କୁ ସମ୍ପର୍କ କରିଥିଲେ। ଏହାପରେ ପାର୍କ ରେଞ୍ଜର୍ସ ଉକ୍ତ ଗାଡ଼ା ଭିତରୁ ମହିଳାଙ୍କ ବ୍ୟାଗକୁ ଆଣିଥିଲେ। ବୃଦ୍ଧା ଜଣକ ପୁଣିଥରେ ତାଙ୍କ ଟଙ୍କା ଭର୍ତ୍ତି ବ୍ୟାଗକୁ ପାଇ ପାରିଥିବାରୁ ପାର୍କ ରେଞ୍ଜର୍ସଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଭାରତର ଯୋଗ ଶିକ୍ଷକଙ୍କ ପ୍ରେମରେ ଚାଇନା ଛାତ୍ରୀ

ଚାଇନାରେ ରହୁଥିବା ଜଣେ ଯୁବତୀ ଛତିଶଗଡ଼ରେ ରହୁଥିବା ଜଣେ ଶିକ୍ଷକଙ୍କ ପ୍ରେମରେ ପଡ଼ି ଯାଇଥିଲେ। ଉକ୍ତ ଶିକ୍ଷକଙ୍କ ନାମ ଲୋକେଶ କୁମାର ବୋଲି ଜଣାପଡ଼ିଛି। ନିକଟରେ ଲୋକେଶ ଏକ ଭିଡିଓ ସେୟାର କରି ନିଜ ପ୍ରେମକାହାଣୀ ସମସ୍ତଙ୍କ ସହିତ ସେୟାର କରିଛନ୍ତି। ଏହି ଭିଡିଓରେ ଲୋକେଶ କହିଛନ୍ତି, 'ଛତିଶଗଡ଼ର ଧମତରି ଜିଲ୍ଲାରେ ମୁଁ ବସବାସ କରେ। ମୋର ବାପା ପେସାରେ ଜଣେ ଚାଷୀ ଭାବେ କାମ କରନ୍ତି। ଚାରିଜଣ ଭାଇଭଉଣୀଙ୍କୁ ନେଇ ମୋର ପରିବାର। ପିଲାଟି ଦିନରୁ ଯୋଗ ପ୍ରତି ମୋର ଦୁର୍ବଳତା ଥିଲା। ତେଣୁ ପାଠପଢ଼ିବା ପରେ ମୁଁ ହରିଦ୍ୱାରକୁ ଚାଲି ଯାଇଥିଲି। ଆର୍ଥିକ ସଙ୍କଟ ହେତୁ ବିଶ୍ୱବିଦ୍ୟାଳୟରେ ମୋର ଭର୍ତ୍ତି ହୋଇ ପାରି ନଥିଲା। ପରେ ଜଣେ ସାଙ୍ଗଙ୍କ ସାହାଯ୍ୟରେ ଭର୍ତ୍ତି ହୋଇଯାଇଥିଲା। ଏହାପରେ ମୁଁ ଯୋଗରେ ପୋଷ୍ଟ ଗ୍ରାଜୁଏସନ କରି ଚାକିରି ପାଇଁ ଦିଲ୍ଲୀ ଚାଲି ଯାଇଥିଲି। କିଛିବର୍ଷ ଦିଲ୍ଲୀରେ ରହିବା ପରେ ଚାଇନା ଯାଇଥିଲି। ସେଠାରେ ଥିବା ଭାରତୀୟ ଇନଷ୍ଟିଚ୍ୟୁଟରେ ଯୋଗ ଶିକ୍ଷକ ଆବଶ୍ୟକ ଥିଲା। ମୁଁ ଏହି ପୋଷ୍ଟ ପାଇଁ ଆବେଦନ କରିଥିଲି, ଆଉ ଚୟନ ବି ହୋଇଯାଇଥିଲା। ଏଠାରେ ମୋର ସାକ୍ଷାତ ହାଉ ଜୋଙ୍ଗ ନାମରେ ଜଣେ ଛାତ୍ରୀଙ୍କ ସହିତ ହୋଇଥିଲା। ହାଉ ମୋ ପାଖକୁ ଯୋଗ ଶିଖିବା ପାଇଁ ଆସିଥାଆନ୍ତି। କିଛିଦିନ ପରେ ହାଉ ମୋତେ ଭଲ ପାଆନ୍ତି ବୋଲି ପ୍ରସ୍ତାବ ଦେଇଥିଲେ। ଏହାପରେ ହାଉ ବିଷୟରେ ଘରେ ଜଣାଇଥିଲି। ପରିବାର ଲୋକଙ୍କ ସହମତିରେ ୨୦୧୯ରେ ଆମ ଦୁହିଁଙ୍କ ବିବାହ ହୋଇଥିଲା। ଲୋକେଶ ଓ ହାଉଙ୍କ ଏକ ସନ୍ତାନ ରହିଛି। ଯାହାର ନାମ ସେ ରୁଷିଆ ରଖିଛନ୍ତି।



## ଲୁଲୋ ରୋଜ୍



ମଧ୍ୟ ଆଫ୍ରିକାର ଏକ ଦେଶ ଅଙ୍ଗୋଲାରେ ମିଳିଛି ଏକ ବିରଳ ଗୋଲାପୀ ହୀରାର ସନ୍ଧାନ। ପ୍ରାୟ ୩୦୦ ବର୍ଷ ପରେ ଏହାକୁ ସବୁଠାରୁ ବଡ ହୀରା କୁହାଯାଉଛି। ଏହା ଏକ ୧୭୦ କ୍ୟାରେଟ୍ ଗୋଲାପୀ ହୀରା ଯାହାକୁ ଲୁଲୋ ରୋଜ୍ କୁହାଯାଏ। ଅଙ୍ଗୋଲାର ପୂର୍ବ-ଉତ୍ତରରେ ଥିବା ଲୁଲୋ ଖଣିରୁ ଏହାର ସନ୍ଧାନ ମିଳିଛି। ଲୁଲୋ ଖଣିର ଭାଗିଦାରୀ ତଥା ଅଙ୍ଗଲନ ସରକାର ଏହି ଐତିହାସିକ ସନ୍ଧାନକୁ ସ୍ୱାଗତ କରିଛନ୍ତି ଏବଂ କହିଛନ୍ତି କି ଏହା ଏକ ବେଶ୍ ଦାମୀ ହୀରା। ଏହା ଏକ ଟାଇପ୍ ୨ଏ ହୀରା ଏବଂ ଏଗୁଡିକ ସମ୍ପୂର୍ଣ୍ଣ ଶୁଦ୍ଧ ହୋଇଥାଏ। ଏହା ପ୍ରାୟତଃ ରଙ୍ଗହୀନ ହୋଇଥାଏ ଏବଂ ବହୁତ ବିରଳ ମଧ୍ୟ। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁସାରେ ଅଙ୍ଗୋଲନ ରାଜ୍ୟର ମାଲିକାନା ଥିବା ହୀରା ବ୍ୟାପାର ଫର୍ମ ସୋଡିୟମ୍ ଦ୍ୱାରା ଆୟୋଜିତ ଏକ ଅନ୍ତର୍ଜାତୀୟ ନିବିଦା ମାଧ୍ୟମରେ ହୀରା ବିକାଯାଏ। ଲୁଲୋ ରୋଜର ପ୍ରକୃତ ଦାମ୍ ଜାଣିବା ପାଇଁ ହୀରାକୁ କାଟିବା ସହିତ ପଲିସ କରିବାକୁ ହେବ। ତେବେ ଯଦି ହୀରାକୁ କାଟିବା ସହିତ ପଲିସ କରାଯାଏ ତେବେ ଏହାର ଓଜନ ପ୍ରାୟ ଅଧା ହୋଇଯିବ। ଏହା ପୂର୍ବରୁ ମଧ୍ୟ ଏଭଳି ଗୋଲାପୀ ହୀରା ଉଚ୍ଚା ଦାମରେ ବିକ୍ରି ହୋଇଛି । ୨୦୧୭ରେ ହଂକଂର ନିଲାମୀରେ ୫୯.୬ କ୍ୟାରେଟ୍ ପିଙ୍କ ଷ୍ଟାରକୁ ୭୧.୨ ମିଲିୟନ୍ ଡଲାରରେ ବିକାଯାଇଥିଲା ।


## କେଶ ଏବଂ ଚର୍ମ ପାଇଁ ଲାଭଦାୟକ ସୋରିଷ ତେଲ



ପ୍ରତ୍ୟେକ ରୋଷେଇ ଘରେ ସୋରିଷ ତେଲ ଉପଲବ୍ଧ। ପ୍ରାଚୀନ କାଳରୁ ଏହା ବ୍ୟବହୃତ ହୋଇ ଆସୁଛି। ରୋଷେଇ ସହ ଏହାକୁ ସ୍ୱାସ୍ଥ୍ୟର ଭଣ୍ଡାର ମଧ୍ୟ କୁହାଯାଏ। ଏହି ତେଲ ଏତେ ଲାଭଦାୟକ ଯେ ଆପଣ କଳ୍ପନା ମଧ୍ୟ କରିପାରିବେ ନାହିଁ। ଏହା କେଶ ଏବଂ ଚର୍ମ ପାଇଁ ମଧ୍ୟ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। କେବଳ ଏତିକି ନୁହେଁ, ସୋରିଷ ତେଲ ମଧ୍ୟ କର୍କଟ ଭଳି ରୋଗର ଆଶଙ୍କା ହ୍ରାସ କରିଥାଏ। ଶୀତ ଋତୁରେ ଚର୍ମ ବହୁତ ଶୁଷ୍କ ହୋଇଯାଏ। ଏଥିପାଇଁ ସୋରିଷ ତେଲ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହାକୁ ଅନେକ ପ୍ରକାରର ମାସ୍କରେ ମିଶାଇ ଚର୍ମରେ ଲଗାଇବା ଦ୍ୱାରା ତ୍ୱଚାରେ ଚମକ ଆସିଥାଏ ଏବଂ ସୁସ୍ଥ ରହିଥାଏ। ସୋରିଷ ତେଲକୁ ମହମ ସହିତ ମିଶ୍ରଣ କରି ଫଟା ପାଦରେ ଲଗାଇବା ଦ୍ୱାରା ଏହା ଠିକ୍ ହୋଇଥାଏ। ହେଲ୍‌ଥଲାଇନ ଅନୁଯାୟୀ, ଯଦି ଆପଣ ପ୍ରତିଦିନ କେଶରେ ସୋରିଷ ତେଲ ଲଗାନ୍ତି, ତେବେ ତ୍ୱଚାରେ ଜୀବାଣୁ ଏବଂ ଅନ୍ୟ ମାଇକ୍ରୋବାୟଲ ବୃଦ୍ଧି କମ୍ ହୋଇଯାଏ। ଏହା କେଶକୁ ଭଲ କରିଥାଏ ଏବଂ ରୂପି ସମସ୍ୟା କମ୍ ହୋଇଥାଏ। କେତେକ ଗବେଷଣା ଦାବି କରିଛି ଯେ ସୋରିଷ ତେଲ କର୍କଟ ରୋଗର ଆଶଙ୍କା କମ କରିଥାଏ। ଏହା କର୍କଟ କୋଷର ବୃଦ୍ଧିକୁ ମନ୍ଥର କରିଥାଏ ।

# ଶ୍ରୀଗଣେଶ

ଶ୍ରୀଗଣେଶ



## ଭାଦ୍ରବର ଚତୁର୍ଥୀ ପୂଜା

ଭଗବାନ ଗଣେଶଙ୍କର ଅନେକ ପ୍ରସିଦ୍ଧ ଏବଂ ଲୋକପ୍ରିୟ ନାମ ରହିଛି । ଗଣପତି, ବିଘ୍ନହର୍ତ୍ତା, ଗଜାନନ, ଲମ୍ବୋଦର, ଏକଦନ୍ତ, ବିନାୟକ, ଭାଲଚନ୍ଦ୍ର ଓ ସିଦ୍ଧିବିନାୟକ ସେମାନଙ୍କ ମଧ୍ୟରେ ଅନ୍ୟତମ । ସୃଷ୍ଟିର ସମସ୍ତ ଜୀବ, ଦେବଗଣ ଏବଂ ସମୂହର ସେ ସର୍ବୋଚ୍ଚ ସ୍ୱାମୀ ଓ ରକ୍ଷକ । ତେଣୁ ତାଙ୍କ ନାମ ଗଣପତି । ନିଜ ଭକ୍ତଙ୍କ ସମସ୍ତ ଦୁଃଖ, କଷ୍ଟ ଏବଂ ବାଧାବିଘ୍ନକୁ ସମୂଳେ ନାଶ କରୁଥିବାରୁ ସେ ବିଘ୍ନହର୍ତ୍ତା । ହାତୀ ଭଳି ମୁଣ୍ଡ ଥିବା ହେତୁ ତାଙ୍କୁ ଗଜାନନ କୁହାଯାଏ ।ତାଙ୍କ ଏହି ରୂପ ମଣିଷକୁ ଗଭୀର ବୁଦ୍ଧିମତ୍ତା, ଧୈର୍ଯ୍ୟ ଓ ବୃହତ ଚିନ୍ତାଧାରା ରଖିବାକୁ ପ୍ରେରଣା ଦେଇଥାଏ । ଲମ୍ବୋଦର ଅର୍ଥାତ ବଡ଼ ପେଟ । ଜୀବନର ସମସ୍ତ ଭଲ-ମନ୍ଦ ପରିସ୍ଥିତି ଓ ରହସ୍ୟକୁ ନିଜ ଭିତରେ ହଜମ କରି ଶାନ୍ତ ରହିବା ଉଚିତ ବୋଲିଏହି ନାମ ସୂଚିତ କରିଥାଏ । ମହାକାବ୍ୟ ମହାଭାରତ ରଚନା ବେଳେ ତାଙ୍କୁ ନିଜର ଗୋଟିଏ ଦାନ୍ତ ଭାଙ୍ଗି ଲେଖନୀ ଭାବେ ବ୍ୟବହୃତ କରିବାକୁ ପଡ଼ିଥିଲା । ତେଣୁ ତାଙ୍କ ଅନ୍ୟ ଏକ ନାମ ଏକଦନ୍ତ । ଏହା ଦର୍ଶାଏ ଯେ କୌଣସି ଶୁଭକାର୍ଯ୍ୟ ପାଇଁ ତ୍ୟାଗ କରିବାକୁ ପଛଘୁଞ୍ଚା ଦେବା ଅନୁଚିତ । ସେ ସର୍ବଶ୍ରେଷ୍ଠ ନାୟକ ବା ମାର୍ଗଦର୍ଶକ । ତାଙ୍କ ଉପରେ ଅନ୍ୟ କାହାର ଶାସନ ନାହିଁ । ତେଣୁ ସେ ବିନାୟକ । ମଥାରେ ଚନ୍ଦ୍ରମା ଧାରଣ କରିଥିବା ଭାଲଚନ୍ଦ୍ରଙ୍କ ଏହି ରୂପର ରହସ୍ୟ ହେଲା ମନୁଷ୍ୟ ଯେତେ ଜ୍ଞାନୀ ହେଲେ ମଧ ସଦାସର୍ବଦା ଶୀତଳ ଓ ଶାନ୍ତ ରହିବା ଆବଶ୍ୟକ । ଗଣେଶ ସମସ୍ତ ପ୍ରକାରର ସଫଳତା, ଐଶ୍ୱର୍ଯ୍ୟ ଏବଂ ମନସ୍କାମନା ପୂର୍ଣ୍ଣ କରୁଥିବା ପରମ ଦେବତା ଅଟନ୍ତି । ତେଣୁ ତାଙ୍କୁ ସିଦ୍ଧିବିନାୟକ କୁହାଯାଏ ।

ଗଣେଶଙ୍କ ସ୍ୱରୂପ ଏବଂ ଜୀବନରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ମିଳିଥାଏ । ତାଙ୍କ ଶରୀରର ପ୍ରତ୍ୟେକ ଅଙ୍ଗ ସୁନ୍ଦର ଜୀବନ ଦର୍ଶନରେ ଭରପୂର । ସମସ୍ତଙ୍କ କଥାକୁ ଭଲ ଭାବେ ଶୁଣିବା ଓ ବୁଝିବା, କମ୍ ଓ ମିଠା କହିବା ଏବଂ ତୀକ୍ଷ୍ଣ ନଜର ଓ ଏକାଗ୍ର ରହିବା ତାଙ୍କ ବଡ଼ କାନ, ଛୋଟ ପାଟି ଏବଂ ଛୋଟ ଆଖି ଶିଖାଇଥାଏ । ପ୍ରଥମପୂଜ୍ୟ ହୋଇ ମଧ ଛୋଟ ମୂଷାକୁ ନିଜର ବାହନ କରିବା ଅର୍ଥ ଅହଂକାର ତ୍ୟାଗ କରିବା, ସର୍ବଦା ନମ୍ର ଏବଂ ସରଳ ହେବା । ସଫଳତା ପାଇଁ ବଡ଼ ସାଧନ ନୁହଁ , ବରଂ ବୁଦ୍ଧିର ସଠିକ୍ ପ୍ରୟୋଗ ପ୍ରୟୋଜନ । ସୀମିତ ସମ୍ବଳର ଅଧିକାରୀ ହେଲେ ସୁଦ୍ଧା ଜ୍ଞାନ କୌଶଳ ଓ ବୁଦ୍ଧିମତ୍ତା ବଳରେ ସଫଳତା ମିଳିଥାଏ । ପ୍ରକୃତି ଓ ସମସ୍ତ ଜୀବଜନ୍ତୁଙ୍କ ସହ ସନ୍ତୁଳନ ରକ୍ଷା କରି ଚାଲିବା ଶ୍ରୀଗଣେଶଙ୍କ ମଣିଷ ସ୍ୱରୂପରେ ହାତୀ ମୁଣ୍ଡର ସଙ୍କେତ । ସମାଜର ସବୁ ଶ୍ରେଣୀର ଲୋକଙ୍କୁ ଆଦର କରିବା ଏବଂ ଏକାଠି ନେଇ ଚାଲିବା ଗଣେଶଙ୍କ ଠାରୁ ଶିଖିବାକୁ ମିଳେ ।

ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀ ଗଣେଶ । ପ୍ରତିବର୍ଷ ଭାଦ୍ରପଦ ଶୁକ୍ଳ ଚତୁର୍ଥୀ ତିଥିରେ ତାଙ୍କର ମହୋତ୍ସବ ପାଳିତ ହୋଇଥାଏ । ବିଶେଷକରି ଶିକ୍ଷାନୁଷ୍ଠାନ ଏବଂ ସାହି ବଜାର ମାନଙ୍କରେ । ଅବଶ୍ୟ ଅନକେ ତାଙ୍କ ଘରେ ଏହି ଉତ୍ସବ ପାଳିଥାନ୍ତି । ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ମଧ୍ୟରେ ଗଣେଶ ଚତୁର୍ଥୀରେ ଏକ ଭିନ୍ନ ଆଗ୍ରହ ଓ ଉତ୍ସାହ ଦେଖିବାକୁ ମିଳିଥାଏ । ଶାସ୍ତ୍ରୀୟ ବିଧି ମୁତାବକ ଗଣେଶ ପୂଜା ଚତୁର୍ଥୀରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଚାଲେ । ପୌରାଣିକ ମତ ଅନୁସାରେ ମହର୍ଷି ବେଦବ୍ୟାସ ଗଣେଶ ଚତୁର୍ଥୀରୁ ମହାଭାରତର ଶ୍ଳୋକ କହିବା ଆରମ୍ଭ କରିଥିଲେ । ତାଙ୍କ ଅନୁରୋଧ କ୍ରମେ ଭଗବାନ ଗଣେଶ ଲିପିବଦ୍ଧ କରୁଥିଲେ । ଅନନ୍ତ ଚତୁର୍ଦ୍ଦଶୀ ତିଥିରେ ମହାଭାରତ ରଚନା ସମାପ୍ତ ହେଲା । କ୍ରମାଗତ ଲେଖିବା ଫଳରେ ତାଙ୍କ ଶରୀରର ତାପମାତ୍ରା ଅଶେଷ ବୃଦ୍ଧି ପାଇଥିଲା । ଗଣେଶଙ୍କ ଶରୀରକୁ ଶୀତଳ କରିବା ପାଇଁ ବେଦବ୍ୟାସ ତାଙ୍କୁ ଏକ ପବିତ୍ର କୁଣ୍ଡରେ ସ୍ନାନ କରାଇଥିଲେ । ସୁତରାଂ ସେହିଦିନ ଗଣେଶ ବିସର୍ଜନ ଅନୁଷ୍ଠିତ ହୋଇଥାଏ । ସ୍ୱତନ୍ତ୍ରତା ସଂଗ୍ରାମ ସମୟରେ ବ୍ରିଟିଶ ସରକାର ଲୋକଙ୍କୁ ଏକତ୍ରିତ ହେବାକୁ ଦେଉନଥିଲେ । ୧୮୯୩ ମସିହାରେ ବାଳ ଗଙ୍ଗାଧର ତିଳକ ଦଶଦିନିଆ ସାର୍ବଜନୀନ ଚତୁର୍ଥୀ ପୂଜା ଆୟୋଜନ କରି ଧର୍ମ ଆଳରେ ଲୋକଙ୍କୁ ଏକଜୁଟ କରିଥିଲେ ବୋଲି ଐତିହାସିକ ମାନ୍ୟତା ରହିଛି । ଶୃଙ୍ଖଳିତ ସମାଜ ଗଠନ ଦୃଷ୍ଟିରୁ ଏହି ଗଣଉତ୍ସବର ଉଭୟ ସକାରାତ୍ମକ ଏବଂ ନକାରାତ୍ମକ ଦିଗ ରହିଛି । ଲାଭ ସହ ହାନି ମଧ ଅଛି । ସାର୍ବଜନୀନ ଗଣେଶ ପୂଜା ସମାଜର ସମସ୍ତ ବର୍ଗର ଲୋକଙ୍କ ପାଇଁ ଉନ୍ମୁକ୍ତ, ଖୋଲା । ଜାତି, ଧର୍ମ, ଲିଙ୍ଗ, ବର୍ଣ୍ଣ, ସମ୍ପ୍ରଦାୟ, ଧନୀ, ଗରୀବ, ବୃତ୍ତି, କୁଳ, ଗୋତ୍ର ନିର୍ବିଶେଷରେ ସମସ୍ତେ ଏହି ପୂଜୋତ୍ସବର ପ୍ରତିଭାଗୀ ହୋଇପାରିବେ । ଏଥିନିମିତ୍ତ ସିମିତି କୌଣସି ଧାର୍ମିକ କିମ୍ବା ପରମ୍ପରାଗତ ପ୍ରତିବନ୍ଧକ ନଥାଏ । ପୂଜା ମଣ୍ଡପଗୁଡ଼ିକରେ ସମସ୍ତେ ଏକତ୍ରିତ ମିଳିମିଶି ବିଭିନ୍ନ କାର୍ଯ୍ୟ ସମ୍ପାଦନ କରନ୍ତି । ଯଦ୍ୱାରା ସାମାଜିକ ସୌହାର୍ଦ୍ଦ୍ୟ ବଢ଼େ । ଗଜାନନ ବୁଦ୍ଧି ବିଦ୍ୟା ପ୍ରଦାନ କରିଥାନ୍ତି ବୋଲି ଲୋକଙ୍କ ମନରେ ଦୃଢ଼ ଧାରଣା ରହିଛି । ତାଙ୍କୁ ଭକ୍ତିର ସହ ପୂଜା କଲେ ଶିକ୍ଷା ଏବଂ ସଦ୍ବୁଦ୍ଧିର ଜାଗରଣ ହୋଇଥାଏ । ପିଲାଙ୍କ କ୍ଷେତ୍ରରେ ଏପ୍ରକାର ଚିନ୍ତାଧାରା ଏକ ଶକ୍ତି ଭଳି କାମ କରିଥାଏ । ପାଠ ପ୍ରତି ରୁଚି ବଢ଼ିଥାଏ । ଏହି ପର୍ବ ମୂର୍ତ୍ତି କାରିଗର, ଫୁଲ ବ୍ୟବସାୟୀ, ମିଠା ବିକାଳୀ ଓ ସଜାଳିଙ୍କ ଭଳି ଅନେକ ସ୍ଥାନୀୟ ଲୋକଙ୍କ ଜୀବିକା ନିର୍ବାହରେ ସହାୟକ ହୋଇଥାଏ । କଳାର ବିକାଶ ଘଟିଥାଏ । ଅର୍ଥନୀତି ଗତିଶୀଳ ହୁଏ । ପ୍ରବନ୍ଧନ କୌଶଳରେ ପଟୁତା ଆସେ । ନେତୃତ୍ୱ ନେବାର ଦକ୍ଷତା ବଢ଼େ । ଦଳଗତ କାର୍ଯ୍ୟ ଏବଂ ଆର୍ଥିକ ପରିଚାଳନାର ଅଭିବୃଦ୍ଧି ହୁଏ । ପୂଜା ଉପଲକ୍ଷେ ବିଭିନ୍ନ ସ୍ଥାନରେ ବକ୍ତୃତା, ଚିତ୍ରାଙ୍କନ,



**ଡ଼କ୍ଟର ପ୍ରମୋଦ କୁମାର ପଣ୍ଡା**
ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର, ମୋ-୭୯୭୮୨୮୩୧୯୦

ସଂଗୀତ, ନୃତ୍ୟ ପ୍ରତିଯୋଗିତା ଇତ୍ୟାଦି ଆୟୋଜିତ ହୋଇଥାଏ । ଏହା ଦ୍ୱାରା ଶିଶୁ ଏବଂ ଯୁବପିଢ଼ିଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାର ଉନ୍ମେଷ ଘଟେ । ଲୋକଲୋଚନକୁ ଆଣିବାରେ ସହାୟକ ହୁଏ । ସାଂସ୍କୃତିକ ଜାଗରଣ ଏବଂ ପ୍ରତିଭା ଅନ୍ୱେଷଣ ପ୍ରତି ରୁଚି ବଢ଼ିଥାଏ । ପୂଜାଧଜା, ମନ୍ତ୍ରପାଠ, ଆଳତୀ, ଆଧ୍ୟାତ୍ମିକ ପରିବେଶ ଇତ୍ୟାଦି ଯୋଗୁଁ ଚାପ କମେ । ମାନସିକ ଶାନ୍ତି ମିଳେ । ମନ ପବିତ୍ର ରହେ । ସମାଜରେ ପବିତ୍ର ତଥା ସକାରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ । ଭାଇଚାରା ବଢ଼େ । ସାମାଜିକ ସମ୍ପର୍କ ଦୃଢ଼ୀଭୂତ ହୁଏ । ବିଦ୍ୱେଷ ଓ ବିଷାଦ ଘଟେ । ଅର୍କେଷ୍ଟ୍ରା ଭଳି କାର୍ଯ୍ୟକ୍ରମ ବେଳବଳେ ଅନେକ ଲୋକଙ୍କ ପାଇଁ ମନୋରଞ୍ଜନର ଏକ ସହଜ ସାଧନ ବନିଯାଏ ।

ସମ୍ପ୍ରତି ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ଓ ବିଭିନ୍ନ ରାସାୟନିକ ରଙ୍ଗର ଉପଯୋଗରେ ମୂର୍ତ୍ତି ପ୍ରସ୍ତୁତ ହେଉଛି । ବ୍ୟବହାର ମଧ ଦିନକୁଦିନ ବଢ଼ିଚାଲିଛି । ପୂଜା ପରେ ମୂର୍ତ୍ତିଗୁଡ଼ିକ ନଦୀ ବା ପୋଖରୀରେ ବିସର୍ଜନ କରିବା ଦ୍ୱାରା ଜଳ ପ୍ରଦୂଷଣ ସାଙ୍ଘାତିକ ରୂପ ନେଉଛି । ଜଳଜୀବଙ୍କ ପାଇଁ ବିପଦ ସୃଷ୍ଟି ହେଉଛି । ଆଜିକାଲି ଉଗ୍ର ଆଧୁନିକତା ସବୁଆଡ଼େ ବ୍ୟାପିଲାଣି । ସମସ୍ତଙ୍କୁ ଗ୍ରାସ କଲାଣି । ଭକ୍ତିପୂତ ପବିତ୍ର ପରିବେଶରେ ଡିଜେ ନହଲେ ନଚଳେ । ତା'ସହ ପ୍ରଗଲ୍ଭ ଆଶାଳୀନ ନୃତ୍ୟ, ସଙ୍ଗୀତ । ଏସବୁ ପୂଜା ପଦ୍ଧତିକୁ କଳୁଷିତ କରୁଛି । ଶବ୍ଦ ପ୍ରଦୂଷଣ ସୃଷ୍ଟି କରୁଛି । ବୃଦ୍ଧ, ଶିଶୁ ଓ ରୋଗୀଙ୍କ ପାଇଁ ଏହା କଷ୍ଟଦାୟକ, ବିପଦପୂର୍ଣ୍ଣ । ଯୁବପିଢ଼ିଙ୍କ ମଦ୍ୟପାନ, ଅଶାଳୀନ ନୃତ୍ୟ ଅପସଂସ୍କୃତିକୁ ଜନ୍ମ ଦେଉଛି । ଅପବ୍ୟୟ ବଢୁଛି । ପ୍ରତିଯୋଗୀତା ମୂଳକ ମନୋଭାବ ଯୋଗୁଁ ଲକ୍ଷ ନୁହଁ, କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ଅଯଥା ଆଡ଼ମ୍ବର ବଢୁଛି । ରାସ୍ତାଘାଟ ଅବରୋଧ କରି ମଣ୍ଡପ ନିର୍ମିତ ହେଉଛି । ସାଧାରଣ ପରିବହନ ଏବଂ ଜରୁରୀକାଳୀନ ସେବା ପ୍ରଭାବିତ ହୋଇଥାଏ । ଦୈନନ୍ଦିନ ଜୀବନ ଯାତ୍ରା ବ୍ୟାଘାତ ହେଉଛି । ଦୁର୍ଘଟଣା ଘଟୁଛି । ପ୍ରାଣ ଯାଉଛି । ପୂଜା ସମୟରେ ଓ ପୂଜା ପରେ ବ୍ୟବହୃତ ପ୍ଲାଷ୍ଟିକ୍ ଗ୍ଲାସ୍, ପ୍ଲେଟ୍, ଖାଦ୍ୟ ସାମଗ୍ରୀ, ଥର୍ମୋକୁଲ୍ ଏବଂ ଫୁଲ-ପତ୍ର ଇତ୍ୟାଦି ରାସ୍ତାଘାଟରେ ଇତସ୍ତତ ପଡ଼ିରହୁଛି । ପ୍ରବଳ ଅପରିଷ୍କାର ପରିବେଶ ସୃଷ୍ଟି କରୁଛି । ପୂଜା ଦିନଗୁଡ଼ିକରେ ପ୍ରବଳ ଶବ୍ଦ ଓ କୋଳାହଳ ଯୋଗୁଁ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି । ଜୋର ଜବରଦସ୍ତ ଚାନ୍ଦା ଆଦାୟ ଆଜିକାଲି ଅମାନିଆଙ୍କ ଅଭ୍ୟାସରେ ପରିଣତ ହେଲାଣି । ପାର୍ବଣ ଋତୁରେ ଅନେକ ସମୟରେ ପୂଜା କମିଟିସବୁ ଜନସାଧାରଣ, ବ୍ୟବସାୟୀମାନଙ୍କୁ ବାଧ୍ୟତାମୂଳକ ଭାବେ ଅଧିକ ଚାନ୍ଦା ମାଗିଥାନ୍ତି । ଏହାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ବିବାଦ ଦେଖାଦିଏ । ଗଣ୍ଡଗୋଳ ହୁଏ । ସାମାଜିକ ଅଶାନ୍ତି ଓ ଅସ୍ଥିରତା ବ୍ୟାପେ । ପୁଲିସ କେସ ମଧ ହୁଏ ।

ଉତ୍ସବ ସମାଜିକ ଆନନ୍ଦ ପାଇଁ ଉଦ୍ଦିଷ୍ଟ, କାହାର ଦୁଖର କାରଣ ନିମିତ୍ତ ନୁହେଁ । ଗଣେଶ ଚତୁର୍ଥୀର ଆଧ୍ୟାତ୍ମିକ ମୂଲ୍ୟବୋଧ ବଜାୟ ରଖିବା ସହ ପରିବେଶ ଅନୁକୂଳ ମୂର୍ତ୍ତି ଓ ସାମଗ୍ରୀର ବ୍ୟବହାର ଏବଂ ଶୃଙ୍ଖଳିତ ପୂଜା ବିଧି ଅନୁସୃତ ହେଲେ ଏହି ପବିତ୍ର ପର୍ବର ପ୍ରକୃତ ସୁଫଳ ମିଳିପାରିବ । ସମାଜକଲ୍ୟାଣ ନିମନ୍ତେ ପ୍ରଦୂଷଣମୁକ୍ତ ପୂଜା ଅପରିହାର୍ଯ୍ୟ ଅଟେ ।

## ଅଗ୍ରପୂଜ୍ୟ ଶ୍ରୀଗଣେଶ

ସନାତନ ହିନ୍ଦୁ ଧର୍ମର ଅଗ୍ରପୂଜ୍ୟ ଦେବତାରୂପେ ଶ୍ରୀଗଣେଶ ସୁବିଦିତ । ତେଣୁ ଗଣପତିଙ୍କୁ ପ୍ରତ୍ୟେକ ଶୁଭକାର୍ଯ୍ୟ, ପୂଜାପାଠ କିମ୍ବା ନୂତନ କାର୍ଯ୍ୟ ଆରମ୍ଭ ପୂର୍ବରୁ ସର୍ବପ୍ରଥମେ ପୂଜକମାନେ ନିମ୍ନ ଲିଖିତ ବୈଦିକ ମନ୍ତ୍ରକୁ ପାଠ କରିଥାନ୍ତି:-

ହରି ଓଁ ।। ଗଣାନାଂ ତ୍ୱା ଗଣପତିଗୁଂ ହବାମହେ
ପ୍ରିୟାଣାଂ ତ୍ୱା ପ୍ରିୟପତିଗୁଂ ହବାମହେ
ନିଧୀନାଂ ତ୍ୱା ନିଧିପତିଗୁଂ ହବାମହେ, ବସୋ ମମ ?
ଆହମଜାନି ଗର୍ଭଧମା ତ୍ୱମଜାସି ଗର୍ଭଧମ୍ ?

ଅର୍ଥାତ୍: ହେ ପ୍ରଭୁ ଗଣେଶ ! ଆପଣ ସମସ୍ତ ଜୀବଗଣ ଏବଂ ସମଗ୍ର ସୃଷ୍ଟି ସମୂହ (ଗଣ) ର ସ୍ୱାମୀ ବା ରକ୍ଷକ । ଆମ୍ଭେମାନେ ଆପଣଙ୍କୁ ଆବାହନ କରୁଛୁ । ସକଳ ପ୍ରିୟ ବସ୍ତୁ ଓ ଆନନ୍ଦଦାୟକ ଶକ୍ତିଗୁଡ଼ିକର ଆପଣ ସ୍ୱାମୀ ଅଟନ୍ତି । ସେଥିପାଇଁ ଆମ୍ଭେମାନେ ଆପଣଙ୍କୁ ପ୍ରଣାମ ପୂର୍ବକ ଆବାହନ କରୁଛୁ । ସେହିପରି ଆପଣ ସମସ୍ତ ପ୍ରକାରର ଐଶ୍ୱର୍ଯ୍ୟ, ଜ୍ଞାନ ଓ ସୁଖ-ସମୃଦ୍ଧି ରୂପକ ନିଧି (ରତ୍ନଭଣ୍ଡାର) ର ଅଧିପତି । ଆପଣଙ୍କୁ ଆମ୍ଭେମାନେ ଆମ ଜୀବନକୁ ଆସିବା ପାଇଁ ପ୍ରାର୍ଥନା କରୁଛୁ । ହେ ପ୍ରଭୁ ! ଆପଣ ମୋ ଭିତରେ ବାସ କରନ୍ତୁ ଏବଂ ମୋତେ ନିଜ ଶରଣରେ ରଖନ୍ତୁ ।

ଗଜାନନଙ୍କୁ କେବଳ ଅଗ୍ରପୂଜ୍ୟ ଭାବେ ପୂଜା କରାଯାଏ ନାହିଁ, ଅପିତୁ ବିଦ୍ୟାରମ୍ଭ ସମୟରେ, ବିବାଦ କାଳରେ , ପ୍ରବାସ ସ୍ଥାନରେ, ନିର୍ଜନ ଜାଗାରେ , ସଂଗ୍ରାମ ସ୍ଥଳରେ ଏବଂ ଘୋର ସଙ୍କଟ ବେଳରେ ଏହି ଦେବଙ୍କ ଦ୍ୱାଦଶ ନାମକୁ ସ୍ମରଣ କଲେ ମଣିଷ ସମସ୍ତ ଦୁଃଖ ଓ କଷ୍ଟରୁ ଉଦ୍ଧାର ପାଇଥାଏ । ଯାହାର ଦୃଷ୍ଟାନ୍ତ ସ୍କନ୍ଦ ପୁରାଣରେ ରହିଛି :-

ସୁମୁଖଶ୍ଚୈକଦନ୍ତଶ୍ଚ କପିଲୋ ଗଜକର୍ଣ୍ଣକଃ ।
ଲମ୍ବୋଦରଶ୍ଚ ବିକଟୋ ବିଘ୍ନନାଶୋ ଗଣାଧିପଃ ?
ଧୂମ୍ରକେତୁର୍ଗଣାଧକ୍ଷୋ ଭାଲଚନ୍ଦ୍ରୋ ଗଜାନନଃ ।
ଦ୍ୱାଦଶୈତାନି ନାମାନି ଯଃ ପଠେଚ୍ଛୃଣୁୟାଦପି ?
ବିଦ୍ୟାରମ୍ଭେ ବିବାହେ ଚ ପ୍ରବେଶେ ନିର୍ଗମେ ତଥା ।
ସଂଗ୍ରାମେ ସଙ୍କଟେ ଚୈବ ବିଘ୍ନସ୍ତସ୍ୟ ନ ଜାୟତେ ?

ଏତଦ୍ ବ୍ୟତୀତ ସେ ହେଉଛନ୍ତିଁ ବିଘ୍ନହର୍ତ୍ତା, ସିଦ୍ଧିଦାତା ଏବଂ ବୁଦ୍ଧିର ଦେବତା । ତାଙ୍କର ଯେଉଁ ବିଚିତ୍ର ଓ ଅଲୌକିକ ରୂପକୁ ଆମେ ଦର୍ଶନ କରୁଛେ, ଏଥିରେ ଅନେକ ତତ୍ତ୍ୱାର୍ଥ ଲୁକ୍କାୟିତ ରହିଛି । ଗିରିଜା ନନ୍ଦଙ୍କ ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗ, ଆୟୁଧ ଏବଂ ବାହନ ପଛରେ ଏକ ଗଭୀର ଆଧ୍ୟାତ୍ମିକ, ସାମାଜିକ ଓ ବ୍ୟବହାରିକ ଜୀବନ ଦର୍ଶନ ଭରି ରହିଛି । ଯାହା ତାଙ୍କର 'ଗଣେଶ' ନାମରୁ ଜଣାଯାଏ । ଏହି ନାମର ଅର୍ଥ ହେଉଛି ଗଣ ମାନଙ୍କର ଈଶ, ଅର୍ଥାତ୍ ଯେ ସମୂହ ଜନତାଙ୍କ ସ୍ୱାମୀ ବା ଶାସକ । ଜଣେ ଆଦର୍ଶ ନେତା କିପରି ହେବା ଉଚିତ, ତାହା ଗଣେଶଙ୍କ ନେତୃତ୍ୱରୁ ସ୍ପଷ୍ଟ ଜଣାଯାଏ । ସେ ସମସ୍ତଙ୍କୁ ସାଥିରେ ନେଇ ଚାଲିବାର ପ୍ରେରଣା ଦିଅନ୍ତି । ତାହାଙ୍କ ବିଶାଳ ମସ୍ତକଟି ହାତୀର ସ୍ୱରୂପ । ଏଣୁ ତାହାଙ୍କୁ ଗଜାନନ କୁହାଯାଏ । ହାତୀ ହେଉଛି ବୁଦ୍ଧିମତ୍ତା, ଗାମ୍ଭୀର୍ଯ୍ୟ ଏବଂ ସ୍ମରଣ ଶକ୍ତିର ପ୍ରତୀକ । ଯାହା ମାନବକୁ ଉଚ୍ଚ ଚିନ୍ତାଧାରା ରଖିବାକୁ ଏବଂ ନିଜର ବୁଦ୍ଧି ଓ ବିବେକକୁ ସର୍ବଦା ଜାଗ୍ରତ ରଖିବାକୁ ଶିକ୍ଷା ଦିଏ । ବିଶାଳ ମସ୍ତକ ଦର୍ଶାଏ ଯେ ଜଣେ ବ୍ୟକ୍ତିକୁ ଜ୍ଞାନ ଅର୍ଜନ ପାଇଁ ସର୍ବଦା ପ୍ରସ୍ତୁତ ରହିବା ଉଚିତ । ସେହିପରି ଛୋଟ ଛୋଟ ଦୁଇଟି ଆଖି । ଏହା ସୂକ୍ଷ୍ମ ଦୃଷ୍ଟିଭଙ୍ଗୀ, ଏକାଗ୍ରତା ଓ ଦୂରଦର୍ଶିତାର ପ୍ରତୀକ । ଯାହା ଜୀବନରେ ସଫଳତା ପାଇବାକୁ ହେଲେ କୌଣସି ବିଷୟକୁ ଗଭୀର ଭାବେ ନିରୀକ୍ଷଣ କରିବା ଏବଂ ସେଥିପ୍ରତି ସମ୍ପୂର୍ଣ୍ଣ ଏକାଗ୍ର ରହିବା ଆବଶ୍ୟକ ବୋଲି ଏହା ସୂଚାଇଥାଏ । ବିଶାଳ କାନ ଦୁଇଟି ଜଣାଏ ଯେ, ଜଣେ ଭଲ ଶ୍ରୋତା ହେବା କେତେ ଜରୁରୀ । ସଂସାରର ସମସ୍ତ ଭଲ ମନ୍ଦ କଥାକୁ ଧୈର୍ଯ୍ୟର ସହ ଶୁଣିବା ଉଚିତ, ମାତ୍ର କୁଲା ଯେପରି ଅଦରକାରୀ ଜିନିଷକୁ ଫିଙ୍ଗିଦେଇ କେବଳ ସାର ଅଂଶକୁ ରଖେ, ସେହିପରି ଆମକୁ କେବଳ ଭଲ କଥାକୁ ଗ୍ରହଣ କରି ଖରାପ କଥାକୁ ପରିତ୍ୟାଗ କରିବା ଉଚିତ । ହାତୀର ଶୁଣ୍ଢ ଅତ୍ୟନ୍ତ ଲମ୍ବ ଓ ଶକ୍ତିଶାଳୀ ହେଲେବି, ସେ ଖୁବ୍ ସୂକ୍ଷ୍ମ କାର୍ଯ୍ୟ ମଧ କରିପାରେ । ଏହା ଜୀବନର ଉଭୟ ସ୍ଥୂଳ ଏବଂ ସୂକ୍ଷ୍ମ ପରିସ୍ଥିତିକୁ ସାମ୍ନା କରିବାର କ୍ଷମତାକୁ ଦର୍ଶାଏ । ଉପରକୁ ଉଠିଥିବା ଶୁଣ୍ଢ କୁଣ୍ଡଳିନୀ ଶକ୍ତିର ଜାଗରଣ ଓ ଆଧ୍ୟାତ୍ମିକ ପ୍ରଗତିର ପ୍ରତୀକ । ଗଣେଶଙ୍କର ଗୋଟିଏ ଦାନ୍ତ ଅକ୍ଷୁର୍ଣ୍ଣ ଥିବା ବେଳେ ଅନ୍ୟଟି ଭଙ୍ଗା, ତେଣୁ ତାହାଙ୍କୁ ଏକଦନ୍ତ କୁହାଯାଏ । ଏହା ଦ୍ୱୈତଭାବର ଅନ୍ତ ଓ ଅଦ୍ୱୈତଭାବର ପ୍ରତୀକ । ପୌରାଣିକ କଥା ଅନୁସାରେ, ମହାଭାରତ ଲେଖିବା ପାଇଁ ସେ ନିଜର ଦାନ୍ତକୁ ଭାଙ୍ଗି ଲେଖନୀ ଭାବରେ ବ୍ୟବହାର କରିଥିଲେ, ଯାହା ଜ୍ଞାନ ପାଇଁ ତ୍ୟାଗର ମହତ୍ତ୍ୱକୁ ବୁଝାଏ । ଲମ୍ବୋଦର (ବିଶାଳ ପେଟ) ସୂଚାଏ ଯେ ଜୀବନରେ ଆସୁଥିବା ସମସ୍ତ ସୁଖ, ଦୁଃଖ, ରହସ୍ୟ, ସମାଲୋଚନା ଓ ଅପବାଦକୁ ନିଜ ଭିତରେ ହଜମ କରି ନେବା ଉଚିତ । ସବୁ ପରିସ୍ଥିତିରେ ଧୈର୍ଯ୍ୟବାନ ରହିବା ଏହାର ମୁଖ୍ୟ ବାର୍ତ୍ତା ।

ସେଭଳି ଚତୁର୍ଭୁଜରେ ଧାରଣ କରିଥିବା ଆୟୁଧର ମଧ ବିଶେଷ ମହତ୍ତ୍ୱ ଓ ରହସ୍ୟ ରହିଛି । ଯେପରି ଅଙ୍କୁଶଟ୍ଟ ଏହା ମନକୁ ନିୟନ୍ତ୍ରଣ କରିବା ଓ କୁପ୍ରବୃତ୍ତିକୁ ଦମନ କରିବାର ସଙ୍କେତ । ପାଶ (ଦଉଡ଼ି) ଏହା ସଂସାରର ମୋହମାୟାରୁ ଦୂରେଇ ରହି ଈଶ୍ୱରଙ୍କ ସହ ବାନ୍ଧି ହୋଇ ରହିବାକୁ ପ୍ରେରଣା ଦିଏ । ମୋଦକ (ଲଡୁ) ଏହା ସାଧନାର ମଧୁର ଫଳ କିମ୍ବା ଆନନ୍ଦର ପ୍ରତୀକ । କଠିନ ପରିଶ୍ରମ ଓ ସଦମାର୍ଗରେ ଚାଲିଲେ ଶେଷରେ ମୋଦକ ଭଳି ମିଠା ଫଳ ମିଳିଥାଏ । ବରଦ ମୁଦ୍ରା ବା ଆଶୀର୍ବାଦ ମୁଦ୍ରା ଯାହା ସର୍ବଦା ଆଶୀର୍ବାଦ ପ୍ରଦାନ କରୁଥାଏ, ଯେ ଶରଣାଗତ ଭକ୍ତକୁ ଅଭୟ ପ୍ରଦାନ କରେ । ମୂଷିକ ବାହନର ମଧ ମହତ୍ତ୍ୱ ରହିଛି । ଏତେ ବଡ଼ ଦେବତା ହୋଇ ମଧ ଗଣେଶ ଏକ କ୍ଷୁଦ୍ର ଜୀବ ମୂଷାକୁ ନିଜର ବାହନ କରିଛନ୍ତି । ମୂଷା ହେଉଛି ଚଞ୍ଚଳତା, ଲୋଭ ଏବଂ ଅଜ୍ଞାନତାର ପ୍ରତୀକ । ସେ ଅନ୍ଧାରରେ ସବୁ ଜିନିଷକୁ କାଟି ନଷ୍ଟ କରିଦିଏ । ଗଣେଶ ମୂଷା ଉପରେ ବସିବା ଅର୍ଥ ହେଉଛି ସେ ନିଜର ବୁଦ୍ଧି ଓ ଜ୍ଞାନ ଦ୍ୱାରା ଚଞ୍ଚଳ ମନ, ଲୋଭ ଓ ବାସନାକୁ ନିଜ ନିୟନ୍ତ୍ରଣରେ ରଖିଛନ୍ତି । ଏହା ସମାଜକୁ ବାର୍ତ୍ତା ଦିଏ ଯେ କୌଣସି ଜୀବ ଛୋଟ ବା ତୁଚ୍ଛ ନୁହେଁ, ପ୍ରତ୍ୟେକଙ୍କର ନିଜସ୍ୱ ଗୁରୁତ୍ୱ ରହିଛି । ଆଜିର ଆଧୁନିକ ଯୁଗରେ ଗଣେଶଙ୍କ ସ୍ୱରୂପ ମାନସିକ ଚାପ ଦୂର କରିବା ଏବଂ ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶ ପାଇଁ ଏକ ଶ୍ରେଷ୍ଠ ଉଦାହରଣ । ମାତା ପାର୍ବତୀ ଓ ପିତା ମହାଦେବଙ୍କୁ ପ୍ରଦକ୍ଷିଣ କରି ସେ



**ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ**
ଖମ୍ବେଶ୍ୱରୀ ପାଟଣା, ଆସିକା ଗଞ୍ଜାମ
୯୮୬୧୩୩୪୮୬୮

ପ୍ରମାଣିତ କରିଥିଲେ ଯେ ପିତାମାତା ହିଁ ସନ୍ତାନ ପାଇଁ ସମଗ୍ର ସଂସାର ଏବଂ ଏହା ପାରିବାରିକ ମୂଲ୍ୟବୋଧ ପାଇଁ ଶ୍ରେଷ୍ଠ ଶିକ୍ଷା । ବିଘ୍ନରାଜ ଭାବେ ସେ ପ୍ରତ୍ୟେକ ବାଧାବିଘ୍ନକୁ ଧୈର୍ଯ୍ୟର ସହ ଦୂର କରିବାର ସାମର୍ଥ୍ୟ ଦିଅନ୍ତି, ଯାହା ସଂକଟ ପରିଚାଳନା ଶିକ୍ଷା ଦିଏ ।

ଶ୍ରୀଗଣେଶଙ୍କ ସ୍ୱରୂପ କେବଳ ପୂଜା ମଣ୍ଡପରେ ସୀମିତ ନୁହେଁ, ବରଂ ତାହା ଜୀବନ ଜିଇଁବାର ଏକ ସମ୍ପୂର୍ଣ୍ଣ ଦାର୍ଶନିକ କଳା । ତାଙ୍କର ଏହି ଦିବ୍ୟ ରୂପକୁ ଆମେ ଯଦି କେବଳ ବାହ୍ୟ ଦୃଷ୍ଟିରେ ନଦେଖି ତାଙ୍କର ଆଧ୍ୟାତ୍ମିକ ଓ ବ୍ୟବହାରିକ ମହତ୍ତ୍ୱକୁ ନିଜ ଜୀବନରେ ପ୍ରୟୋଗ କରିବା, ତେବେ ଆମର ବୁଦ୍ଧି ସଂଶୋଧିତ ହୋଇ, ଜୀବନର ସମସ୍ତ ବିଘ୍ନ ଦୂର ହେବ ଏବଂ ସମାଜରେ ସୁଖ-ଶାନ୍ତି ପ୍ରତିଷ୍ଠା ହୋଇପାରିବ । ସେଥିପାଇଁ ଶ୍ରୀଗଣେଶ ସ୍ୱରୂପର ମହତ୍ତ୍ୱ ସନାତନ ସଂସ୍କୃତିର ଏକ ଚିରନ୍ତନ ଓ ଅଦ୍ୱିତୀୟ ମହତ୍ତ୍ୱକୁ ପ୍ରତିପାଦିତ କରିଛି ।

## ହେ ଗଜାନନ



ଦେଖ
ବାଇଶି ବର୍ଷ ହେଲା
ଅଧାଗଢ଼ା ଜୀବନକୁ ନେଇ
ଜୀଇଁ ଚାଲିଛି ମୋର ହତଭାଗ୍ୟ ଜୀବନ,

ଯାହା ଦେଇଛ
ତାହା ଖୁସିରେ ସାଉଁଟି ନେଇଛି
ଯାହା ଦେଇନ
ତାହାକୁ ନେଇ କେବେ ଅଭିଯୋଗ
କରିନି,
କି କେବେ ବର୍ଣ୍ଣି ପାରିନି
ତମ ଆଗରେ ହୃଦୟର କେଇ ଫର୍ଦ୍ଦ
ଅକୁହା କଥା..... !

ଶୁଣିଛି,
ତମେ ତିମିରକୁ ଭେଦି
ଜହ୍ନ ଉଏଁଇ ପାର ଅମାବାସ୍ୟା ରାତିରେ,
ତମେ ଅଜ୍ଞାନ ମୁଣ୍ଡରେ ଭରିଦେଇପାର
ଜ୍ଞାନର ସବୁତକ ବୀଜ,
ପୁଣି ତମ ବଳରେ ହତଭାଗ୍ୟ
ପାରି ହେଇଯାଏ ବୁଦ୍ଧିର ପରିସୀମା.... !

ଜାଣିନି,
କେବେ ,କେମିତି ,କେଉଁ ମୁହୂର୍ତ୍ତରେ
ତମକୁ ମନେ ପକେଇଛି
କି ତମ ଆଗରେ ବଖାଣିଛି ହୃଦୟର
ବେଦନା ?
କିନ୍ତୁ
ଏତିକି ଜାଣିଛି
ଯେତେବେଳେ ଜୀବନର ଘଡିସନ୍ଧି
ବେଳରେ
ନିଜର ସବୁତକ ବଳ, ବୁଦ୍ଧି, ବିଦ୍ୟା
ହାରି ଦେବାର ମୁହୂର୍ତ୍ତରେ
ତମେ ଆସି ସମ୍ଭାଳି ନେଇଯାଅ
ମୋର ପରିବାପଣିଆକୁ,
ତମେ ଆସି ଜିତେଇ ଦେଇଯାଅ
ହାରିଯିବାର ସବୁତକ ବାଜି....... !

**ଦିନେଶ ମେହେର**
**ସ୍ନାତକୋତ୍ତର (ଇତିହାସ ବିଭାଗ-୧)**
**ଭବାନୀପାଟଣା, କଳାହାଣ୍ଡି**
**୮୦୧୮୮୨୮୪୫୬**

## ଗଜାନନ ଗୀତି

ମରଣ ତାତିକୁ ଆଲିଙ୍ଗନ କଲ
ମାତାଙ୍କ ସୁରକ୍ଷା ପାଇଁ,
କୁହ ଗଜାନନ ତୁମ ପରି ପୁତ୍ର
ପାରିଛିକି କେ ହୋଇ ?

ତୁମେ ଗଜାନନ ପୀରତି ଭାବର
ନିନାଦିତ ଶଂଖନାଦ,
ଏବେ ମୂଢ ନର ନୀରବରେ କିଆଁ
ଅହଂକାର ବଶମ୍ବଦ ?

ଇତର ମୂଷାକୁ ଆଦରିଲ ତୁମେ
ଉଦାରରେ ଗଜାନନ,
ଉଚ୍ଚତର ପ୍ରାଣୀ ହୋଇବି ମଣିଷ
ଶିଖିଲାକି ତୁମଗୁଣ ?

ଲଡୁ ପ୍ରିୟ ବୋଲି ତୁମ ପାଶେ ଲାଗେ
ଶରଧାରେ ସେଇ ଭୋଗ,
ରାଜନୀତି ଲଡୁ ନେତାଙ୍କର କିନ୍ତୁ
କ୍ଷମତାର ଭୋକରଙ୍ଗ ।

ଏଇ ଦିନେ ପ୍ରଭୁ ତୁମ ହୃଦୟରେ
ଅଗ୍ରପୂଜ୍ୟ ଗଜାନନ,
ବାକି ଦିନେ କିଆଁ କାମନାର ତାତି
ଗଜପରି ବଳବାନ ?

ଗଜାନନଙ୍କର ବୁଦ୍ଧି ଜ୍ଞାନ ସବୁ
ପାରିଛୁ କି ହୃଦେ ବୋଳି ?
ନହେଲେ କାହିଁକି ହୀନମନ୍ୟତାରେ
ହେଉଅଛୁ କୋଳାକୋଳି ?

**ସୁଜିତ କୁମାର ମିଶ୍ର**
**ଜନାର୍ଦ୍ଦନପୁର ଶାସନ**
**କେନ୍ଦୁଝର**
**୭୬୮୩୮୬୭୭୪୨**

## ବିଘ୍ନ ବିନାଶନ ଗଉରୀ ନନ୍ଦନ

ବିଘ୍ନ ବିନାଶନ ଗଉରୀ ନନ୍ଦନ
ଗଣପତି , ଲମ୍ବୋଦର
ଗଣେଶ, ବିଘ୍ନେଶ, ଗଜେନ୍ଦ୍ରବଦନ
ପ୍ରଭୁ ପାଶାଙ୍କୁଶଧର ।
ଭାଦ୍ରବ ଶୁକଳ ଚତୁର୍ଥୀ ତିଥିରେ
କର ବାରେ ଆଗମନ
ସିଦ୍ଧି, ନିଧି, ବୁଦ୍ଧି, ବିଦ୍ୟା ପ୍ରଦାୟକ
ଅପେକ୍ଷାରେ ଭକ୍ତ ଜନ
ହେ ମଙ୍ଗଳମୟ ! ଅଗ୍ରପୂଜ୍ୟ ପ୍ରଭୁ
ଝରାଅ କରୁଣା ଝର ।
ମୂଷିକ ପୃଷ୍ଠରେ ଆରୋହଣ କରି
ସରଗୁ ଓହ୍ଲାଇ ଆସ
ଭକତ ମନରେ ଭାବ ସୃଷ୍ଟି କରି
ଦିବ୍ୟଜ୍ୟୋତି ପରକାଶ
ଭକତର ଦୁଃଖ କାନଡେରି ଶୁଣି
ସକଳ ସଙ୍କଟ ହର ।

**ନିରଞ୍ଜନ ସାହୁ**
**ନିହଲ ପ୍ରସାଦ, ଗଁଦିଆ ପାଟଣା**
**ଢେଙ୍କାନାଳ, ୭୫୯୦୧୬**
**୯୯୩୮୭୪୧୫୮୩**

## ଗଣେଶ ବନ୍ଦନା

ବୁଦ୍ଧି ଦିଅ ବୋଲି ତୁମେ
ବୁଦ୍ଧିଦାତା ହେଲ
ବିଘ୍ନବିନାଶନ ହୋଇ
ବିପଦରେ ସାହସ ଢାଲ ।।
ହେ ଗଣପତି ଗଜାନନ
ଅଗ୍ରପୂଜ୍ୟ ଭଗବାନ
ଅନ୍ଧକାରୁ ଆଲୋକ ଭରି
ଜୀବନକୁ ଉଜ୍ଜ୍ୱଳକର ।।
ନମ ଗଣେଶ ନମ ବିଘ୍ନେଶ
ଗିରିଜା ନନ୍ଦନ ପ୍ରଭୁ
ଆଶିଷ ଦିଅ କରୁଣା ଦିଏ
ଭକତି ଅନ୍ତରେ ଡାକଇ ପ୍ରଭୁ ।।
ପାର୍ବତୀ ପୁତ୍ର ଶଙ୍କର ସୁତ
ମୂଷିକ ବାହନ ପ୍ରଭୁ
ଏକ ଦନ୍ତ ମହାକାୟ
ତୁମରି ହାତେ ଚାଲେ ସବୁ ।।
ଦୂର ହେଉ ଅନ୍ଧକାର
ସ୍ଥିତ ହେଉ ସଦାଚାର
ବୁଦ୍ଧି ଜ୍ଞାନର ହେଉ ଉଦୟ
ମଙ୍ଗଳମୟ ହେଉ ସଂସାର ।।
ପର ଉପକାର ଲାଗି ସାହସ ଦିଏ
କର ଚରଣେ ବଳ ଭରି ଦିଏ
ଆହେ ବିଘ୍ନହର ଗଣପତି
ତୁମ ପାଦ ତଳେ କରୁଛି ପ୍ରଣତି ।।

**-ଦୀପିକା ହୋତା**, ନୂଆପଡ଼ା

## ଅକ୍ଷର ପ୍ରତି କୃତଜ୍ଞତା

ଶିବ-ପାର୍ବତୀ ନନ୍ଦନଙ୍କ କୃପା ଯେବେ ହେଲା,
ଭାବନା ମୋ ରୂପ ନେଇ ଅକ୍ଷରେ ସଜିଲା ।
ବିଘ୍ନରାଜ ଶ୍ରୀଗଣେଶ ପ୍ରେରଣା ଢାଳିଲେ,
ମାତୃଭାଷା ବେଦନାକୁ ପଦେ ସଜାଡ଼ିଲେ ।

ଧନ୍ୟ ହେ 'ଅକ୍ଷର' ତୁମେ ଧନ୍ୟ ତୁମ ସେବା,
ଏ ଅପୂର୍ବ ସୁଯୋଗକୁ କୃତଜ୍ଞତା ଦେବା ।
ଭାଷାର ବେଦନା ଥିଲା ବ୍ୟାକୁଳିତ ପ୍ରାଣେ,
ଆଦରେ ସ୍ଥାନ ତ ତୁମେ ଦେଲ ନିଜ ମନେ ।

ମାତୃଭାଷା ପାଇଁ ଯେଉଁ ଲୁହ ଝରୁଥିଲା,
ତୁମରି ପୃଷ୍ଠାରେ ଆସି ଆଶ୍ରୟ ଲଭିଲା ।
ମନର ଭାବନାକୁ ଯେ ଦେଇଅଛ ଡେଣା,
ଜଗତେ ଶୁଣାଇ ଦେଲ ଭାଷାର ବେଦନା ।

ଲେଖକର ସ୍ୱପ୍ନକୁ ତୁମେ ସାକାର ଯେ କଲ,
ଭାଷା ସାହିତ୍ୟର ନବ ଦିଶା ଦେଖାଇଲ ।
କୋଟି କୋଟି ଧନ୍ୟବାଦ ହେ ପ୍ରିୟ 'ଅକ୍ଷର',
ପ୍ରଗତି ପଥରେ ସଦା ବଢୁ ତୁମ ଆଦର ।

**-ତନୁଜ କୁମାର ମଲଣା**

# ମାସେ ବ୍ୟାପୀ ହେବ 'ସେବା ସଂକଳ୍ପ ଅଭିଯାନ'

ମାଲକାନଗିରି,୧୫/୦୯/୨୬(ମାନସ୍ ରଞ୍ଜନ୍ ନେତାମ୍)ସ୍ଥାନୀୟ ସର୍କିଟ ହାଉସରେ ଆୟୋଜିତ ବିଜେପିର ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୀର୍ଘ ୨୫ ବର୍ଷର ଜନସେବା ଓ ସମର୍ପଣରୁ ପ୍ରେରଣା ନେଇ ଭାରତୀୟ ଜନତା ପାର୍ଟି ପକ୍ଷରୁ ଦେଶବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଆୟୋଜନ କରାଯାଉଥିବା ନେଇ ସୂଚନା ପ୍ରଦାନ କରାଯାଇଥିଲା। ମାଲକାନଗିରି ଜିଲ୍ଲାରେ ମଧ୍ୟ ଏହି ଅଭିଯାନକୁ ଜନସେବା, ଜନଭାଗିଦାରୀ ଓ ସାମାଜିକ ସହଭାଗିତାର ଏକ ବ୍ୟାପକ କାର୍ଯ୍ୟକ୍ରମ ଭାବେ ପାଳନ କରାଯିବ ବୋଲି କୁହାଯାଇଥିଲା। ଆସନ୍ତା ୧୭ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ମାସେବ୍ୟାପୀ ଚାଲିବାକୁ ଥିବା ଏହି ଅଭିଯାନରେ ୧୩ଟି ପ୍ରମୁଖ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ରକ୍ତଦାନ ଶିବିର, 'ଆଶୀର୍ବାଦର ଦୀପ', ଚିତ୍ରାଙ୍କନ ଓ ଭାଷଣ ପ୍ରତିଯୋଗିତା, 'ନମୋ ସେବା ଗାଥା',




ଅଙ୍ଗନବାଡ଼ି ସେବା, 'ପରିବର୍ତ୍ତନର କାହାଣୀ', 'ବିକଶିତ ଭାରତ ସଂକଳ୍ପ ଯାତ୍ରା', 'ସେବା ଜ୍ୟୋତି ଯାତ୍ରା', 'ସେବା ଓ ମୋର ଯୋଗଦାନ', 'ସେବା ସେତୁ ଅଭିଯାନ' ଓ 'ରଙ୍ଗୋଲି ଉତ୍ସବ' ଭଳି କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମହିଳା, ଯୁବବର୍ଗ, ଚାଷୀ, ଗରିବ ଓ ବଞ୍ଚିତ ବର୍ଗଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ଶୁଣିବା ସହ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସୁଫଳ ଶେଷ ବ୍ୟକ୍ତିଙ୍କ ପାଖରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯିବ। ବ୍ଲକ୍‌ସ୍ତରରେ ଶିବିର, ସାମାଜିକ ସେବା ଓ ଜନସଚେତନତା କାର୍ଯ୍ୟକ୍ରମ ମଧ୍ୟ ହେବ। 'ସେବା ସଂକଳ୍ପ ଅଭିଯାନ' ମାଧ୍ୟମରେ 'ବିକଶିତ ଭାରତ ୨୦୪୭' ଗଠନ ପାଇଁ ସାମୂହିକ ସଂକଳ୍ପ ନେବା ସହ ଜନସାଧାରଣଙ୍କୁ ଏଥିରେ ସାମିଲ କରିବାକୁ ଆହ୍ୱାନ ଦିଆଯାଇଛି। ସେପ୍ଟେମ୍ବର ୧୭ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସରେ ପ୍ରତ୍ୟେକ ଘରେ ଦୀପ ଜାଳି ତାଂକର ଦୀର୍ଘାୟୁ କାମନା କରିବା ସହ ଦେଶର ଉନ୍ନତି ନେଇ ସଂକଳ୍ପ କରିବାପାଇଁ ଅନୁରୋଧ କରାଯାଇଛି। ବିଜେପିର ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଅଶୋକ ପରିଡା ସମେତ ରାଜ୍ୟ ଉପସଭାପତି ତଥା ଜିଲ୍ଲା ପର୍ଯ୍ୟବେକ୍ଷକ ରମେଶ ସାହୁ,ବିଧାୟକ ନରସିଂହ ମାଡକାମୀ,ପୂର୍ବତନ ସଭାପତି ନିମାଇଁ ପାଲ,ସାଂସଦ ପ୍ରତିନିଧି ସଂଜୟ ସରକାର,ଯୁବ ସଂଗଠକ ତଥା ସାଧାରଣ ସଂପାଦକ ମାଣିକଲାଲ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

# ଲମତାପୁଟରେ ଉପାନ୍ତ ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ନେଇ ବୈଠକ



ଲମତାପୁଟ, ୧୩।୯: ଲମତାପୁଟ ମଣିପୁର ଘାଟିଠାରେ ନିର୍ମାଣାଧୀନ ଉପାନ୍ତ ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିରର ନିର୍ମାଣ କାର୍ଯ୍ୟକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ଉପାନ୍ତ ଶ୍ରୀକ୍ଷେତ୍ର ମନ୍ଦିର କମିଟିର ଆବାହକ ମୁକୁନ୍ଦ ହନ୍ତାଳଙ୍କ ଆହ୍ୱାନକ୍ରମେ ଆୟୋଜିତ ଏହି ବୈଠକରେ ବିଭିନ୍ନ ଦଳର ନେତା, ଜନପ୍ରତିନିଧି ଓ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।ବୈଠକରେ ଜୟପୁର ବିଧାୟକ ତଥା କୋରାପୁଟ ଶାବର ଶ୍ରୀକ୍ଷେତ୍ର ପରିଚାଳନା କମିଟିର ସଭାପତି ତାରାପ୍ରସାଦ ବାହିନୀପତି, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ମାଛ, କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କୋରାପୁଟର ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ବିଜେଡି ବରିଷ୍ଠ ନେତା ସୂର୍ଯ୍ୟନାରାୟଣ ରଥ ଓ ଜିଲ୍ଲା କଂଗ୍ରେସ କମିଟି ସଭାପତି ରୂପକ ତୁରୁକଙ୍କ ସମେତ ବହୁ ଅତିଥି ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପୂଜାର୍ଚ୍ଚନା କରି ମନ୍ଦିର ନିର୍ମାଣ କାର୍ଯ୍ୟର ସଫଳତା କାମନା କରିଥିଲେ। ଲମତାପୁଟ ମାଟିରେ ଉପାନ୍ତ ଶ୍ରୀକ୍ଷେତ୍ରର ପରିକଳ୍ପନାକୁ ସାକାର କରିବା ଦିଗରେ ସମସ୍ତଙ୍କ ସହଯୋଗ ଓ ସହଭାଗିତା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମନ୍ଦିର ନିର୍ମାଣ ପାଇଁ ୧ ଲକ୍ଷ ଟଙ୍କା ଅନୁଦାନ ସହ ୨୦୦ ବସ୍ତା ସିମେଣ୍ଟ ଯୋଗାଇଦେବାକୁ ଘୋଷଣା କରିଥିଲେ। ଲମତାପୁଟବାସୀଙ୍କ ଆହ୍ୱାନରେ ଏହି ପବିତ୍ର କାର୍ଯ୍ୟରେ ସାମିଲ ହେବା ନିଜ ପାଇଁ ସୌଭାଗ୍ୟର ବିଷୟ ବୋଲି ସେ କହିଥିଲେ।ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ସମସ୍ତେ ଏକତ୍ରିତ ହୋଇ ମନ୍ଦିର ନିର୍ମାଣରେ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ସେହିପରି କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ଜନ୍ମମାଟିରେ ଉପାନ୍ତ ଶ୍ରୀକ୍ଷେତ୍ର ମନ୍ଦିର ନିର୍ମାଣ ହେଉଥିବାରୁ ସେ ଖୁସି ବ୍ୟକ୍ତ କରିବା ସହ ନିର୍ମାଣ କାର୍ଯ୍ୟରେ ନିଜ ସାମର୍ଥ୍ୟ ଅନୁଯାୟୀ ସହଯୋଗ କରିବାକୁ କହିଥିଲେ।ମନ୍ଦିର କମିଟି ପକ୍ଷରୁ କୁହାଯାଇଛି ଯେ, ଲମତାପୁଟରେ ନିର୍ମାଣ ହେବାକୁ ଥିବା ଏହି ଶ୍ରୀମନ୍ଦିର ଆଗାମୀ ଦିନରେ ଅଞ୍ଚଳର ଶ୍ରଦ୍ଧା, ଭକ୍ତି, ସଦ୍‌ଭାବନା, ଭାଇଚାରା ଓ ଏକତାର ପ୍ରତୀକ ଭାବେ ପରିଚିତ ହେବ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ଅତିଥିଙ୍କୁ ମନ୍ଦିର କମିଟିର ସଦସ୍ୟ ଓ ଗ୍ରାମବାସୀଙ୍କ ପକ୍ଷରୁ ଧନ୍ୟବାଦ ଜଣାଯାଇଥିଲା।

# ବଡଖେମୁଣ୍ଡି ତାଲୁକା ମାଳମୁଠା ମଧୁବୈଶ୍ୟ ସମାଜର ଗଣେଶ ପୂଜା ଓ ବାର୍ଷିକ ବନ୍ଧୁମିଳନ

ଆର, ଉଦୟଗିରି ତା ୧୫/୦୯/୨୬ ରିଖ(ମନୋଜ କୁମାର ପାଢୀ) ସୋମବାର ଦିନ ବଡଖେମୁଣ୍ଡି ତାଲୁକା ଅନ୍ତର୍ଗତ ଚାନ୍ଦିପୁଟ ଠାରେ ମାଳମୁଠା ମଧୁବୈଶ୍ୟ ସମାଜ ତରଫରୁ ବାର୍ଷିକ ଗଣେଶ ପୂଜା ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ମଧୁବୈଶ୍ୟ ସହ ସମ୍ପାଦକ ଶ୍ରୀ ସୁବାସ ଚନ୍ଦ୍ର ସାହୁ, ବଡଖେମୁଣ୍ଡି ତାଲୁକା ସଭାପତି ଶ୍ରୀ ଗଣେଶ୍ୱର ସାହୁ, ଚନ୍ଦ୍ରଗିରି ମେମ୍ବର ଶ୍ରୀ ତ୍ରିନାଥ ସାହୁ, ସୁରେନ୍ଦ୍ର (ବାବୁଲି ) ଶ୍ରୀ ଲକ୍ଷ୍ମୀକାନ୍ତ ସାହୁ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ ଓ ଶ୍ରୀ ସନାତନ ସାହୁ ଅତିଥି ରୂପେ ଆସନ ଅଳଙ୍କୃତ କରିଥିଲେ । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଲୁହାଗୁଡ଼ି ଠାରୁ ରା ଉଦୟଗିରି ମଧ୍ୟରେ ପାଖାପାଖି ୮୦ଘର ମଧୁବୈଶ୍ୟ ଗୁଡ଼ିଆ ପରିବାର ମଧ୍ୟରୁ ପ୍ରାୟ ୧୫୦ଜଣ ସଦସ୍ୟ ଉପସ୍ଥିତ ଥିଲେ ।ପ୍ରଥମ ପର୍ଯ୍ୟାୟରେ କୁଳ ଇଷ୍ଟ ଗଣେଶଙ୍କର ପୂଜାର୍ଚ୍ଚନା ପରେ ସମାଜର ପ୍ରସ୍ତାବିତ ଗଣେଶ ମନ୍ଦିର ପ୍ରତିଷ୍ଠା ଉପରେ ଆଲୋଚନା କରାଯାଇଥିଲା । ଯୁବ ସମାଜକୁ ଗୁରୁତ୍ୱ ଦେଇ ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ପ୍ରସ୍ତାବ ରଖାଯାଇଥିଲା ।ସାମୁହିକ ଭାବେ ସମସ୍ତଙ୍କର ସହଯୋଗରେ ପ୍ରତିଷ୍ଠା କାର୍ଯ୍ୟକ୍ରମ ସମ୍ପାଦନ କରିବା ପାଇଁ ବହୁମତ ପ୍ରକାଶ ପାଇଥିଲା । ପ୍ରତ୍ୟେକ ଅଞ୍ଚଳରୁ ଜଣେ ଲେଖାଏଁ ଯୁବ ସଦସ୍ୟଙ୍କୁ ନେଇ ଏକ ଯୁବ ସଂଗଠନ ଗଢ଼ା ଯାଇଥିଲା । ଶ୍ରୀ ସନାତନ ସାହୁ ବାର୍ଷିକ ଆୟ ବ୍ୟୟ ବିବରଣୀ ପଠନ କରିବା ସହ ମଞ୍ଚ ସଂଯୋଜନା କରିଥିଲେ । କର୍ମକର୍ତ୍ତା ମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ୬୦ବର୍ଷରୁ ଉର୍ଦ୍ଧ ବୃଦ୍ଧ ବୃଦ୍ଧାଙ୍କୁ ଦିଗପହଣ୍ଡି ଠାରେ ସମ୍ବର୍ଦ୍ଧିତ କରିବା ପାଇଁ ଘୋଷଣା କରାଯାଇଥିଲା ।ଶେଷରେ ଧନ୍ୟବାଦର ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

# ଗଣେଶ ଚତୁର୍ଥୀରେ ଉତ୍ସବମୁଖର ମାଲକାନଗିରି ସହର

ମାଲକାନଗିରି, ତା ୧୫/୦୯/୨୬(ମାନସ୍ ରଞ୍ଜନ୍ ନେତାମ୍)ପବିତ୍ର ଗଣେଶ ଚତୁର୍ଥୀ ଉପଲକ୍ଷେ ସମଗ୍ର ମାଲକାନଗିରି ଉତ୍ସବମୁଖର ହୋଇ ଉଠିଛି। ଆଦିବାସୀ ଅଧ୍ୟୁଷିତ ଏହି ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଘ୍ନ ବିନାଶକ ଶ୍ରୀ ଗଣେଶଙ୍କ ପୂଜା ମହା ଆଡମ୍ବର ସହକାରେ ପାଳିତ ହୋଇଛି ।ଜିଲ୍ଲା ସଦର ମହକୁମା ମାଲକାନଗିରିର ଭେଟନାରୀ ସାହି ସ୍ଥିତ ଗାନ୍ଧିଜୀ କ୍ଲବ ପୂଜା ମଣ୍ଡପରେ ଏଥର ଭିନ୍ନ ଶୈଳୀ ଦେଖିବାକୁ ମିଳିଛି। ଏଠାରେ ୧୨ ଫୁଟ ଉଚ୍ଚତା ବିଶିଷ୍ଟ ଗଣେଶ ମୂର୍ତ୍ତି ସ୍ଥାପନ କରାଯାଇଥିବା ବେଳେ ପ୍ରବେଶ ତୋରଣକୁ ଶ୍ରୀ ଜଗନ୍ନାଥ ମନ୍ଦିର ଶୈଳୀରେ ନିର୍ମାଣ କରାଯାଇଛି। ସେହିପରି ନେତାଜୀ ସୁବାଷ ବୋଷ ଟାଉନ କ୍ଲବ ପକ୍ଷରୁ ୧୩ ଫୁଟ ଉଚ୍ଚତାର ଗଣେଶ ମୂର୍ତ୍ତି ସ୍ଥାପନ କରାଯାଇଛି। ଏଠାରେ ପ୍ରଭୁଙ୍କ ହାତରେ ୨୨ କେଜି ଓଜନର ଲଡୁ ସ୍ଥାପନ କରାଯାଇଥିବା ବେଳେ ତୋରଣକୁ ଶ୍ରୀ ଚୈତନ୍ୟ ମନ୍ଦିର ଶୈଳୀରେ ସଜ୍ଜିତ କରାଯାଇଛି ।ବାଲିମେଳା ଛକ ସାଗର ପୂଜା କମିଟି ପକ୍ଷରୁ ମଧ୍ୟ ନିଆରା ଢଙ୍ଗରେ ମଣ୍ଡପ ସଜାଯାଇଛି। ଶ୍ରୀ ଗଣେଶ ଙ୍କୁ ଡାକ୍ତରଖାନାରେ ରଖି ଚିକିତ୍ସା କରାଯାଉଥିବା ମନୋରମ ଦୃଶ୍ୟ ସହିତ ସୁନ୍ଦର ମେଢ ଓ ତୋରଣ ଦର୍ଶକଙ୍କୁ ବେଶ ଆନନ୍ଦିତ କରିଛି।



ଉପଜିଲ୍ଲାପାଳ କାର୍ଯ୍ୟାଳୟ ନିକଟରେ ସହିଦ ଭଗତ ସିଂ କ୍ଲବ ପକ୍ଷରୁ ଆଦିବାସୀ ପରମ୍ପରା ଓ ଚାଲିଚଳନ ଅନୁଯାୟୀ ଗଣେଶ ମେଢ ଓ ତୋରଣକୁ ସଜାଯାଇଛି ।ଏହା ବ୍ୟତୀତ ନେତାଜୀ ନଗର ପୂଜା ମଣ୍ଡପ ରେ ଶ୍ରୀ ଜଗନ୍ନାଥ ଙ୍କ ଗଜାନନ ବେଶ ରେ ବିଘ୍ନନାଶନ ଙ୍କୁ ସଜା ଯାଇଛି। ସଦର ମହକୁମାର ମହିଳା ମହାବିଦ୍ୟାଳୟ,ମର୍ଡନ ଇଂରାଜୀ ବିଦ୍ୟାଳୟ, ମଡେଲ ଡିଗ୍ରୀ କଲେଜ,, ମାଲକାନଗିରି କଲେଜ, ସତ୍ୟନାରାୟଣ ଆବାସିକ ବିଜ୍ଞାନ ମହା ବିଦ୍ୟାଳୟ, ଘଡେଇ ଆବାସିକ ବିଜ୍ଞାନ ମହାବିଦ୍ୟାଳୟ, ଉତ୍ତମ ମଲ୍ଲିକ ଟେଲେଣ୍ଟ ମହା ବିଦ୍ୟାଳୟ , ମାଲକାନଗିରି ଇଣ୍ଟରନ୍ୟାସନାଲ ପବ୍ଲିକ ଇଂଲିଶ ମିଡିୟମ ସ୍କୁଲ , ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର, ସରକାରୀ ଏଏନଏମ ତାଲିମ କେନ୍ଦ୍ର , ଡିଏନକେ ଛକ, ପୁରୁଣା ମେଡିକାଲ ଛକ, ୧୧୯ କଲୋନୀ, ଗାୟତ୍ରୀ ମନ୍ଦିର ଛକ, କଲେଜ ଛକ, ବୁଟିଗୁଡା, କୁମୁଟିଗୁଡା, ବିବିଗୁଡା, ନବପ୍ରଭାତ, ଗୁରୁପ୍ରିୟା, ସପ୍ତଧାରା, ସିଲେରୁ, ମାଲ୍ୟବନ୍ତ, ଲକ୍ଷ୍ମଣ ନାୟକ ଛାତ୍ରୀ ନିବାସ , ଦୂର୍ଗଗୁଡ଼ି ସାହି, ନାକଟି ମାଁ ମନ୍ଦିର ନିକଟ ସମେତ ବିଭିନ୍ନ ସ୍କୁଲ-କଲେଜରେ ମଧ୍ୟ ଗଣେଶ ପୂଜା ଧୁମଧାମରେ ପାଳିତ ହୋଇଛି ।ପୂଜା ମଣ୍ଡପଗୁଡିକୁ ଅଧିକ ଆକର୍ଷଣୀୟ କରିବା ପାଇଁ ରଙ୍ଗବେରଙ୍ଗ ତୋରଣ ଓ ଆଲୋକସଜ୍ଜାର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ମଣ୍ଡପରେ ଭକ୍ତ ଓ ଦର୍ଶକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି। ଏହା ସହିତ ମାଲକାନଗିରି, କାଲିମେଲା, ପଡିଆ, ଚିତ୍ରକୋଣ୍ଡା , ଖଇରପୁଟ, ମାଥିଲି, କୋରୁକୋଣ୍ଡା ଭଳି ସାତଟି ବ୍ଲକର ବିଭିନ୍ନ ଅଞ୍ଚଳରେ ମଧ୍ୟ ମହା ଆଡମ୍ବର ସହକାରେ ଶତାଧିକ ଶ୍ରୀ ଗଣେଶଙ୍କ ପୂଜା କରା ଜାଇଛି । ଗଣେଶ ପୂଜା ପାଇଁ ମାଲକାନଗିରି ବଜାର ରେ ଆଦିବାସୀ ମହିଳା ମାନେ ଗେଣ୍ଡୁ, ରଜନିଗନ୍ଧା, ପଦ୍ମ, ମଲ୍ଲୀ, ବିଭିନ୍ନ ପ୍ରକାର ଫୁଲ ବିକ୍ରୀ କରୁଥିବାର ଦେଖିବାକୁ ମିଳିଛି ।ବିଭିନ୍ନ ପୂଜା ମଣ୍ଡପ ନିକଟରେ ଭଜନ ସମାରୋହ ଓ ନୃତ୍ୟ-ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବର୍ଷାକୁ ଖାତିର ନକରି ଶତାଧିକ ଶ୍ରଦ୍ଧାଳୁ ଓ ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ପୂଜା ମଣ୍ଡପ ବୁଲି ଦେଖୁଥିବା ନଜିର ରହିଛି ।

# ପ୍ରସ୍ତାବିତ ନେରେଡି ବ୍ୟାରେଜ ନିର୍ମାଣ ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଆନ୍ଦୋଳନକାରୀଙ୍କ ସତ୍ୟାଗ୍ରହ

ପାରଳାଖେମୁଣ୍ଡି:- ଆନ୍ଧ୍ରପ୍ରଦେଶ ସରକାରଙ୍କ ପକ୍ଷରୁ ପ୍ରସ୍ତାବିତ ନେରେଡି ବ୍ୟାରେଜ ନିର୍ମାଣକୁ ବିରୋଧ କରି ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ 'ବଂଶଧାରା ବଞ୍ଚାଅ, ଓଡ଼ିଶା ବଞ୍ଚାଅ' ଆହ୍ୱାନ ଦେଇ ଏକ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି। ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚର ସଭାପତି ଶ୍ରୀ ଗୌରଚନ୍ଦ୍ର ତ୍ରିପାଠୀ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ପ୍ରଦୀପ କୁମାର ସାହୁ ଓ ଆଇନଜୀବୀ ଶ୍ରୀ ମନୋଜ କୁମାର ପାତ୍ରଙ୍କ ଆହ୍ୱାନ କ୍ରମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା ।ପାରଳାଖେମୁଣ୍ଡି ଉତ୍କଳ ସମ୍ମିଳନୀ ପକ୍ଷରୁ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ସଭାପତି ଶ୍ରୀ ଭାରତ ଭୂଷଣ ମହାନ୍ତି, ସମ୍ପାଦକ ଶ୍ରୀ ବିନୋଦ ଚନ୍ଦ୍ର ଜେନା, ସଦସ୍ୟ ଶ୍ରୀ ଜଗଦୀଶ ମହାପାତ୍ର, ଶ୍ରୀ ମନୋଜ କୁମାର ପଣ୍ଡା, ଶ୍ରୀ ରାଜେନ୍ଦ୍ର ପଢିଆରୀ, ଶ୍ରୀ ପ୍ରମୋଦ ଚନ୍ଦ୍ର ପାଢ଼ୀ, ଶ୍ରୀ ରାଜେନ୍ଦ୍ର କୁମାର ରଥଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ ।ଏହି ସତ୍ୟାଗ୍ରହରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ଗାବରା ତିରୁପତି ରାଓ, ଜିଲ୍ଲା ବିଜେଡି ସଭାପତି ଶ୍ରୀ ପ୍ରଦୀପ ନାୟକ ଓ ପାରଳା ପୌରଧକ୍ଷା ଶ୍ରୀମତୀ ନିର୍ମଳା ସେଠୀ ପ୍ରମୁଖ ଯୋଗଦେଇ ନେରେଡି ପ୍ରକଳ୍ପକୁ ବିରୋଧ କରିବା ସହ ଓଡ଼ିଶା ସରକାରଙ୍କ ପକ୍ଷରୁ ପାଣିଡଙ୍ଗର ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ସେମାନେ ଦାବି ଉପସ୍ଥାପନ କରି ଥିଲେ ।ସତ୍ୟାଗ୍ରହରେ ଉଦ୍‌ବୋଧନ ଦେଇ




ଅତିଥିମାନେ କହିଥିଲେ ଯେ, ସରକାରଙ୍କ ଦ୍ୱାରା ଦକ୍ଷିଣ ଓଡ଼ିଶା ପ୍ରତି ସବୁବେଳେ ଆଞ୍ଚଳିକ ବୈଷମ୍ୟର ଶିକାର ହୋଇଆସିଛି। ଜଳ, ଜଙ୍ଗଲ ଓ ଜମି ଓଡ଼ିଶାର ହୋଇଥିବା ବେଳେ ନେରେଡି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଏହାର ଲାଭ ଆନ୍ଧ୍ରପ୍ରଦେଶର ଜନସାଧାରଣ ପାଇବେ ବୋଲି ସେମାନେ ଅଭିଯୋଗ କରିଥିଲେ ।ନେରେଡି ବ୍ୟାରେଜ ନିର୍ମାଣ ହେଲେ ହଜାର ହଜାର ଏକର ଚାଷଜମି ଜଳମଗ୍ନ ହେବା ସହ କୃଷକମାନଙ୍କ ଜୀବନ ଓ ଜୀବିକା ପ୍ରଭାବିତ ହେବାର ଆଶଙ୍କା ରହିଥିବା ବେଳେ କାଶୀନଗର ଓ ପାରଳାଖେମୁଣ୍ଡିର ଆଖପାଖ ଅଞ୍ଚଳରେ ଜଳକଷ୍ଟ ଦେଖାଦେବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ତେଣୁ ଅଞ୍ଚଳବାସୀଙ୍କ ଜୀବନ, ଜୀବିକା ଓ କୃଷିଭିତ୍ତିକ ଅର୍ଥନୀତିର ସୁରକ୍ଷା ପାଇଁ ସରକାର ଦୃଢ଼ ପଦକ୍ଷେପ ନେବାକୁ ସେମାନେ ଦାବି ଜଣାଇଥିଲେ ।ବଂଶଧାରା ବଞ୍ଚାଅ ଆନ୍ଦୋଳନର ଆବାହକ ଶ୍ରୀ ବ୍ରଜମୋହନ ନାୟକ ଓ ଖାଣ୍ଡବା ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ଶ୍ରୀ ଜଗନ୍ନାଥ ଦୋରାଙ୍କ ନେତୃତ୍ୱରେ ସାରା, ବାଡିଗାଁ ଓ ଅନ୍ୟାନ୍ୟ ଗ୍ରାମର ଶତାଧିକ ଗ୍ରାମବାସୀ ସତ୍ୟାଗ୍ରହରେ ସାମିଲ ହୋଇଥିଲେ। ଶେଷରେ ଉପସ୍ଥିତ ସମସ୍ତ ଅତିଥି ଓ ଆନ୍ଦୋଳନକାରୀ ମିଳିତ ଭାବରେ ନେରେଡି ପ୍ରକଳ୍ପ ନିର୍ମାଣ ବନ୍ଦ କରିବା ପାଇଁ ଦୃଢ଼ ଆହ୍ୱାନ ଦେଇଥିଲେ।

# ପଦ୍ମପୁର ନିକଟରେ ଜୁଆ ଆଡ୍ଡା ଉପରେ ଚଢାଉ,୫ ଜୁଆଡି ଗିରଫ

ପାରଳାଖେମୁଣ୍ଡି:- ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ପଦ୍ମପୁର ଗ୍ରାମ ନିକଟସ୍ଥ ଏକ କାଜୁ ବଗିଚାରେ ଚାଲିଥିବା ଏକ ସଂଗଠିତ ଜୁଆ ଆଡ୍ଡା ଉପରେ ଚଢ଼ଉ କରି ୫ ଜଣଙ୍କୁ ଗିରଫ କରିଛି ।ଏହି ଘଟଣାରେ ପାରଳାଖେମୁଣ୍ଡି ଥାନାରେ କେସ୍ ନଂ ୩୭୮/୨୦୨୬, ତା. ୧୩.୦୯.୨୦୨୬ରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୧୨(୨) ଏବଂ ଓଡ଼ିଶା ଜୁଆ ନିବାରଣ ଆଇନର ଧାରା ୩ ଅନୁଯାୟୀ ମାମଲା ରୁଜୁ ହୋଇଛି ।ପୋଲିସ ସୂଚନା ଅନୁଯାୟୀ, ଏକ ବିଶ୍ୱସନୀୟ ସୂଚନା ଆଧାରରେ ୧୩ ତାରିଖ ସନ୍ଧ୍ୟା ପ୍ରାୟ ୫ଟା ୨୦ ମିନିଟ୍ ସମୟରେ ପୋଲିସର ଏକ ଟିମ୍ ପଦ୍ମାପୁର ନିକଟସ୍ଥ କାଜୁ ବଗିଚାରେ ଚଢ଼ାଉ କରିଥିଲା। ସେଠାରେ ପ୍ରାୟ ୨୦ ଜଣ ବ୍ୟକ୍ତି ତାସ୍ ଖେଳୁଥିବା ଦେଖାଯାଇଥିଲା। ପୋଲିସକୁ ଦେଖି ଅନେକ ବ୍ୟକ୍ତି ଜଙ୍ଗଲ ଭିତରକୁ ପଳାଇ ଯାଇଥିବା ବେଳେ ୫ ଜଣଙ୍କୁ ପୋଲିସ କାବୁ କରିପାରିଥିଲା ।ଗିରଫ ଅଭିଯୁକ୍ତମାନେ ହେଲେ ଶ୍ରୀକାକୁଲମ୍ ଜିଲ୍ଲା ଏଚେର୍ଲା ଅଞ୍ଚଳର ଗଙ୍ଗାଡ଼ା ଗଣେଶ (୫୦), ହିରମଣ୍ଡଳମ୍ ଅଞ୍ଚଳର ଭଙ୍ଗାପାଲି ଲକ୍ଷ୍ମୀ ନାରାୟଣ (୫୦), ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ ଜାମିଗାଁର ପୁନ୍ନାନା ମୋହନ ରାଓ (୪୦), ପାରଳାଖେମୁଣ୍ଡିର ଗୌତମ ସାହୁ (୨୭) ଏବଂ ଏମ୍. ଶଙ୍କର (୩୨) ବୋଲି ଜଣାପଡିଛି ।

# ରାଷ୍ଟ୍ରଭାଷା ପ୍ରଚାର ସମିତି ପକ୍ଷରୁ ନଗର ଭବନଠାରେ ହିନ୍ଦୀ ଦିବସ ପାଳିତ




ପାରଳାଖେମୁଣ୍ଡି:-ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ନଗର ଭବନଠାରେ ରାଷ୍ଟ୍ରଭାଷା ପ୍ରଚାର ସମିତି, ୱାର୍ଦ୍ଧା ପକ୍ଷରୁ ହିନ୍ଦୀ ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି ।ଏହି ଅବସରରେ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଶ୍ରୀ କୁଲଦୀପ ଯାଦବ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶ୍ରୀ ସରୋଜ କୁମାର ପଣ୍ଡା ଏବଂ ରାଷ୍ଟ୍ରଭାଷା ପ୍ରଚାର ସମିତି, ଓଡ଼ିଶାର ସଂଯୋଜକ ତଥା ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଶ୍ରୀ ପ୍ରଶାନ୍ତ କୁମାର ଶତପଥୀ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ।ଅତିଥିମାନେ ନିଜ ବକ୍ତବ୍ୟରେ ହିନ୍ଦୀ ଭାଷାର ମହତ୍ତ୍ୱ, ଏହାର ବ୍ୟାପକତା ଏବଂ ପ୍ରଚାର-ପ୍ରସାରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ହିନ୍ଦୀ ଶିକ୍ଷୟିତ୍ରୀ ନିଳନ୍ଦି କୁମାରୀ ପାଢ଼ୀ ମଧ୍ୟ ହିନ୍ଦୀ ଭାଷାର ଗୁରୁତ୍ୱ ଓ ଏହାର ପ୍ରଚାର-ପ୍ରସାର ସମ୍ପର୍କରେ ନିଜ ମତ ଉପସ୍ଥାପନ କରିବା ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ୧୪ ତାରିଖରେ ରାଷ୍ଟ୍ରୀୟ ଭାଷା ହିନ୍ଦୀ ଦିବସ ପାଳନ କରାଯାଉଥିବା ଉଲ୍ଲେଖ କରିଥିଲେ ।କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ଏକକ ଓ ଦଳଗତ ନୃତ୍ୟ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କୁ ଆକର୍ଷିତ କରିଥିଲେ ।ଓଏଭି କଇଠପଦରର ଶିକ୍ଷକ ଗଣେଶ ଭୂୟାଁ, ଆପନ୍ନା ପରିଛା ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁସ୍ମିତା ବେହେରାଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ନୃତ୍ୟ ଓ ବକ୍ତୃତା ପାଇଁ ପ୍ରସ୍ତୁତ କରିଥିଲେ ।ଆଦ୍ୟାଶ୍ରୀ ଶୁଭଶ୍ରୀ ପଣ୍ଡା ଓ ମୋନାଲିସା ଆକର୍ଷଣୀୟ ଭାବେ ମଞ୍ଚ ପରିଚାଳନା କରିଥିଲେ। ସମସ୍ତଙ୍କର ସହଯୋଗ ଓ ସମନ୍ୱିତ ପ୍ରୟାସରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା।

# ପ୍ରଦେଶ କଂଗ୍ରେସ ସମ୍ପାଦକ ହେଲେ ଅନାମୁ ଦିଆନ

କୋଟପାଡ଼(୧୪/୦୯/୨୬) ଓଡିଶା ପ୍ରଦେଶ କଂଗ୍ରେସ ସମ୍ପାଦକ ଭାବେ ଦାୟିତ୍ୱ ନେଲେ କୋଟପାଡ଼ କଂଗ୍ରେସ ବିଧାୟକ ପ୍ରାର୍ଥୀ ଶ୍ରୀ ଅନାମୁ ଦିଆନ କ୍ଷ ଗୁରୁ ଦାୟିତ୍ୱ ମିଳିବା ପରେ ସେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଦାସ ଙ୍କୁ ଧନ୍ୟବାଦ ଜଣାଇବା ସହ ଆଗକୁ କଂଗ୍ରେସ ସ୍ଥିତି ସୁଦୃଢ କରିବା ସହ ଆଗାମୀ ପଞ୍ଚାୟତ ନିର୍ବାଚନ ଓ ୨୦୧୯ ବିଧାନସଭା ନିର୍ବାଚନରେ ଦଳକୁ ବିଜୟୀ କରାଇବାକୁ ସମସ୍ତ ପ୍ରକାର ଉଦ୍ୟମ କରିବେ ବୋଲି କହିଛନ୍ତି ଶ୍ରୀ ଅନାମୁ ଦିଆନ କ୍ଷ ଭକ୍ତ ଦାସ ତାଙ୍କ ଉପରେ ବିଶ୍ୱାସ ପ୍ରକଟ କରି ଯେଉଁ ଗୁରୁ ଦାୟିତ୍ୱ ଦେଇଛନ୍ତି ତାହାକୁ ସେ ଓ ତାଙ୍କର ସହଯୋଗୀ ଓ କର୍ମୀ ମାନେ ସୁଚାରୁ ରୂପେ ତୁଲାଇବେ ବୋଲି ସାମ୍ବାଦିକ ସମିଳନୀରେ କହିଥିଲେ କ୍ଷ ସୂଚନା ମୁତାବକ କୋଟପାଡ଼ କଂଗ୍ରେସର ବିଧାୟକ ପ୍ରାର୍ଥୀ ଅନାମୁ ଦିଆନ ପ୍ରଦେଶ କଂଗ୍ରେସ ସମ୍ପାଦକ ଭାବେ ମନୋନୀତ ହେବା ପରେ କୋଟପାଡ଼ କଂଗ୍ରେସରେ ଖୁସିର ଲହରୀ ଖେଳିଯାଇଥିଲା କ୍ଷ ଯାହାକୁ ନେଇ ସମସ୍ତେ ଉତ୍ସୁକ ଥିବାବେଳେ କର୍ମୀ ମାନଙ୍କ ଦ୍ୱାରା ଅନାମୁ ଦିଆନ ଙ୍କ ଶୁଭେଚ୍ଛା ଓ ସ୍ୱାଗତ ସକାଶେ ଏକ ସଭା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା କ୍ଷ ଯାହାକୁ ଯୁବ ଓକିଲ ତଥା କୋଟପାଡ଼ କଂଗ୍ରେସର ଆଗ ଧାଡ଼ିର କର୍ମୀ ଶଙ୍କର ପଣ୍ଡା ଓ ସହଯୋଗୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ କ୍ଷ ଉପସ୍ଥିତ ନେତା ଓ କର୍ମୀ ମାନଙ୍କ ଦ୍ୱାରା ଶ୍ରୀ ଦିଆନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା କ୍ଷ ଏହି ସ୍ୱାଗତ ସଭା ସମୟରେ ଅନ୍ୟ ମାନଙ୍କ ମଧ୍ୟରେ କଂଗ୍ରେସର ମଣି ପଟନାୟକ, ମନୋହର ବିଶୋଇ, ଘନ ବିଶୋଇ, ଜିତେନ୍ଦ୍ର ମହାପାତ୍ର,କାଉନସିଲର ସଲମା ବେଗମ,ମୀରା ଚାଲାଣ, ଗିରିଶ ପଟନାୟକ, ମୁନା ଖାନ, ସନ୍ତୋଷ ମିଶ୍ର, ନବୀନ ବିଶୋଇ ଙ୍କ ସହ ବହୁ ନେତା ଓ କର୍ମୀ ଉପସ୍ଥିତ ଥିବା ଜଣାଯାଇଛି କ୍ଷ କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ସମସ୍ତ କଂଗ୍ରେସ କର୍ମୀଙ୍କ ଉପସ୍ଥିତିରେ ସଖାଳ ଖବର କାଗଜର କୋଟପାଡ଼ ପ୍ରତିନିଧି ତଥା ଯୁବ ସାମ୍ବାଦିକ ଶୈଳେନ୍ଦ୍ର ମାଦଳା କଂଗ୍ରେସ ଦଳରେ ଯୋଗ ଦେଇଥିବା ଜଣାଯାଇଛି

# ବାଙ୍କେଲରେ ନିଆରା ନୂଆଁଖାଇ: ଏକାଠି ବସି ୧୦୨ ଜଣ ଭାଇଚାରା ନୂଆଁ ଖାଇଲେ

ମୁରିବାହାଲ, ତା ୧୫/୦୯/୨୬ (ଭଗବାନ ମହାନ୍ତି ):ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ବାଙ୍କେଲ ଗ୍ରାମରେ ଏକ ନିଆରା ଢଙ୍ଗରେ ନୂଆଁଖାଇ ପର୍ବ ମଙ୍ଗଳବାର ପାଳିତ ହୋଇଛି ।ଗ୍ରାମର ପୂର୍ଣ୍ଣଚନ୍ଦ୍ର ପୁଟେଲଙ୍କ ପରିବାରର ସମସ୍ତ ୧୦୨ ଜଣ ସଦସ୍ୟ ଏକାଠି ବସି ନୂଆଁଖାଇ ପ୍ରସାଦ ସେବନ କରିଛନ୍ତି। ପ୍ରଥମେ ଗ୍ରାମର ସମସ୍ତ ଦେବାଦେବୀ ଓ ନିଜ ନିଜ ଇଷ୍ଟଦେବତାଙ୍କୁ ଭୋଗ ଲଗାଇବା ପରେ ସମସ୍ତେ ଏକାଠି ବସି ନୂଆଁ ଖାଇଥିଲେ। ପରେ ସମସ୍ତେ ପରସ୍ପରକୁ ଜୁହାର ଭେଟ ହୋଇଥିଲେ ।ଏହି ଅବସରରେ ପରିବାରର ପୁରୁଖା ନେତ୍ରମଣୀ ପୁଟେଲ, ହୃଷୀକେଶ ପୁଟେଲ, ସାତ୍ତ୍ୱିକ ପୁଟେଲ, ନରୋତ୍ତମ ପୁଟେଲ, ଗଣେଶ ପୁଟେଲ, ପ୍ରହଲ୍ଲାଦ ପୁଟେଲ ଓ ଦିପ୍ତିରଞ୍ଜନ ପୁଟେଲ ପ୍ରମୁଖ ସାମିଲ ହୋଇ ହର୍ଷ ଉଲ୍ଲାସର ସହ ପର୍ବ ପାଳନ କରିଥିଲେ।

# ଆଦ୍ୱିକାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଲା ଡିଏନ୍ ୱିଜ୍‌ଡମ୍

## ୧ ଲକ୍ଷ ପୁରସ୍କାର, ସ୍କୁଲ୍ ଫି’ ଛାଡ଼, ମିଳିବ ନିରନ୍ତର ସମର୍ଥନ

ଭୁବନେଶ୍ୱର : ଓଡ଼ିଶା ସନ୍ତରଣ ଦୁନିଆରେ ଆକସ୍ମିକ ଭାବେ ଆବିର୍ଭାବ ହୋଇଥିବା ଯୁବା ପ୍ରତିଭା ଆଦ୍ୱିକା ଉକ୍ଳଙ୍କୁ ଶୁକ୍ରବାର ଭୁବନେଶ୍ୱରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏଥି ସହିତ ତାଙ୍କ ଖେଳ ଜୀବନକୁ ଆହୁରି ଉଚ୍ଚ ସୋପାନକୁ ନେବାକୁ ପ୍ରତିଶ୍ରୁତି ବି ମିଳିଯାଇଛି। ଆଦ୍ୱିକାଙ୍କୁ ତାଙ୍କ ସ୍କୁଲ୍ ‘ଦ ଡିଏନ୍ ୱିଜଡମ୍ ଟ୍ରି ଗ୍ଲୋବାଲ୍ ସ୍କୁଲ ଏବଂ ଡିଏନ୍ ଗ୍ରୁପ୍’ ଏହି ସମ୍ବର୍ଦ୍ଧନା ଦେଇ ଉତ୍ସାହିତ କରିଛି। ଏହା ସ୍କୁଲ୍‌ର ଅନ୍ୟ ଖେଳାଳିମାନଙ୍କୁ ବି ଉତ୍ସାହିତ କରିବ ବୋଲି ଆଶା କରାଯାଇଛି।ଶୁକ୍ରବାର ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଡିଏନ୍ ଗ୍ରୁପ୍ ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ନାଏକ ଆଦ୍ୱିକା ଉକ୍ଳଙ୍କୁ ୧,୦୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିବା ସହିତ ବିଦ୍ୟାଳୟର ସମସ୍ତ ଦେୟକୁ ଛାଡ଼ କରି ଦେଇଛନ୍ତି। ଏଥି ସହିତ ଭବିଷ୍ୟତରେ ଆଦ୍ୱିକାଙ୍କ ସମସ୍ତ କ୍ରୀଡ଼ା ପ୍ରତିଯୋଗିତା ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ବି ଦେଇଛନ୍ତି। ଆଦ୍ୱିକାଙ୍କ ମାଇଲଖୁଣ୍ଟ ପ୍ରଦର୍ଶନ ପାଇଁ ଶ୍ରୀ ନାୟକ ଖୁସିରେ ଗର୍ବିତ ଓ ଗେରବାନ୍ୱିତ ହୋଇଛନ୍ତି। ଆଦ୍ୱିକାଙ୍କ ବ୍ୟାଙ୍କକ୍ ସଫଳତା ତାଙ୍କ ତ୍ୟାଗ, କଠିନ ପରିଶ୍ରମ ଓ ନିରଂତର ଉତ୍ସାହର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ତର୍ଜାତୀୟ ମଞ୍ଚରେ ଜାତୀୟ ପତାକାକୁ ଉଚ୍ଚାରେ ଉଡ଼ାଇବା ଫଳରେ ଆଦ୍ୱିକା ଦ ଡିଏନ୍ ୱିଜଡମ୍ ଟ୍ରି ଗ୍ଲୋବାଲ୍ ସ୍କୁଲ୍‌ର ସମଗ୍ର ସମ୍ପ୍ରଦାୟ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ଅନୁଷ୍ଠିତ ଏସୀୟ ସ୍କୁଲ୍ ଆମନ୍ତ୍ରଣୀୟ ସର୍ଟ କୋର୍ସ ସନ୍ତରଣ ପ୍ରତିଯୋଗିତାରେ ୮ ବର୍ଷୀୟା ଆଦ୍ୱିକା ଚମତ୍କାର ପ୍ରଦର୍ଶନ କରି ଓଡ଼ିଶାର ନାମକୁ ଉଚ୍ଚକୁ ନେଇଛନ୍ତି। ବ୍ୟକ୍ତିଗତ ଭାବେ ଏହି କଟକ ଝିଅ ୫ ସ୍ୱର୍ଣ୍ଣ ଓ ୨ ରେପ୍ୟ ପଦକ ଜିତିଛନ୍ତି। ଏହା ମଧ୍ୟରେ ଗୋଟିଏ ଲେଖାଏଁ ରିଲେ ସ୍ୱର୍ଣ୍ଣ ଓ ରେପ୍ୟ ପଦକ ସାମିଲ ରହିଛି। ୩ଟି ବର୍ଗରେ ମଧ୍ୟ ନୂଆ ରେକର୍ଡ କରିଛନ୍ତି। ଆଦ୍ୱିକା ୫୦ ମିଟର ଫ୍ରିଷ୍ଟାଇଲ୍ (୩୩.୧୦ ସେକେଣ୍ଡ), ୨୫ ମିଟର ଫ୍ରିଷ୍ଟାଇଲ୍ (୧୫.୫୭ ସେକେଣ୍ଡ), ୨୫ ମିଟର ବଟର୍‌ଫ୍ଲାଏ (୧୬.୬୭ ସେକେଣ୍ଡ)ରେ ଜିତିଥିବା ୩ ସ୍ୱର୍ଣ୍ଣ ନିଜ ବୟସ ବର୍ଗରେ ରେକର୍ଡ କରିଥିଲେ। ଏହା ଛଡ଼ା ସେ ୫୦ ମିଟର ବଟରଫ୍ଲାଏ (୩୮.୪୬ ସେକେଣ୍ଡ) ରେପ୍ୟ ଏବଂ ୨୫ ଗୁଣା ୪ ଇଣ୍ଡିଭିଜୁଆଲ୍ ମେଡଲି (୧:୩୨.୨୦) ସ୍ୱର୍ଣ୍ଣ ପଦକ ଜିତିଥିଲେ। ୪ ଗୁଣା ୫୦ ମିଟର ବାଳିକା ଫ୍ରିଷ୍ଟାଇଲ୍ ରିଲେରେ ସ୍ୱର୍ଣ୍ଣ ଏବଂ ଏହାର ମିଶ୍ରିତ ଫ୍ରିଷ୍ଟାଇଲ୍ ରିଲେରେ ରେପ୍ୟ ପଦକ ହାସଲ କରିଥିଲେ। ଗ୍ରୁପ୍ ପ୍ରତିଯୋଗିତା ବିଜୟରେ ବି ସେ ଅଂଶ ବିଶେଷ ଥିଲେ। ତାଙ୍କ ଇଂଜିନିୟର ପିତାମାତା ଉକ୍ଳ କିଶୋର ସ୍ୱାଇଁ ଏବଂ ଗାୟତ୍ରୀରାଣୀ ତ୍ରିପାଠୀ ଏବେ ନିୟମିତଭାବେ ଆଦ୍ୱିକାଙ୍କୁ ଜଣେ ପ୍ରତିଷ୍ଠିତ ଖେଳାଳି ଭାବେ ଗଢ଼ିତୋଳିବା କାମରେ ଲାଗି ପଡ଼ିଛନ୍ତି।






କନିଷ୍ଠ ମହିଳା ଏସିଆ କପ୍

## ସୁପ୍ରିୟାଙ୍କ ହ୍ୟାଟ୍ରିକ୍, ଫାଇନାଲରେ ଭାରତ

ମୋକି (ଚୀନ) ଡ୍ରାଗ୍-ଫ୍ଲିକ୍ ବିଶେଷଜ୍ଞ ସୁପ୍ରିୟାଙ୍କ ଚମତ୍କାର ହ୍ୟାଟ୍ରିକ୍ ବଳରେ ଭାରତୀୟ ହକି ଦଳ ଏଏଚ୍‌ଏଫ୍ କନିଷ୍ଠ ମହିଳା ଏସିଆ କପ୍ ଫାଇନାଲରେ ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଭାରତ ୫-୧ ଗୋଲ୍‌ରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ଏହି ବିଜୟ ସହ ଟାଇଟଲ୍ ବଜାୟ ରଖିବାର ଦାବିକୁ ଆହୁରି ମଜଭୁତ କରିଛି।ପ୍ରଥମ କ୍ୱାର୍ଟରରେ ଉଭୟ ଦଳ ସତର୍କତାର ସହ ଖେଳିଥିଲେ। ତେବେ ୧୩ତମ ମିନିଟ୍‌ରେ ମଧୁ ସିଦାରଙ୍କ ଗୋଲ୍‌ରେ ଭାରତ ଅଗ୍ରଣୀ ହୋଇଥିଲା।୧୭ତମ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ସୁପ୍ରିୟା ଚମତ୍କାର ଡ୍ରାଗ୍-ଫ୍ଲିକ୍‌ରେ ଗୋଲ୍‌ରେ ପରିଣତ କରି ଦଳର ଅଗ୍ରଣୀକୁ ୨-୦ କରିଥିଲେ। ୨୧ତମ ମିନିଟ୍‌ରେ ସୁଖବୀର କୌରଙ୍କ ଗୋଲ୍‌ରେ ଭାରତ ୩-୦ରେ ଆଗୁଆ ହୋଇଥିଲା। ଦ୍ୱିତୀୟାର୍ଦ୍ଧର ୩୩ତମ ମିନିଟ୍‌ରେ ସୁପ୍ରିୟା ଆଉ ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ନିଜର ଦ୍ୱିତୀୟ ଗୋଲ୍ କରିଥିଲେ। ୪୧ତମ ମିନିଟ୍‌ରେ ୟୁରି ଜିଅଙ୍ଗ ଦକ୍ଷିଣ କୋରିଆ ପାଇଁ ଗୋଟିଏ ଗୋଲ୍ ଶୁଝାଇଥିଲେ। ଭାରତ ଶେଷ ପର୍ଯ୍ୟନ୍ତ ଚାପ ବଜାୟ ରଖି ୫୬ତମ ମିନିଟ୍‌ରେ ପୁଣି ପେନାଲ୍ଟି କର୍ଣ୍ଣର ପାଇଥିଲା। ସୁପ୍ରିୟା ଏହାକୁ ଗୋଲ୍‌ରେ ପରିଣତ କରି ହ୍ୟାଟ୍ରିକ୍ ପୂରଣ କରିବା ସହ ଭାରତକୁ ୫-୧ର ବଡ଼ ବିଜୟ ଦେଇଥିଲେ। ଭାରତ ରବିବାର ଫାଇନାଲରେ ଚୀନ୍‌କୁ ଭେଟିବ। ପୁରୁଷ ବର୍ଗ ଫାଇନାଲ୍‌ରେ ମଧ୍ୟ ଭାରତ ରବିବାର କୋରିଆକୁ ଭେଟିବ।

## ଆତ୍ମହତ୍ୟା ଧମକ ମତ ବଦଳାଇଲେ ଦିବ୍ୟାଂଶୀ



ନୂଆଦିଲ୍ଲୀ : ଆତ୍ମହତ୍ୟା ଧମକ ଦେବାର ଗୋଟିଏ ଦିନ ପରେ ମତ ପରିବର୍ତ୍ତନ କରିଛନ୍ତି ୧୮ ବର୍ଷୀୟା ଉଷୁ ଖେଳାଳି ଦିବ୍ୟାଂଶୀ ଚେଧୁରୀ। ଭାରତର ଏସୀୟ କ୍ରୀଡ଼ା ଦଳରୁ ଶେଷ ମୁହୂର୍ତ୍ତରେ ବାଦ୍ ପଡ଼ିବା ପରେ ମାନସିକ ଭାବେ ଭାଙ୍ଗି ପଡ଼ି ସେ ଏକ ଭିଡିଓ ବାର୍ତ୍ତାରେ ଆତ୍ମହତ୍ୟାର ଧମକ ଦେଇଥିଲେ। ଏବେ ସେ ବାଦ୍ ପଡ଼ିବାର କାରଣ ବୁଝି ଯାଇଛନ୍ତି। ତାଙ୍କୁ ଖେଳ ଅପେକ୍ଷା ସ୍ୱାସ୍ଥ୍ୟ ବେଶୀ ଗୁରୁତ୍ୱପୂର୍ଣ୍ଣ। ପ୍ରତିଯୋଗିତାକୁ ଫେରିବାକୁ ହେଲେ ପୂରା ଠିକ୍ ହେବା ଆବଶ୍ୟକ ବୋଲି ମହାସଂଘର ଅଧିକାରୀମାନେ ବୁଝାଇବା ପରେ ସେ ମତ ପରିବର୍ତ୍ତନ କରିଛନ୍ତି। ଆଣ୍ଠୁ ଜନିତ ଆଘାତ ସମସ୍ୟାରୁ ସୁସ୍ଥଦିବ୍ୟାଂଶୀ କହିଛନ୍ତି ଯେ ‘‘ଆମ ମହାସଂଘ ମୋତେ ଅନେକ କଥା ବୁଝାଇଥିଲେ। ସେମାନେ କହିଥିଲେ ମହାସଂଘ ପାଇଁ ଖେଳାଳିଙ୍କ ସ୍ୱାସ୍ଥ୍ୟ ହେଉଛି ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ମହାସଂଘ ଚାହୁଁଛି ଯେ ପ୍ରଥମେ ମୁଁ ଆଣ୍ଠୁ ଜନିତ ଆଘାତ ସମସ୍ୟାରୁ ସୁସ୍ଥ ହୁଏ। ସୁସ୍ଥ ହେଲା ପରେ ପଡ଼ିଆକୁ ଫେରିବି। ସେତେବେଳେ ମୋତେ ଲାଗୁଥିଲା ଯେ ମହାସଂଘ ମୋ ସାଥୀରେ ନାହିଁ। କିନ୍ତୁ ବାସ୍ତବରେ ମହାସଂଘ ମୋ ସହ ଅଛି। ସମସ୍ତେ ମୋତେ ସହଯୋଗ କଲେ ଏବଂ ସବୁକିଛି ବୁଝାଇଲେ। ବର୍ତ୍ତମାନ ମୁଁ ବୁଝିପାରିଛି ଯେ ସମସ୍ତେ ମୋ ସହିତ ଅଛନ୍ତି। ମହାସଂଘ ଓ ରୋଶିବିନା ଦିଦିଙ୍କ ପ୍ରତି ମୋର ଯେଉଁ ଧାରଣା ଥିଲା ତାହା ଭୁଲ୍’’। ଦିବ୍ୟାଂଶୀ ପୂର୍ବରୁ ଅଭିଯୋଗ କରିଥିଲେ ଯେ ‘‘ଦୁଇଥର ଏସୀୟ କ୍ରୀଡ଼ା ପଦକ ବିଜେତା ରୋଶିବିନା ଦେବୀ ନାଓରେମ୍‌ଙ୍କ ବିପକ୍ଷରେ ଚୂଡ଼ାନ୍ତ ଚୟନ ପରୀକ୍ଷାରେ ଜିତିବା ସତ୍ତ୍ୱେ ତାଙ୍କୁ ଶେଷ ମୁହୂର୍ତ୍ତରେ ଏସୀୟ କ୍ରୀଡ଼ା ଦଳରୁ ବାଦ୍ ଦିଆଯାଇଛି। ରୋଶିବିନା ଦିଦିଙ୍କ ଦ୍ୱାରା ସେ ମାନସିକ ନିର୍ଯାତନାର ଶିକାର ହୋଇଥିଲେ ଏବଂ ଏଥିରେ ତାଙ୍କ ପରିବାର ମଧ୍ୟ ପ୍ରଭାବିତ ହୋଇଥିଲା। ଗତ ଜୁନ୍ ମାସରୁ ଏଭଳି ନିର୍ଯାତନାର ଶିକାର ହୋଇ ଆସୁଛନ୍ତି’’। ହେଲେ ଭାରତୀୟ ଉଷୁ ମହାସଂଘ କହିଥିଲା ଯେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ତାଙ୍କ ଆଘାତ ସମସ୍ୟାର ଯାଞ୍ଚ ପରେ ଫିଟ୍ ଘୋଷିତ ନ କଲେ ସେ ପ୍ରତିଯୋଗିତାରୁ ଦୂରେଇ ରହିବେ।

## ଭିଏତ୍‌ନାମ୍ ଓପନ୍ ଈଶା ଉପବିଜୟିନୀ

ହୋଚିମିନ୍ ସିଟି ଚଳିତ ଭିଏତ୍‌ନାମ ଓପନ୍ ବିଡବ୍ଲ୍ୟୁଏଫ୍ ସୁପର ୧୦୦ ପ୍ରତିଯୋଗିତାର ମହିଳା ଏକକରେ ଭାରତୀୟ ତାରକା ଈଶା ବରୁଆ ଉପବିଜେତାରେ ସନ୍ତୁଷ୍ଟ ରହିଛନ୍ତି। ରବିବାର ଫାଇନାଲ୍‌ରେ ଏହି ଭାରତୀୟ ୨୨ ବର୍ଷୀୟା ଯୁବତୀ ୮-୨୧, ୧୫-୨୧ରେ ଥାଇଲାଣ୍ଡର ସାରୁନରାକ ଭିତିଦ୍‌ସର୍ନଙ୍କଠୁ ହାରି ଯାଇଥିଲେ। ୪ ବର୍ଷ ପରେ ଉଭୟ ପ୍ରଥମ ଥର ମୁହାଁମୁହିଁ ହୋଇଥିଲା ବେଳେ ସାରୁନରାକ୍ ବିଜୟୀ ହୋଇ ବ୍ୟବଧାନକୁ ୨-୦ରେ ପହଞ୍ଚାଇଛନ୍ତି। ଏକମାତ୍ର ଭାରତୀୟ ଭାବେ ଫାଇନାଲ୍ ଖେଳିଥିବା



ଖେଳାଳି ଶେଷ ଥର ଲାଗି ୨୦୨ରେ ଇଣ୍ଡିଆ ଜୁନିୟର ଇଣ୍ଟରନ୍ୟାସନାଲ୍ ଗ୍ରାଣ୍ଡ ପ୍ରିକ୍ସରେ ସାରୁନରାକ୍‌ଙ୍କଠୁ ଈଶା ହାରିଥିଲେ। ଏହା ଈଶାଙ୍କ ଦ୍ୱିତୀୟ ବିଡବ୍ଲ୍ୟୁଏଫ୍ ଟୁର୍ ୧୦୦ ପ୍ରତିଯୋଗିତା ଫାଇନାଲ୍ ଥିଲା। ଏହା ପୂର୍ବରୁ ଗତ ବର୍ଷ ଡିସେମ୍ବରରେ ଓଡ଼ିଶା ମାଷ୍ଟର୍ସ ଫାଇନାଲ୍‌ରେ ସାଥୀ ଭାରତୀୟ ଖେଳାଳି ଉନ୍ନତି ହୁଡାଙ୍କଠୁ ହାରି ଉପବିଜେତାରେ ସନ୍ତୁଷ୍ଟ ରହିଥିଲେ। ଚଳିତ ପ୍ରତିଯୋଗିତାରେ ଏକ ମାତ୍ର ଭାରତୀୟ ଭାବେ ଫାଇନାଲ୍ ଖେଳିଥିବା ଈଶା ସେମିଫାଇନାଲ୍‌ରେ ନିଜ ଦେଶର ତାରକା ଖେଳାଳି ତନ୍ୱୀ ଶର୍ମାଙ୍କୁ ପରାସ୍ତ କରିଥିଲେ।


## ୟୁଏସ୍ ଓପନ୍‌ରେ ରିବାକିନା ଯୁଗଳ ସଫଳତା

## ନୂଆ ବିଜେତା ସହ ବିଶ୍ୱର ୧ନଂ ଖେଳାଳି ହେଲେ



ନ୍ୟୁୟର୍କ :ରୁଷୀୟ ଜନ୍ମିତ କାଜାଖସ୍ତାନ ଖେଳାଳି ଏଲିନା ରିବାକିନା ରବିବାର ଯୁଗଳ ସଫଳତା ପାଇଛନ୍ତି। ଏଠାରେ ଚାଲିଥିବା ୟୁଏସ୍ ଓପନ୍ ଟେନିସ୍ ପ୍ରତିଯୋଗିତାରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ରିବାକିନା ନୂଆ ୟୁଏସ୍ ଓପନ୍ ବିଜୟିନୀ ହେବା ସହ ବିଶ୍ୱର ୧ ନମ୍ବର ଖେଳାଳି ହୋଇଛନ୍ତି। ମହିଳା ଏକକ ଫାଇନାଲ୍‌ରେ ୨୭ ବର୍ଷୀୟା ଏହି ଅଷ୍ଟ୍ରେଲିଆ ଓପନ୍ ବିଜୟିନୀ ୬-୪, ୫-୭, ୬-୨ ସେଟ୍‌ରେ ଶୀର୍ଷ ମାନ୍ୟତାପ୍ରାପ୍ତ ବେଲାରୁଷ ଲଲନା ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରିଛନ୍ତି।ଟ୍ରଫି ସଂଖ୍ୟା ୩ରେ ଏଥିସହ ୨୦୨୨ରେ ୱିମ୍ବଲଡନ୍ ଜିତିଥିବା ରିବାକିନା ଚଳିତ ବର୍ଷ ଦ୍ୱିମୁକୁଟ ହାସଲ କର ନିଜ ଗ୍ରାଣ୍ଡ ସ୍ଲାମ୍ ଟ୍ରଫି ସଂଖ୍ୟା ୩ରେ ପହଞ୍ଚାଇଛନ୍ତି। ଆର୍ଥର ଏସ୍ ଷ୍ଟାଡିୟମ୍‌ରେ ବିଶ୍ୱର ୧-୨ ଖେଳାଳିଙ୍କ ମଧ୍ୟରେ ଖେଳାଯାଇଥିବା ଏହି କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ୍‌ର ପ୍ରଥମ ସେଟ୍ ସାବାଲେଙ୍କା ହାରିବା ପରେ ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ସେଟ୍ ଜିତି ନେଇଥିଲେ। ହେଲେ ନିର୍ଣ୍ଣାୟକ ସେଟ୍‌କୁ ରିବାକିନା ସହଜରେ ଜିତି ଟ୍ରଫି ନିଶ୍ଚିତ କରିବା ସହ ୫.୫ ମିଲିୟନ ଡଲାର (ପ୍ରାୟ ୫୨.୫୫ କୋଟି ଟଙ୍କା) ପକେଟସ୍ଥ କରିଥିଲେ। ଏଥିସହ ସେ ୟୁଏସ୍ ଓପନ୍‌ରେ ୨୦୨୪ ଓ ୨୦୨୫ ବିଜୟିନୀ ସାବାଲେଙ୍କାଙ୍କ ଲଗାତାର ୧୯ ମ୍ୟାଚ୍ ବିଜୟରେ ରୋକ୍ ଲଗାଇଥିଲେ। ୨୦୨୩ ଫାଇନାଲ୍‌ରେ କୋକୋ ଗେଫ୍‌ଙ୍କଠୁ ହାରିବା ପରଠୁ ୨୮ ବର୍ଷୀୟା ସାବାଲେଙ୍କା ଫ୍ଲସିଂ ମିଡୋଜ୍‌ରେ ଆଉ ପରାଜୟର ମୁହଁ ଦେଖି ନଥିଲେ।

## ହାରିସନ୍-ସ୍କୁପ୍‌ସ୍କିଙ୍କୁ ପୁରୁଷ ଯୁଗଳ ଟ୍ରଫି



ନ୍ୟୁୟର୍କ : ଚଳିତ ୟୁଏସ୍ ଓପନ୍ ଟେନିସ୍ ପ୍ରତିଯୋଗିତାର ପୁରୁଷ ଯୁଗଳ ବର୍ଗରେ ଚାମ୍ପିୟନ୍ ହୋଇଛନ୍ତି ଆମେରିକାର କ୍ରିଷ୍ଟିଆନ୍ ହାରିସନ୍ ଓ ବ୍ରିଟେନ୍‌ର ନିଲ୍ ସ୍କୁପ୍‌ସ୍କି। ଫାଇନାଲ୍‌ରେ ପଞ୍ଚମ ମାନ୍ୟତାପ୍ରାପ୍ତ ଏହି ଯୋଡ଼ି ଚମତ୍କାର ପ୍ରଦର୍ଶନ କରି ଟ୍ରଫି ହାତେଇଛନ୍ତି। ଫାଇନାଲ୍ ମୁକାବିଲାରେ ହାରିସନ୍-ସ୍କୁପ୍‌ସ୍କି ଯୋଡ଼ି ଷଷ୍ଠ ମାନ୍ୟତାପ୍ରାପ୍ତ ଜର୍ମାନୀର କେଭିନ୍ କ୍ରାୱିଜ୍ ଓ ଟିମ୍ ପୁଏଜ୍‌ଙ୍କୁ ସିଧାସଳଖ ସେଟ୍‌ରେ ପରାସ୍ତ କରିଥିଲେ। ଉଭୟ ଯୋଡ଼ିଙ୍କ ମଧ୍ୟରେ ଜୋରଦାର ଲଢ଼େଇ ହୋଇଥିଲେ ମଧ୍ୟ ଶେଷରେ ହାରିସନ୍-ସ୍କୁପ୍‌ସ୍କି ୬-୪, ୭-୬ ସେଟ୍‌ରେ ବିଜୟୀ ହୋଇଥିଲେ। ହାରିସନ୍ ଓ ସ୍କୁପ୍‌ସ୍କିଙ୍କ ଦ୍ୱିତୀୟ ଗ୍ରାଣ୍ଡ ସ୍ଲାମ୍ ଟାଇଟଲ୍ ଏହି ବିଜୟ ସହ ହାରିସନ୍ ଓ ସ୍କୁପ୍‌ସ୍କି ଯୋଡ଼ି ଚଳିତ ବର୍ଷ ଦ୍ୱିତୀୟ ଗ୍ରାଣ୍ଡ ସ୍ଲାମ୍ ଟାଇଟଲ୍ ହାସଲ କରିଛନ୍ତି। ଏହା ପୂର୍ବରୁ ଏହି ଯୋଡ଼ି ଅଷ୍ଟ୍ରେଲିଆନ୍ ଓପନ୍‌ରେ ମଧ୍ୟ ଚାମ୍ପିୟନ୍ ହୋଇଥିଲେ। ୟୁଏସ୍ ଓପନ୍‌ର ଏହି ଟାଇଟଲ୍ ହାରିସନ୍-ସ୍କୁପ୍‌ସ୍କି ଯୋଡ଼ିଙ୍କ ପାଇଁ ଚଳିତ ସିଜିନ୍‌ର ଉଲ୍ଲେଖନୀୟ ସଫଳତା ହୋଇଛି। ଅଷ୍ଟ୍ରେଲିଆନ୍ ଓପନ୍ ପରେ ଆଉ ଏକ ଗ୍ରାଣ୍ଡ ସ୍ଲାମ୍ ଟ୍ରଫି ଜିତି ସେମାନେ ନିଜ ଦବଦବା ଜାହିର କରିଛନ୍ତି।

## ଦିଲ୍ଲୀ କ୍ୟାପିଟାଲ୍ସ ବୋଲିଂ ପ୍ରଶିକ୍ଷକ ହେଲେ ଭାସ୍

ନୂଆଦିଲ୍ଲୀ : ଆଗାମୀ ଆଇପିଏଲ୍ ଋତୁ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସରେ ଯୋଗଦେବେ ପୂର୍ବତନ ଶ୍ରୀଲଙ୍କା ବାମହାତୀ ଦ୍ରୁତ ବୋଲର ଚାମିଣ୍ଡା ଭାସ୍। ଗତ ଦୁଇ ଋତୁରେ ମୁଖ୍ୟ ପ୍ରଶିକ୍ଷକ ହେମାଙ୍ଗ ବଦାନୀ, ନିର୍ଦ୍ଦେଶକ ବେଣୁଗୋପାଳ ରାଓ ଓ ବୋଲିଂ ପ୍ରଶିକ୍ଷକ ମୁନାଫ ପଟେଲଙ୍କ ତତ୍ତ୍ୱାବଧାନରେ ଦଳ ଖରାପ ପ୍ରଦର୍ଶନ କରିଥିଲା।ଏବେ ମୁଖ୍ୟ ପ୍ରଶିକ୍ଷକ ସନ୍ଧାନ ଫଳରେ ଦଳ ନୂଆ ପ୍ରଶିକ୍ଷକ ନିଯୁକ୍ତି କରିବାକୁ ଚିନ୍ତା କରିଥିଲା। ଏଥିଲାଗି ଫ୍ରାଞ୍ଚାଇଜ୍ ପ୍ରଶିକ୍ଷକ ପଦ ପାଇଁ ଭାରତର ପୂର୍ବତନ ବୋଲର ଜାହିର ଖାନ୍ ଓ ଅନିଲ କୁମ୍ବଲେଙ୍କ ସହ କଥାବର୍ତ୍ତା କରିଥିଲା।

## ଶୁଦ୍ଧ ପାନୀୟ ଜଳ ପ୍ରକଳ୍ପର ଶୁଭ ଉଦଘାଟନ କଲେ ସାଂସଦ



ଆଠଗଡ଼, ନରସିଂହପୁର ବ୍ଲକ୍ ବାଗଧରିଆ ଛକରେ ନୂତନ ଭାବେ ନିର୍ମିତ ବିଧାୟକ ଓ ସାଂସଦ ଶୁଦ୍ଧ ପାନୀୟ ଜଳ ପ୍ରକଳ୍ପର ଶୁଭ ଉଦଘାଟନ କଲେ ସାଂସଦ ରତ୍ନ ଭର୍ତ୍ତୃହରି ମହତାବ। ଏହି ଅବସରରେ ବିଧାୟକ ବିଜୟ କୁମାର ଦଳବେହେରାଙ୍କ ସହିତ କଟକ ଜିଲ୍ଲା (ଗ୍ରାମୀଣ) ସଭାପତି ରାମନାରାୟଣ ମହାନ୍ତି, କଟକ ଜିଲ୍ଲା ଗ୍ରାମୀଣ ଉପ ସଭାପତି ମନୋଜ୍ କୁମାର ପଣ୍ଡା,ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ତଥା ଜିଲ୍ଲା ବିଜେପି ସମ୍ପାଦକ ରଘୁପତି ମହାନ୍ତି,, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବୁଥ ସ୍ତରିୟ ସର୍ବପ୍ରଥମ ପ୍ରତିନଧି ବଡ଼ମ୍ବା ର୍ନିଚନ ମଣ୍ଡଳୀ ବିଭୂଦତ୍ତ ପଟ୍ଟନାୟକ, ସାଧାରଣ ସମ୍ପାଦକ ଜିଲ୍ଲା ଜିଲ୍ଲା (ଗ୍ରାମୀଣ) ସୂର୍ଯ୍ୟମଣୀ ଜେନା, ମୋର୍ଚ୍ଚା ସଭାପତି କଟକ ଜିଲ୍ଲା (ଗ୍ରାମୀଣ) ମହେଶ୍ୱର ସେଠୀ, ଗ୍ରାମର ସଭାପତି, ସମ୍ପାଦକ ଏବଂ ସମସ୍ତ ଅଞ୍ଚଳ ବାସୀ ଉପସ୍ଥିତ ଥିଲେ।

## ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ୫୧,୧୩୩ଟି ମାମଲାର ଆପୋଷ ସମାଧାନ

ବ୍ରହ୍ମପୁର: ଗଞ୍ଜାମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆଜି ଜିଲ୍ଲାର ବିଭିନ୍ନ ଅଦାଲତରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଜିଲ୍ଲା କୋର୍ଟ ସମେତ ଜିଲ୍ଲାର ସମସ୍ତ ଅଦାଲତରେ ଆୟୋଜିତ ଏହି ଲୋକ ଅଦାଲତରେ ମୋଟ ୫୧,୧୩୩ଟି ମାମଲାର ଆପୋଷ ସମାଧାନ କରାଯାଇଥିବା ବେଳେ ସମୁଦାୟ ୧୦ କୋଟି ୫ ଲକ୍ଷ ୭୮ ହଜାର ୮୧୫ ଟଙ୍କା ପ୍ରଦାନ ପାଇଁ ଆଦେଶ ହୋଇଛି।ଲୋକ ଅଦାଲତରେ ୫୨ଟି ଫୌଜଦାରୀ ଆପୋଷଯୋଗ୍ୟ ମାମଲାର ସମାଧାନ ହୋଇଥିବା ବେଳେ ନେଗୋସିଏବଲ୍ ଇନଷ୍ଟ୍ରୁମେଣ୍ଟ ଆକ୍ଟ ଅଧୀନରେ ୨୫ଟି ମାମଲାରେ ୬୬ ଲକ୍ଷ ୩୫ ହଜାର ୭୫୭ ଟଙ୍କା ଆଦାୟ ପାଇଁ ଆଦେଶ ହୋଇଛି। ସେହିପରି ବ୍ୟାଙ୍କ ଋଣ ଆଦାୟ ସମ୍ବନ୍ଧୀୟ ୧୯୩ଟି ମାମଲାରେ ୯୫ ଲକ୍ଷ ୯୮ ହଜାର ୮୧୯ ଟଙ୍କାର ସମାଧାନ କରାଯାଇଛି। ମୋଟର ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲର ୭୫ଟି ମାମଲାରେ ୭ କୋଟି ୫ ଲକ୍ଷ ୯୧ ହଜାର ଟଙ୍କାର କ୍ଷତିପୂରଣ ନିର୍ଦ୍ଧାରଣ ହୋଇଥିବା ବେଳେ ୨୬୧ଟି ଟ୍ରାଫିକ୍ ଚାଲାଣ ମାମଲା, ୧୧ଟି ଶ୍ରମ ବିବାଦ, ୫୪ଟି ବୈବାହିକ ବିବାଦ ଏବଂ ୧୭୯ଟି ଅନ୍ୟାନ୍ୟ ମାମଲାର ସମାଧାନ କରାଯାଇଛି। ଏଥିସହ ୫୦,୩୯୮ଟି ରାଜସ୍ୱ ମାମଲାରେ ୫ ଲକ୍ଷ ୯୪ ହଜାର ୫୩୮ ଟଙ୍କା ଆଦାୟ ହୋଇଥିବା ବେଳେ ସ୍ଥାୟୀ ଲୋକ ଅଦାଲତରେ ଜନସେବା ସମ୍ବନ୍ଧୀୟ ୫ଟି ମାମଲାର ସମାଧାନ ହୋଇଛି। ଏହାସହ ୫୫ଟି ଦେୱାନୀ ମାମଲାର ସମାଧାନ ସହ ୭୫ ଲକ୍ଷ ୭୮ ହଜାର ୪୫୪ ଟଙ୍କାର ଡିକ୍ରି ହୋଇଛି। ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜ୍ ଅଶାନ୍ତ କୁମାର ଦାସଙ୍କ ସମେତ ଦ୍ୱିତୀୟ ଏମ୍‌ଏସିଟି ବିଶ୍ୱଜିତ ଦାସ, ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ନରେଶ ମହାନ୍ତି, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଲଳିତା ମଞ୍ଜରୀ ପଟ୍ଟନାୟକ ଓ ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ବିବସ୍ୱତ ଗୌତମ ମୋଟର ଦୁର୍ଘଟଣା ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନରେ ଅଂଶଗ୍ରହଣ କରିଥିଲେ।



## ୩୫୨ ଖଣ୍ଡ ବଜ୍ରକାପ୍ତା କାତି ଜବତ : ୬ ଜଣ ଚାଲାଣ କାରି ଗିରଫ

ମାଲକାନଗିରି- ବେଆଇନ ଭାବେ ବନ୍ୟଜନ୍ତୁ ଚାଲାଣ ବିରୋଧରେ ବନବିଭାଗ କୁ ମିଳିଛି ବଡ଼ ସଫଳତା । ମାଲକାନଗିରି ବନ ଖଣ୍ଡ ଅଧୀନରେ ବଜ୍ରକାପ୍ତା କାତି ଅବୈଧ ଚାଲାଣ ନେଇ ବିଶ୍ୱସ୍ତ ସୂଚନା ପାଇ ମାଲକାନଗିରି ଓ ମାଥିଲି ରେଞ୍ଜର ମିଳିତ ଟିମ୍ ପକ୍ଷରୁ ମାଲକାନଗିରି ରେଞ୍ଜ ଅନ୍ତର୍ଗତ ପଦ୍ମଗିରି-ପାଣ୍ଡ୍ରିପାଣି ରାସ୍ତାରେ ଚଢ଼ାଉ କରାଯାଇଥିଲା।ଏହି ଚଢ଼ାଉ ସମୟରେ ପ୍ରାୟ ୨ କେଜି ଓଜନର ୩୫୨ଟି ମୂଲ୍ୟବାନ ବଜ୍ରକାପ୍ତା କାତି, ୩ଟି ମୋଟର ସାଇକେଲ ଜବତ କରାଯିବା ସହ ଏହି ଅବୈଧ କାରବାରରେ ସମ୍ପୃକ୍ତ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।ବଜ୍ରକାପ୍ତା ବନ୍ୟପ୍ରାଣୀ (ସୁରକ୍ଷା) ଅଧିନିୟମ, ୧୯୭୨ (୨୦୨୨ ସଂଶୋଧିତ) ଅନୁଯାୟୀ ଅନୁସୂଚୀ-୧ ଭୁକ୍ତ ସୁରକ୍ଷିତ ପ୍ରଜାତି। ଏହାର ଶିକାର, ରଖିବା ଓ ବିକ୍ରି ଏକ ଗୁରୁତର ଅପରାଧ ଅଟେ।ଏହି ଘଟଣାରେ ବନ୍ୟପ୍ରାଣୀ ଅପରାଧ ମାମଲା ରୁଜୁ କରାଯାଇଛି ଏବଂ କାତିର ଉତ୍ସ ଓ ଏହି ବେଆଇନ ବନ୍ୟଜନ୍ତୁ ବେପାରରେ ଅଭିଯୁକ୍ତମାନେ ହେଲେ- ରାମ କୃଷ୍ଣ ଗଦବା, ପୂର୍ଣ୍ଣ ଭୂମିଆ, ଈଶ୍ୱର ଭୂମିଆ ଉଦୁଲିବେଡ଼ା, ମାଥିଲି। କୁମା ବିଶୋଇ, ଭୋଇଗୁଡ଼ା, ମୁଦୁଲିପଡ଼ା। ସୁଶାନ୍ତ ଖିଲ୍, ବାସନିଗୁଡ଼ା ବୈପାରୀଗୁଡ଼ା। ଲକ୍ଷ୍ମଣ ଶିଳପଡ଼ିଆ, ପାଲିଗୁଡ଼ା, ବୈପାରୀଗୁଡ଼ା।ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ତାହା ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଛିମାଲକାନଗିରି ବନ ଖଣ୍ଡ ବନ୍ୟଜନ୍ତୁ ସୁରକ୍ଷା ଓ ଅବୈଧ ଶିକାର ଏବଂ ଚାଲାଣ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରତିବଦ୍ଧ ବୋଲି ବନଖଣ୍ଡ ଅଧିକାରୀ ଶ୍ରୀ ସାଇ କିରଣ ଡିଏନ ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଛି।



## ଅପରାଧ ତ୍ୱରିତ ତଦନ୍ତ ଓ ଅପରାଧ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

ଅନୁଗୋଳ ଅନୁଗୋଳ ଡି.ପି.ଓ. ସମ୍ମିଳନୀ କକ୍ଷରେ ଏସ୍‌ପିଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅପରାଧ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅତିରିକ୍ତ ଏସ୍‌ପିଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ, ଜିଲ୍ଲାର ସମସ୍ତ ଥାନାର ଆଇଆଇସି ଓ ଏସ୍‌ଡିପିଓମାନେ ଯୋଗଦେଇଥିଲେ। ବୈଠକରେ ଜିଲ୍ଲାର ସାମଗ୍ରିକ ଅପରାଧ ସ୍ଥିତି, ବିଚାରାଧୀନ ମାମଲା, ବିଭିନ୍ନ ମାମଲାର ତଦନ୍ତ ଅଗ୍ରଗତି ଏବଂ ଗୁରୁତ୍ୱପୂର୍ଣ୍ଣ ଅପରାଧିକ ଘଟଣାର ସମୀକ୍ଷା କରାଯାଇଥିଲା। ଏଥିସହ ଅପରାଧର ନୂତନ ଧାରା ଓ ତାହାର ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା।ଏସ୍‌ପି ବିଭିନ୍ନ ମାମଲାର ତଦନ୍ତ ଅଗ୍ରଗତି ସହ ତଦାରଖ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ମାମଲାଗୁଡ଼ିକର ତ୍ୱରିତ ଓ ସମୟୋଚିତ ତଦନ୍ତ, ଗୁଣାତ୍ମକ ତଦନ୍ତ ଏବଂ ଫଳପ୍ରଦ ତଦାରଖ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।ବିଚାରାଧୀନ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସହ ଅପରାଧ ନିୟନ୍ତ୍ରଣ ଦିଗରେ ଅଧିକ ସକ୍ରିୟ ଓ ସମନ୍ୱିତ ପଦକ୍ଷେପ ନେବାକୁ ଏସ୍‌ପି ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଇନଶୃଙ୍ଖଳା ବଜାୟ ରଖିବା ।

PRINTED BY- PRASANTA KUMAR POTHAL AND OWNED, PUBLISHED AND EDITED BY **JYOTIRMAYA PANDA**, PRINTED AT- OMM PRINTERS PLOT NO-6709, NEAR RADHAKRUSHNA TEMPLE, MANCHESWAR INDUSTRIAL ESTATE, KHORDHA, ODISHA - 751010 AND PUBLISHED FROM-LB-58, BHIMATANGI HOUSING BOARD COLONY, KAPILPRASAD, BHUBANESWAR, KHORDHA, ODISHA - 751002

CHIEF EDITOR: SIMANCHAL PATTNAIK ମୁଖ୍ୟ ସଂପାଦକ : ସିମାଞ୍ଚଳ ପଟ୍ଟନାୟକ Email:-aamarprayas@gmail.com Mob:-9937020732 EDITOR : JYOTIRMAYA PANDA ସଂପାଦକ : ଜ୍ୟୋତିର୍ମୟ ପଣ୍ଡା